ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୭
୧୪ ଡିସେମ୍ବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 187
14th December, 2025 Sunday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଦ୍ୱାବିମୌ ପୁରୁଷୌ ଲୋକେ ସୂର୍ଯ୍ୟ ମଣ୍ଡଳ ଭେଦିନୌ ।
ପରିବ୍ରାଡ ଯୋଗ ଯୁକ୍ତସ୍ୟ ରଣେ ଚଭିମୁଖୋ ହତଃ ॥**

ଦୁଇ ପ୍ରକାର ପୁରୁଷ ସୂର୍ଯ୍ୟମଣ୍ଡଳ ଭେଦ କରି ସ୍ୱର୍ଗୀୟ ପରମାନନ୍ଦ ପ୍ରାପ୍ତ ହୋଇଥାନ୍ତି । ସେମାନେ ହେଲେ ଯୋଗଯୁକ୍ତ ପରିବ୍ରାଜକ ଅର୍ଥାତ୍ ଯୋଗୀ ଏବଂ ଯୁଦ୍ଧକ୍ଷେତ୍ରରେ ସଂଗ୍ରାମରତ ଅବସ୍ଥାରେ ମୃତ୍ୟୁବରଣକାରୀ ଶୂରବୀରଗଣ ।

### ବିଧାୟକଙ୍କ ବର୍ଦ୍ଧିତ ଭତ୍ତାକୁ ନେଇ ଲୋକେ ତାତିଲେଣି

# ନବୀନ କହିଲେ ନେବିନି

**ଭୁବନେଶ୍ୱର, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭା ଶୀତ ଅଧିବେଶନର ଶେଷ ଦିନରେ ନିର୍ବିରୋଧରେ ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତି, ବିରୋଧୀ ଦଳ ନେତା, ପୂର୍ବତନ ବିଧାୟକଙ୍କର ଦରମା ଓ ଭତ୍ତା ରକେଟ୍ ଭଳି ବଢ଼ିଲା । ଏହି ଖବର ଜଣାପଡିବା ପରେ ରାଜ୍ୟବ୍ୟାପି ଲୋକଙ୍କ ଭିତରେ ଦେଖାଦେଇଛି ନାହିଁ ନଥିବା ଅସନ୍ତୋଷ । ଏହି ନିଷ୍ପତ୍ତିକୁ ନେଇ ଲୋକେ କେତେ ଜୋର୍‌ରେ ତାତିଛନ୍ତି ତାହା ପ୍ରତିଫଳିତ ହେଉଛି ସୋସିଆଲ୍ ମିଡିଆରେ । ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ଏହି ନିଷ୍ପତ୍ତିକୁ ବିରୋଧ କରି ପଦାକୁ ବାହାରିଥିବାବେଳେ ଶନିବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ଓ ଭତ୍ତା ନେବେନି ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ନବୀନବାବୁ ଏକ ଚିଠି ଲେଖି



ଜଣାଇଛନ୍ତି ଯେ 'ଓଡ଼ିଶାବାସୀ ଦୀର୍ଘ ୨୫ ବର୍ଷ ଧରି ମୋତେ ଯେଉଁ ସ୍ନେହ ଆଉ ଭଲପାଇବା ଦେଇଛନ୍ତି ସେନେଇ ଓଡ଼ିଶାବାସୀଙ୍କ ପାଖରେ ମୁଁ ଚିର ଋଣି । ତେଣୁ ମୋର ବର୍ଦ୍ଧିତ ଦରମା ଓ ଭତ୍ତାକୁ ସେମାନଙ୍କ ଉଦ୍ଦେଶ୍ୟରେ ସହୃଦୟତାର ସହ ଦାନ କରିବା ନେଇ ଘୋଷଣା କରୁଛି ।'

ସେ ଆହୁରି ମଧ ଦର୍ଶାଇଛନ୍ତି ଯେ, "୨୦୧୫ରେ ଆମ ପରିବାର କଟକସ୍ଥିତ ଆନନ୍ଦ ଭବନକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ମନୋଭାବ ନେଇ ସମର୍ପଣ କରିଥିଲେ ସେଇ ମନୋଭାବ ନେଇ ମୋର ବର୍ଦ୍ଧିତ ଦରମା ୩ ଲକ୍ଷ ୬୨ ହାଜର ଟଙ୍କାକୁ ଦାନ କରିବି" ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ସେ ଏନେଇ ଚିଠି ଲେଖିବା ସହ ବିଧାନସଭା ବାଚସ୍ପତିଙ୍କୁ ମଧ ଉକ୍ତ ଚିଠି ପ୍ରେରଣ କରିଛନ୍ତି ।

### ବେତନ ବୃଦ୍ଧିକୁ ବିଜେପି ବିଧାୟକଙ୍କ ସମର୍ଥନ

# ଯାହା ମିଳିଲା ବହୁତ କମ୍

**ଭୁବନେଶ୍ୱର, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ୟପକ୍ଷରେ ଏହା ଠିକ୍ ପଦକ୍ଷେପ ବୋଲି ଯୁକ୍ତି ବାଢ଼ିବା ସହ ଯାହା ବଢ଼ିଛି, ତାହା ବହୁତ କମ୍ ବୋଲି କହିଛନ୍ତି ବିଜେପିର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର । ସେ କହିଛନ୍ତି, ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ କେହି ଆଲୋଚନା କରୁନାହାନ୍ତି । କେବଳ ଗଣମାଧ୍ୟମରେ ଏନେଇ ଆଲୋଚନା ହେଉଛି । ଛୁଆ ଜନ୍ମରୁ ଜଣଙ୍କର ମୃତ୍ୟୁ ପର୍ଯ୍ୟନ୍ତ ବିଧାୟକମାନେ ପଇସା ଦେଉଛନ୍ତି । ମୁଁ ଭାବୁଛି, ଯେଉଁ ପଇସା ମିଳିଲା, ତାହା ବି ବହୁତ କମ୍ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନୁହେଁ । ୩ ଲକ୍ଷ ୪୦ ହଜାର ଟଙ୍କାକୁ ଲୋକେ ବେଶୀ ଭାବିବେ ବୋଲି ମୋତେ ଲାଗୁନି । ଗୋଟିଏ ମାସରେ ଜଣେ ବିଧାୟକଙ୍କର କେତେ ଖର୍ଚ୍ଚ ହୁଏ, ତାହା ଜଣେ ତାଙ୍କ ସହିତ ୭ ଦିନ ରହିଲେ ଜାଣିପାରିବେ । ଆମେ କେଉଁଠି କ'ଣ ପାଇଁ କେତେ ଟଙ୍କା ଖର୍ଚ୍ଚ କରୁଛୁ, ତାହା ଜଣେ ଆମ ସହିତ ରହିଲେ ହିଁ ଜାଣିପାରିବେ । କିଛି ନଜାଣି, କେବଳ ସମାଲୋଚନା ନ । ଁ େ ର ସମାଲୋଚନା କଲେ କ'ଣ ହେବ । ମୋ ପାର୍ଟି ବିଧାୟକଙ୍କ ଦରମା ବୃଦ୍ଧି କରିଛି । ମୁଁ ଏହାକୁ ସମର୍ଥନ କରୁଛି ।




ଚ । ଷ 1 , ଶ୍ରମିକ ଓ ଅନ୍ୟ ବେତନଭୋଗୀଙ୍କ କଥା ପଚରାଯିବାରେ ଜୟନାରାୟଣ କହିଛନ୍ତି, ଆମେ ପରା ଚାଷୀଙ୍କୁ ୩୧୦୦ ଟଙ୍କା ଦେଉଛୁ । ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିଛୁ । ସେହିପରି ବେତନ ହାର ପେ'କମିଶନଙ୍କ ଅନୁସାରେ ବଢୁଛି । ବିଧାୟକଙ୍କ ଦରମା ବୃଦ୍ଧିକୁ ଈର୍ଷା କରି ସମାଲୋଚନା କରାଯାଉଛି । ସାଧାରଣ ଲୋକ କିଛି କହୁଛନ୍ତି କି ? ସାଧାରଣ ଲୋକେ ଯେଉଁମାନେ ଭୋଟ୍ ଦେଇଛନ୍ତି, ସେମାନେ ଜାଣିଛନ୍ତି ଯେ ଆମଠୁ ସେମାନେ ସାହାଯ୍ୟ ପାଉଛନ୍ତି । ଯେଉଁମାନେ ଭୋଟ୍ ଦେଇ ଯାଉନାହାନ୍ତି, ସେମାନେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍କୁଲ ଛାତ୍ରଙ୍କ ହାତକୁ ବି ଗଲାଣି ବନ୍ଧୁକ

**କେନ୍ଦ୍ରାପଡ଼ା, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ମଦ ଓ ବନ୍ଧୁକର ଅବାଧ କାରବାର ନେଇ 'ଓଡ଼ିଶା ଏକ୍ସପ୍ରେସ୍'ରେ ବହୁବାର ରିପୋର୍ଟ ପ୍ରକାଶ ପାଇଛି । ହେଲେ ଏଥିପ୍ରତି ଗୁଇନ୍ଦା ଓ ପୋଲିସର ବେପରୁଆ ମନୋଭାବ ଯୋଗୁ




ଏବେ ବନ୍ଧୁକ ଯାଇ ପହଂଚିଲାଣି ସ୍କୁଲ ଛାତ୍ରଙ୍କ ହାତରେ । ଗତ ଶୁକ୍ରବାର ଦିନ କୁଦାନଗରୀ ଥାନା ଅନ୍ତର୍ଗତ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଠାରୁ ଏକ ବନ୍ଧୁକ ଓ ଗୁଳି ଜବତ ହେବା ପରେ ଘଟଣାଟି ଚାଂଚଲ୍ୟ ସୃଷ୍ଟି କରିଛି । ସ୍କୁଲର ଗଣିତ ଶିକ୍ଷକ ନବମ ଶ୍ରେଣୀରେ ପାଠ ପଢାଉଥିବାବେଳେ ଜଣେ ଛାତ୍ରଙ୍କ ପକେଟ୍ ଉଚ୍ଚା ଦେଖାଯିବାରୁ ସେ ଯାଂଚ କରିଥିଲେ ଏବଂ ଛାତ୍ରଟିର ପକେଟ୍‌ରେ ଏକ ବନ୍ଧୁକ ଥିବା ଦେଖାଯାଇଥିଲା । ଏଥିନେଇ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଇଥିଲେ ଏବଂ ପ୍ରଧାନ ଶିକ୍ଷକଙ୍କ ରିପୋର୍ଟ କ୍ରମେ ଥାନା ପୋଲିସ ତତ୍କାଳ ସ୍କୁଲ ରେ ପହଂଚି ଉକ୍ତ ବନ୍ଧୁକ ଓ ଗୁଳି ଜବତ କରିଥିଲେ । ତେବେ ଛାତ୍ର ଜଣକ ଖସି ପଳାଇଯିବାକୁ ଉଦ୍ୟମ କରିଥିଲେ । ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ ମଧ୍ୟ ନାକେଦମ ହୋଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଧାନମଣ୍ଡଳର ଏହି ଛାତ୍ର ଜଣକ ନାମରେ କୁଦାନଗରୀ ଥାନାରେ ଏତଲା ଦାୟର କରାଯାଇଥିଲା । ପୋଲିସ ଛାତ୍ର ଜଣଙ୍କୁ ସୁଧାର ଗୃହକୁ ପଠାଇ ଘଟଣାର ଅଧିକ ଅନୁସନ୍ଧାନ ଚଳାଇଛନ୍ତି । ଛାତ୍ର ଜଣକ ବନ୍ଧୁକ କେଉଁଠୁ ଆଣିଲା, ଏଥିନେଇ ବିସ୍ତୃତ ତଦନ୍ତ ଆରମ୍ଭ ହୋଇଛି । ଏହାକୁ କିଏ ଦେଇଛି, କେଉଁଠୁ ଆସିଛି, ଏବଂ ପିଲାଟିକୁ ବନ୍ଧୁକ ଦେବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ସେଥିନେଇ ଖୋଳତାଳ କରୁଛି ପୋଲିସ । କେନ୍ଦ୍ରାପଡାରେ ଚୋରା ବନ୍ଧୁକର ଅବାଧ କାରବାର ଯୋଗୁ କଥା କଥାରେ ଗୁଳି ଫୁଟିବା ଦେଖାଯାଉଥିଲା । ହେଲେ ଜଣେ ଛାତ୍ରଙ୍କ ହାତକୁ ବନ୍ଧୁକ ଆସିବା ନେଇ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରତିବର୍ଷ ୨ ଲକ୍ଷ ଭାରତୀୟ ଛାଡୁଛନ୍ତି ନାଗରିକତା

**ନୂଆଦିଲ୍ଲୀ, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶ ଛାଡି ବିଦେଶ ପଳାଉଛନ୍ତି ଭାରତୀୟ । ସେହି ଦେଶର ନାଗରିକତା ପାଇ ଭାରତର ନାଗରିକତା ଛାଡି ଦେଉଛନ୍ତି । ପ୍ରତିବର୍ଷ ବିଦେଶରେ ବସବାସ କରୁଥିବା ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଉଛି । ପ୍ରତିବର୍ଷ ୨ ଲକ୍ଷ ଭାରତୀୟ ବିଦେଶରେ ବସବାସ କରୁଛନ୍ତି ଏବଂ ଭାରତୀୟ ନାଗରିକତା ଛାଡୁଛନ୍ତି । ଗତ ୫ ବର୍ଷର ତଥ୍ୟକୁ ଦେଖିଲେ, ୯ ଲକ୍ଷ ଭାରତୀୟ ସେମାନଙ୍କର ନାଗରିକତା ଛାଡିଛନ୍ତି । ନାଗରିକତା




ଛାଡିବାର ମୁଖ୍ୟ କାରଣ ହେଉଛି ବିଦେଶରେ ଉନ୍ନତ ଜୀବନଶୈଳୀ, ଚାକିରି ଏବଂ ଉତ୍ତମ ଶିକ୍ଷା ସୁଯୋଗ । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ସଂସଦରେ ଏହି ସଂଖ୍ୟା ଏବଂ କାରଣଗୁଡ଼ିକୁ ସେୟାର କରିଛନ୍ତି ।

ସେ କହିଛନ୍ତି ଯେ ୨୦୧୧ରୁ ୨୦୨୪ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଭାରତୀୟ ବିଦେଶରେ ରହିବା ପାଇଁ ନିଜ ଦେଶ ଛାଡିଛନ୍ତି । ୨୦୨୧ ପରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବା ଆରମ୍ଭ କରିଛି । ଏହି ବର୍ଷ ସେମାନଙ୍କର ନାଗରିକତା ପରିତ୍ୟାଗ କରୁଥିବା ଲୋକଙ୍କ ସଂଖ୍ୟାରେ ଏକ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି । ୨୦୨୨ ରେ, ରେକର୍ଡ ୨.୨୫ ଲକ୍ଷ ଲୋକ ସେମାନଙ୍କର ନାଗରିକତା ପରିତ୍ୟାଗ କରିଥିଲେ । ୨୦୨୩ରେ, ଦେଶ ଛାଡିଥିବା ଲୋକଙ୍କ ସଂଖ୍ୟା ୨.୧୬ ଲକ୍ଷ ଥିଲା । ୨୦୨୪ ପାଇଁ ସରକାରୀ ସଂଖ୍ୟା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାଲକାନଗିରିରେ ଆଉ ୩୬ ଘଣ୍ଟା ଇଣ୍ଟରନେଟ୍ କଟକଣା

**ଭୁବନେଶ୍ୱର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ଆଉ ୩୬ ଘଣ୍ଟା ପାଇଁ ଇଣ୍ଟରନେଟ୍ କଟକଣା ବୃଦ୍ଧି କରାଯାଇଛି । ସୋମବାର ଦିନ ୧୨ଟା ଯାଏଁ ଇଣ୍ଟରନେଟ୍ କଟକଣାକୁ ବଳବତ୍ତର ରଖାଯିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି । ପ୍ରକାଶଯୋଗ୍ୟ ଏମ୍‌ଭି ୨୬ ଗାଁ ଓ ରାଖେଲଗୁଡା ଗାଁରେ ଉତ୍ତେଜନା ଲାଗିରହିଥିବାରୁ ଏହାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି ।

ସ୍ଥିତି ସୁଧାର ଆସୁଥିବାରୁ ଜିଲ୍ଲା ପ୍ରଶାସନ ତରଫରୁ ଗତ ସୋମବାରରୁ ଲାଗିଥିବା ବିଏନ୍ ଏସ ଧାରା ୧୬୩ ହଟାଯାଇଛି । ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଯୋଗୁଁ ମୋଟ ୩ କୋଟି ୮୦ ଲକ୍ଷ ଟଙ୍କା କ୍ଷୟକ୍ଷତିର ଆକଳନ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି । ଗାଁରେ ନିଆଁ ଲାଗିଯିବା ଫଳରେ ଶତାଧିକ ଘର ନିଆଁରେ ପୋଡ଼ି ଛାରଖାର ହୋଇଯାଇଥିଲା । ଯାହା ଫଳରେ ଲୋକମାନେ ଅନ୍ଧାରରେ ବସବାସ କରୁଥିଲେ । ଗାଁରେ ମଧ ବିଦ୍ୟୁତ ସଂଯୋଗ ଓ ଜଳଯୋଗାଣ ସ୍ୱାଭାବିକ ହୋଇଛି । ହିଂସାକାଣ୍ଡ ଘଟାଇଥିବା ମୋଟ ୬ ଜଣଙ୍କୁ ଗିରଫ କରାଯାଇଥିବା ଜିଲାପାଳ କହିଛନ୍ତି ।

ସୂଚନାଯୋଗ୍ୟ ମାଲକାନଗିରି ଜିଲା ପୋଟେରୁ ନଦୀ ତୁଡାମେଟଲା ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା *(ଶେଷ ପୃଷ୍ଠା ଦେଖନ୍ତୁ)*

# ମେସିଙ୍କୁ ନେଇ ମାହୋଲ ସରଗରମ: ଗିରଫ ହେଲେ ଆୟୋଜକ

**କୋଲକାତା, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ କୋଲକାତା ସ୍ଥିତି 'ଜିଓଏଟି ଟୁର୍ ଅଫ୍ ଇଣ୍ଡିଆ-୨୦୨୫'ରେ ବ୍ୟାପକ ହଙ୍ଗାମା ଦେଖିବାକୁ ମିଳିଛି । ମେସି ଆଜି କୋଲକାତାର ସଲ୍ଟ ଲେକ ଷ୍ଟାଡିୟମରେ ପହଞ୍ଚିଥିଲେ ହେଁ ପ୍ରବଳ ବିଶୃଙ୍ଖଳା ଦେଖିବାକୁ ମିଳିଛି । ଫ୍ୟାନ୍‌ମାନେ ମେସିଙ୍କୁ ଠିକ ଭାବେ ଦେଖି ନ ପାରିବାରୁ ଷ୍ଟାଡିୟମରେ ଭଙ୍ଗାରୁଜା କରିଛନ୍ତ ।

ଖାସ ଏଥିପାଇଁ ମେସି ୨୦ ମିନିଟ ମଧ୍ୟରେ ଷ୍ଟାଡିୟମ ଛାଡି ଚାଲି ଯାଇଥିଲେ । ତେବେ କାର୍ଯ୍ୟକ୍ରମ ଆୟୋଜନରେ ବ୍ୟାପକ ଅବ୍ୟବସ୍ଥା ଘଟଣାରେ ପୁଲିସ୍ ମୁଖ୍ୟ ଆୟୋଜକ ସତାଦ୍ରୁ ଦତ୍ତଙ୍କୁ ଗିରଫ କରିଛି । ସେ ହିଁ ମେସିଙ୍କ କାର୍ଯ୍ୟକ୍ରମର ଆୟୋଜକ କୋଲକାତାରେ କରିଥିଲେ । ଘଟଣା



ପରେ ତାଙ୍କ ଗିରଫ କରାଯାଇଥିବା ଅତିରିକ୍ତ ଡିଜି(ଆଇନ ଶୃଙ୍ଖଳା) ଜାଭେଦ ଶାମିମ ନିଶ୍ଚିତ କରିଛନ୍ତି ।

ସତାଦ୍ରୁ ଦତ୍ତ ହେଉଛନ୍ତି ମୁଖ୍ୟ ଆୟୋଜକ ତଥା କାର୍ଯ୍ୟକ୍ରମର ପ୍ରମୋଟର । ମେସିଙ୍କ ଭାରତ ଗସ୍ତ ପଛରେ ସେ ହିଁ ରହିଥିଲେ । କୋଲକାତାର ବିଭିନ୍ନ ସ୍ଥାନରେ ଲାଗିଥିବା ମେସିଙ୍କ ବ୍ୟାନର ଓ ପୋଷ୍ଟର ତଳେ 'ଏ ସତାଦ୍ରୁ ଦତ୍ତ ଇନିସିଏଟିଭ୍' ଉଲ୍ଲେଖ କରାଯାଇଥିଲା । ମେସିଙ୍କ ଆଗମନ ପୂର୍ବରୁ ସତାଦ୍ରୁ କହିଥିଲେ କହିଥିଲେ ଯେ "୧୪ ବର୍ଷ ପରେ ମେସି ଭାରତ ଆସୁଥିବାରୁ ଗୋଟିଏ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି ।

ମେସିଙ୍କୁ ଦେଖିବା ପାଇଁ ଏହା ଫ୍ୟାନ୍ସଙ୍କ ପାଖରେ ଗୋଟିଏ ଅପୂର୍ବ ସୁଯୋଗ ସୃଷ୍ଟି କରିଥିଲା । ଫୁଟବଲ ସହ ଭାରତର ସଂଯୋଗ ପୁଣି ବଢ଼ିବାରେ ଲାଗିଛି । ଭାରାତୀୟ ଫୁଟବଲକୁ କେବେ ହେଲେ ଏତେ ସଂଖ୍ୟକ ପ୍ରାୟୋଜକ କେବେ ଆସି ନଥିଲେ ।"

ପୂର୍ବରୁ ସତାଦ୍ରୁଙ୍କ ଉଦ୍ୟମ ଯୋଗୁ ଫୁଟବଲ ଆଇକନ ପେଲେ ଓ ଡିଆଗୋ ମାରାଡୋନା ଭାରତ ଆସିଥିଲେ । ଏବେ ସେ ମେସିଙ୍କୁ ଭାରତ ଆଣିଛନ୍ତି । ଆଗକୁ ସେ ପର୍ତ୍ତୁଗାଲ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ମଧ ଭାରତ ଆଣିବାକୁ ଯୋଜନା କରିଥିଲେ । କିନ୍ତୁ ଶନିବାର ମେସିଙ୍କ ବହୁ ପ୍ରତିକ୍ଷୀତ କୋଲକାତା *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍ୱାମୀକୁ ହତ୍ୟା ସ୍ତ୍ରୀ ଅଟକ

**ଖଣ୍ଡପଡ଼ା, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ଥାନା ଅଧିନ ଖଳିସାହି ପଞ୍ଚାୟତର ବାସୁଦେବପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଅତି ଅମାନୁଷିକ ଭାବେ ଜଣେ ସ୍ତ୍ରୀ ତା'ର ସ୍ୱାମୀକୁ ହତ୍ୟା କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଉକ୍ତ ମହିଳାଙ୍କୁ ଥାନାରେ ଅଟକ ରଖିଥିବା ପୋଲିସ ସୂତ୍ରରୁ ଜଣାପଡିଛି । ସାଇଣ୍ଟିଫିକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜନଗଣନା ବେଳେ ସୂଚନା ନଦେଲେ ହୋଇପାରେ ଜେଲ୍

**ନୂଆଦିଲ୍ଲୀ, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜନଗଣନା ଅଧିନିୟମ ୧୯୪୮ ଅନୁସାରେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଜନଗଣନା ଅଧିକାରୀଙ୍କ ଦ୍ୱାରା ପଚରାଯିବାରେ ସୂଚନା ଦେବା ଆଇନତଃ ଜରୁରି । ଉଲ୍ଲେଖଯୋଗ୍ୟ ଯେ ଜାତୀୟ ଜନଗଣନାରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ । ଏଥିରେ ଯଦି କୌଣସି ନାଗରିକ ଜାଣିଶୁଣି ଜନଗଣନା ପ୍ରଶ୍ନର ଜବାବ ନ ଦିଏ ଏହାକୁ ଜନଗଣନା ଅଧିନିୟମର ଉଲ୍ଲଂଘନ ମନେ କରାଯିବ । ଆଇନ ଅଧିକାରୀଙ୍କୁ ଏପରି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅଧିକାର ଦେଇଛି ।

ସୂଚନା ଦେବାକୁ ମନା କଲେ ନାଗରିକଙ୍କୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମନା ହୋଇପାରେ । ଏହି ରାଶି ଖୁବ କମ ମନେ ହେଉଛି । ତେବେ




ଜରିମନା ଆଦାୟ କରି ରାଜକୋଷ ଭରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବରଂ ଏଥିଲାଗି ଲୋକଙ୍କୁ ସଚେତନ କରିବା ମୁଖ୍ୟ ଉଦ୍ଦେଶ୍ୟ । ଗୁରୁତର ଅପରାଧ ଯେପରିକି ଜନଗଣନା କାମରେ ବାଧା ଦେବା, ଅଧିକାରୀଙ୍କୁ ଧମକାଇବା ଅଥବା ଚେତାବନୀ ପରେ ବାରମ୍ବାର ମନା କରିବା ଯୋଗୁ ଆଇନ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଅଥବା ଜରିମନା କିମ୍ବା ଉଭୟ ଦଣ୍ଡ ହୋଇପାରେ । ହେଲେ ଏ ପର୍ଯ୍ୟନ୍ତ ଦେଶରେ ଏହି ପ୍ରାବଧାନକୁ କେଉଁଠି ହେଲେ ଉପଯୋଗ କରାଯାଇନି ।

ଯଦି କୌଣସି ବ୍ୟକ୍ତି ଜନଗଣନା ଅଧିକାରୀଙ୍କୁ ପ୍ରବେଶ କରିବାକୁ ଅଟକାଏ ଏହି କାର୍ଯ୍ୟ ଏକ ଦଣ୍ଡନୀୟ ଅପରାଧ । ଜନଗଣନା ଅଧିକାରୀଙ୍କୁ ଆଇନତଃ *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରକୁ ବନ୍ଦ କରିଦେଲେ ସରକାର

**ଭୁବନେଶ୍ୱର, ୧୩।୧୨**
**ତଥ୍ୟ**

ସରକାରୀ ଡାକ୍ତରଖାନା ପରିସରରେ ଜନଔଷଧି କେନ୍ଦ୍ର ଖୋଲାଯିବାକୁ କର୍ଣ୍ଣାଟକ ହାଇକୋର୍ଟ ଯୁକ୍ତିଯୁକ୍ତ ଦର୍ଶାଇଥିବାବେଳେ ଓଡ଼ିଶାରେ ସରକାରୀ ଡାକ୍ତରଖାନା ପରିସରରେ ଖୋଲିଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରରେ କିନ୍ତୁ ତାଲା ପଡିଯାଇଛି । ଏହାକୁ ଖୋଲିବାପାଇଁ ରାଜ୍ୟ ସରକାର କେବେ ନିଷ୍ପତ୍ତି ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି । ୨୦୧୦ ମସିହା ଏପ୍ରିଲ ମାସରେ ଓଡ଼ିଶାରେ ପ୍ରଥମେ ଜନଔଷଧି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ରାଜ୍ୟ ରାଜଧାନୀରେ ଥିବା ରେଡକ୍ରସ ଭବନ ପରିସରରେ ଏହା ଆନୁଷ୍ଠାନିକ ଭାବେ ଖୋଲିଥିବାବେଳେ ରୋଗୀଙ୍କ ସୁବିଧାକୁ ନଜରରେ ରଖି କ୍ୟାପିଟାଲ ହସ୍ପିଟାଲ ପରିସରରେ ବି ଗୋଟିଏ ବିକ୍ରୟକେନ୍ଦ୍ର ଖୋଲିଥିଲା । ଫଳରେ ଡାକ୍ତରଖାନାକୁ ଆସୁଥିବା ହଜାର ହଜାର ରୋଗୀ ଶସ୍ତାରେ ଔଷଧ ପାଇପାରୁଥିଲେ ।

ସରକାରୀ କାଗଜପତ୍ରରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଜନଔଷଧି କେନ୍ଦ୍ରର ମାଲିକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ । ତେଣୁ ଏହା ଉପରେ ତାଙ୍କର ନିୟନ୍ତ୍ରଣ ଥିଲା । କିନ୍ତୁ ଦୀର୍ଘବର୍ଷ ଏହି ଜନଔଷଧି କେନ୍ଦ୍ର ଚାଲିବାପରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏହାକୁ ବନ୍ଦକରି ଦେଇଛନ୍ତି । ଫଳରେ ରୋଗୀମାନେ ଆବଶ୍ୟକ କେତେକ ଔଷଧ ପାଇଁ କ୍ୟାପିଟାଲ ହସ୍ପିଟାଲ ଆଖପାଖରେ ଥିବା ଘରୋଇ ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି ।




ବର୍ତ୍ତମାନ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରେ ଅଧିକରୁ ଅଧିକ ଜନ ଔଷଧି କେନ୍ଦ୍ର ଖୋଲିବାପାଇଁ ଉଦ୍ୟମ ଚାଲିଛି । ଲୋକେ ଯେଭଳି ଶସ୍ତାରେ ଔଷଧ ପାଇପାରିବେ ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ସହିତ ଜନଔଷଧି କେନ୍ଦ୍ର ଦ୍ୱାରା ଲୋକେ କେତେ ପରିମାଣରେ ଉପକୃତ ହେଉଛନ୍ତି ତାହାର ବାର୍ଷିକ ରିପୋର୍ଟ ପ୍ରକାଶ କରୁଛନ୍ତି ।

ଓଡିଶାରେ ମଧ ବିଭିନ୍ନ ସ୍ଥାନରେ ଏକାଧିକ ଜନଔଷଧି କେନ୍ଦ୍ର ଖୋଲୁଛି ଏବଂ ଲୋକେ ସେଠାରୁ ଶସ୍ତାରେ ଔଷଧ ସମେତ ଡାକ୍ତରୀ ସାଜ ସରଞ୍ଜାମ, ଭିଟାମିନ୍, ଚ୍ୟାବନପ୍ରାସ, ପ୍ରୋଟିନ୍ ପାଉଡର ଆଦି ଅତି ଶସ୍ତାରେ ପାଉଛନ୍ତି । ଏଭଳି ସ୍ଥଳେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଖୋଲାଥିବା ଜନଔଷଧି କେନ୍ଦ୍ରକୁ କ'ଣ ପାଇଁ ବନ୍ଦ କରାଗଲା ତାହାର ସୂଚନା କାହାରି ପାଖରେ ନାହିଁ ।

ସରକାରୀ ଡାକ୍ତରଖାନା, ଏପରିକି କ୍ୟାପିଟାଲ ହସ୍ପିଟାଲରେ ମଧ ରୋଗୀଙ୍କ ଚାହିଦା ମୁତାବକ ସମସ୍ତ ଔଷଧ ମିଳିପାରୁ ନାହିଁ । ଡାକ୍ତରମାନେ ବାଧହୋଇ କିଛି ଔଷଧ ବାହାରୁ ନେବାପାଇଁ ଲେଖୁଛନ୍ତି । ଯଦି ଜନ ଔଷଧି କେନ୍ଦ୍ରଟି ଏଠାରେ ଥାଆନ୍ତା ତେବେ ରୋଗୀମାନେ ଶସ୍ତାରେ ଏବଂ ହାତ ପାଆନ୍ତାରେ ଏଠାରୁ ଔଷଧ ସଂଗ୍ରହ ସହିତ ତାହାକୁ ଡାକ୍ତରଙ୍କୁ ସହଜରେ ଦେଖାଇପାରିଥାନ୍ତେ । ହେଲେ ପ୍ରଶାସନର ବାଧା ଯୋଗୁଁ ଏହା ହୋଇପାରୁ ନାହିଁ । ରାଜ୍ୟର ପ୍ରଥମ ଜନ ଔଷଧି କେନ୍ଦ୍ରଟି କ'ଣ ପାଇଁ ବନ୍ଦ ହୋଇଗଲା ତାହାର ସମୀକ୍ଷା କରିବା ସହିତ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହାକୁ ଖୋଲିବାପାଇଁ ଦାବି ହେଉଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୪ ଡିସେମ୍ବର ୨୦୨୫ । ରବିବାର




# ଓଲଟିଲା ଟାଟା ମ୍ୟାଜିକ, ୫ ଛାତ୍ରଛାତ୍ରୀ ଆହତ

**ତାଳଚେର: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ତାଳଚେର ମହୁଲପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କୁ ନେଇ ଘରକୁ ଯାଉଥିବା ଏକ ଟାଟା ମ୍ୟାଜିକ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୫ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସ୍କୁଲ ଛୁଟି ହେବାପରେ ଏକ ଟାଟା ମ୍ୟାଜିକ ( ଓଆର୍ -୧୯ପି-୨୬୬୮) ଅପରାହ୍ନ ୪ ଘଟିକା ସମୟରେ ପ୍ରାୟ ୧୪ ଜଣ ଛାତ୍ରଛାତ୍ରୀଙ୍କୁ ବସାଇ ଶଇନାଳୀ ଓ ଶିରିଗିଡ଼ା ଅଞ୍ଚଳକୁ ଯାଉଥିଲା। ସେହି ସମୟରେ ଭାରସାମ୍ୟ ହରାଇ ଗାଡିଟି ଶଇନାଳୀ ନିକଟରେ ଓଲଟି ପଡିବାରୁ ଗାଡ଼ିରେ ବସିଥିବା ଛାତ୍ରଛାତ୍ରୀମାନେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଆହତ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଆହତ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା କରାଇ ଘରକୁ ପଠାଇ ଦିଆଯାଇଛି। ପ୍ରକାଶ ଥାଉ କି, ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନଙ୍କୁ ନେଇ ଆସୁଥିବା ଗାଡି ସିଟ କ୍ଷମତା ଠାରୁ ଅଧିକ ଛାତ୍ରଛାତ୍ରୀ ନେଇ ଆସୁଛନ୍ତି। ଗାଡି ଗୁଡିକର କୌଣସି କାଗଜପତ୍ର, ଗାଡି ଫିଟନେସ, ଇନସ୍ୟୁରାନ୍ସ ନାହିଁ। ଡ୍ରାଇଭରମାନଙ୍କର ବେପାରୁଆ ଗାଡି ଚାଳନା ପାଇଁ ଏମିତି ଘଟଣା ଘଟିଛି। ତୁରନ୍ତ ଆରଟିଓ ଅଧିକାରୀ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଗାଡି ଗୁଡିକୁ ଯାଞ୍ଚ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସୟୁସିଆଇର ବିକ୍ଷୋଭ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

୧୧ ଦଫା ଦାବି ନେଇ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସୟୁସିଆଇ ନେତା ନବ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଛେଣ୍ଡିପଦା ଡାକବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ସ୍ଥାୟୀ ନିଯୁକ୍ତି, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ ମେସିନ ଓ ଅଲଟ୍ରା ସାଉଣ୍ଡ ମେସିନ ବସାଇବା, ପାନୀୟ ଜଳ ଯୋଗାଣ ଆଦି ୧୧ ଦଫା ଦାବି ରହିଛି। ବିକ୍ଷୋଭକାରୀମାନେ ଦାବି ପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରାଙ୍କୁ ପ୍ରଦାନ କରିଥିଲେ। ବିକ୍ଷୋଭରେ ଏସୟୁସିଆଇର ମାନସ ପାଳ, ରଣଜିତ ପ୍ରଧାନ, ସୁବାସ ପ୍ରଧାନ, ପ୍ରତିମା ବେହେରା, ମୀନକେତନ ପ୍ରଧାନ, ଅକ୍ଷୟ ବାରିକ, ଦୁଃଖବନ୍ଧୁ ବେହେରା, ଭରତ ନାଏକ, ଲମ୍ବୋଦର ପଣ୍ଡା, ପବିତ୍ର ମହାକୁଡ଼ଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

## କାର-ବାଇକ ଧକ୍କାରେ ଜଣେ ମୃତ

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**

କାର-ବାଇକ ଧକ୍କା ହେବା ଫଳରେ ବାଇକ ଆରୋହୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଶୁକ୍ରବାର ପୂର୍ବାହ୍ନରେ କୁଆଖିଆ ଥାନା ବଡ଼ଗୋବିନ୍ଦପୁର ଗ୍ରାମର ରବୀନ୍ଦ୍ର ପୁହାଣ(୪୫) ବାଇକ ଯୋଗେ ଯାଜପୁର ରୋଡ଼କୁ ଯାଉଥିବା ସମୟରେ ପାଣିକୋଇଲି ଥାନା ୧୬ ନଂ ଜାତୀୟ ରାଜପଥ ଟିକର ଅଞ୍ଚଳରେ ଓଡି୦୫ବିପି୬୦୬୦ ନମ୍ବରର ଏକ ଧଳା କାର୍ ଆସି ପଛପଟୁ ବାଇକ ଚାଳକ ରବୀନ୍ଦ୍ରକୁ ଧକ୍କା ଦେବା ସହ କିଛି ବାଟ ରବୀନ୍ଦ୍ରକୁ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ରବୀନ୍ଦ୍ରକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରକୁ ମୃତ ଘୋଷଣା କରିଥିଲେ। କାର୍‌ଟିକୁ ପାଣିକୋଇଲି ପୁଲିସ ଜବତ କରିଥିବା ବେଳେ ଦୁର୍ଘଟଣା ସ୍ଥାନରୁ କାର୍ ଚାଳକ ଫେରାର ଥିବା ପାଣିକୋଇଲି ପୁଲିସ ସୂଚନା ଦେଇଛି।

## ମନରେଗା ଯୋଜନାରେ ମଣିଷ ବଦଳରେ ମେସିନ କରୁଛି କାମ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ପଂଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ମହାବିରୋଡ଼ ପଂଚାୟତରେ ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ପିତଡ଼୍ଟୁ ଠାରୁ ନୁଆସାହି ରାସ୍ତା କୋଡ଼ ୨୪୦୭୦୦୫୦୧୭/ଆର୍‌ସି/୧୦୬୩୫୭୧୫ ମେସିନରେ ମାଟିମୋରମ ଅଳ୍ପ ପକାଇ ୩ଲକ୍ଷ ୨୬ହଜାର ୫ଶହ ୯୯ଟଙ୍କା ବିଲ ହୋଇଥିବା ମନରେଗା ୱେବ ସାଇଡରେ ଦେଖିବାକୁ ମିଳିଛି । ମନରେଗା ଯୋଜନାରେ ଶ୍ରମିକ କାର୍ଯ୍ୟ କରିବା ସରକାର ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ କାଗଜପତ୍ରରେ ଚଞ୍ଚକତା କରାଯାଇଛି । ପ୍ରକୃତରେ ମେସିନ ଦ୍ୱାରା ମାଟି ପକାଇ ନିମ୍ନମାନର କାର୍ଯ୍ୟ କରାଯାଇଅଛି । ସେହିପରି ଧରମା ରାଉଳ ଘର ଠାରୁ କଳାପଥର ରାସ୍ତାର ମେସିନ ସାହାଯ୍ୟରେ କାର୍ଯ୍ୟ କରାଯାଇଛି । ଅନିୟମିତତା ହୋଇଥିବା ସାଧାରଣରେ ଆଲୋଚନା ହେଉଥିବା ବେଳେ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଅସଲ କଥା ଲୋକଲୋଚନକୁ ଆସିବା ସହ ଦୁର୍ନୀତି ସମ୍ପୃକ୍ତ ଅଧିକାରୀଙ୍କର ମୁଖା ଖୋଲିବ ବୋଲି ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାମିନା ନାୟକ ଏବଂ ଏଡ଼ିଇ ଓ ଚିନ୍ମୟୀ ଶତପଥୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଉନାହାନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ଗ୍ରାମବାସୀ ।

# ଜଳିଗଲା ୪ ଗାଡି ସମେତ ୩ ଦୋକାନ

## ବାଲିଅନ୍ତା ବଜାରରେ ଭୟାବହ ଅଗ୍ନିକାଣ୍ଡ

**ବାଲିଅନ୍ତା: ଏକ୍ସପ୍ରେସ ନ୍ୟୁଜ୍**

ବାଲିଅନ୍ତା ଥାନା ଅଧୀନ ସାଇଫନ ବଜାରରେ ଶୁକ୍ରବାର ରାତି ପାଖାପାଖି ସାଢେ ୨ଟା ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହି ଅଗ୍ନିକାଣ୍ଡରେ ୪ଟି ଗାଡି ସମେତ ୩ ଦୋକାନ ଏବଂ ଗୋଟିଏ ଝୁମ୍ପୁଡି ପାଉଁସ ହୋଇଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ଏବଂ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାରେ ସକ୍ଷମ



ହୋଇଥିଲେ। ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡା ପହଞ୍ଚି ତଦନ୍ତ କରିଥିଲେ। ଏହି ମାମଲାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚାରାଉଚରା କରୁଛି। ଆଖପାଖରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିବାରେ ସନ୍ଦିଗ୍ଧ ମହିଳାଙ୍କ ହାତରେ ନିଆଁହୁଳା ଥିବାରୁ ପୋଲିସ ସନ୍ଦେହରେ ତାକୁ ଥାନାକୁ ନେଇଛି। ହେଲେ ମହିଳା ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡିବା ପରେ ପ୍ରକୃତ ଅଭିଯୁକ୍ତ କିଏ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଗେଳି ହାତରେ ଦୁର୍ବୃତ୍ତମାନେ ନିଆଁ ଧରାଇ ଖସି ଯାଇଥିବା ଆଲୋଚନା ହେଉଛି। ଏଭଳି ଷଡଯନ୍ତ୍ର ପଛରେ ରହିଥିବା ସନ୍ଦିଗ୍ଧମାନଙ୍କୁ ପୋଲିସ ଗିରଫ କରିବାକୁ ଚେଷ୍ଟା କରୁଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନ୍ୟ ୫/୬ ଜଣ ଅସାମାଜିକ ଯୁବକ ପାଗେଳି ହାତରେ ନିଆଁ ଧରାଇ ଦେଇଥିବା ଜଣାପଡିଛି। ପୋଲିସ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରୁ ବୋଲି କିଛି ସ୍ଥାନୀୟ ଲୋକ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପୋଲିସ ସୂଚନା ଅନୁସାରେ ଗୋଟିଏ ୭୦୯ ମିନିଟ୍ରକ, ଗୋଟିଏ ଖୋଲା ଜିପ, ଗୋଟିଏ କାର ଏବଂ ଆଉ ଗୋଟିଏ ଯାତ୍ରିବାହୀ ଅଟୋ ଜଳିଯାଇଛି। ସେହିପରି ମଥୁରା କେକ୍, ସିମେଣ୍ଟ, ଭେରାଇଟି ଷ୍ଟୋର ଓ ପୂଜା ସାମଗ୍ରୀ ଦୋକାନ ସଂପୂର୍ଣ୍ଣ ଜଳିଯାଇଛି। ଏହା ସହିତ ବେଣୁପୁର ପଞ୍ଚାୟତ ଅଧୀନ ଚନ୍ଦନ ବସ୍ତ ଗ୍ରାମର ରବର ଭୋଇ ନାମକ ଜଣେ ବ୍ୟକ୍ତିଙ୍କର ଝୁମ୍ପୁଡି ଘର ଜଳିଯାଇଛି।

## ବେଆଇନ ବାଲି ବୋଝେଇ ହାଇୱା ଜବତ

**ବାଲିଅନ୍ତା: ଏକ୍ସପ୍ରେସ ନ୍ୟୁଜ୍**

ବାଲିଅନ୍ତା ଥାନା ପୋଲିସ ଏବଂ ଖଣି ବିଭାଗ ଶୁକ୍ରବାର ବିଳମ୍ବିତ ରାତିରେ ବେଣୁପୁର ରାସ୍ତାରେ ମିଳିତ ଭାବେ ଚଢଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଏହି ଚଢଉରେ ଥାନା ଏଏସଆଇ ଅନୀଲ କୁମାର ନାୟକ ଓ କନିଷ୍ଠ ଖଣି ଅଧିକାରୀ ସୁଦୀପ୍ତ କୁମାର ବେହେରା ପ୍ରମୁଖ ସାମିଲ ଥିଲେ। ପୋଲିସ ଚାଳକକୁ ଥାନାରେ ଅଟକ ରଖି ପଚାରାଉଚରା ପରେ ଛାଡି ଦେଇଛି। ଅପରପକ୍ଷରେ ଗାଡି ମାଲିକ ଉପରେ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଖଣି ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇ ବାଲି ନେଇ ଯାଉଥିବା ୨ଟ ଟ୍ରାକ୍ଟର ଘଟଣାସ୍ଥଳରୁ ଖସି ପଳାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଶ୍ମଶାନ ଜମି ଜବରଦଖଲ ଉଚ୍ଛେଦକୁ ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ

**ଖୋର୍ଦ୍ଧା: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବ୍ଲକ ଅଧୀନ ଝିଙ୍କିଝାରି ଅଞ୍ଚଳରେ କିଛି ଅସାଧୁ ବ୍ୟକ୍ତି ଶ୍ମଶାନ ଜମିକୁ ଜବରଦଖଲ କରି ଘର କରି ରହୁଥିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି । ଯାହାକୁ ନେଇ ଗ୍ରାମର ଶତାଧିକ ଲୋକେ ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି । ଅଭିଯୋଗ କାରୀଙ୍କ କହିବା ଅନୁଯାୟୀ ଆମ ଗ୍ରାମ ନିକଟରେ ଥିବା ମୌଜା ଝିଙ୍କିଝାରୀ, ଖାତା ନଂ ୬୦୧, ପ୍ଲଟ ନଂ ୧୧୭୫. ଏରିଆ ଏ ୧.୩୦୦ଡ଼ି. ଜାଗାକୁ ଦୁର୍ଗାପୁର ଗ୍ରାମର ବାବୁଲି ପରିଡ଼ା, ପି- ଚରଣ ପରିଡ଼ା ଜୋର ଜବରଦସ୍ତ ଅକ୍ତିଆର କରିଥିବା ବେଳେ କିଛି ଅସାଧୁ ବ୍ୟକ୍ତିଙ୍କ ସହାୟତାରେ ରହିଥିବା ଅଭିଯୋଗରେ ଦର୍ଶାଇଛନ୍ତ । ତେବେ ଗ୍ରାମବାସୀ ବାରମ୍ବାର ତାଙ୍କୁ ଉକ୍ତ ସ୍ଥାନରୁ ହଟିବ ନିମନ୍ତେ ନିବେଦନ ପରେ ମଧ୍ୟ ସେହି ସ୍ଥାନରୁ ହଟୁ ନାହାନ୍ତି ଗ୍ରାମବାସୀ ତରଫରୁ ବାରଣ କରିବା ସତ୍ତ୍ୱେ ସର୍ବସାଧାରଣ ଶ୍ମଶାନ ଜାଗାକୁ ଛାଡୁ ନଥିବା ଏବଂ ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ଦ୍ୱାରା ମାଡ଼ ମାରିବା ଧମକ ସହିତ ଜୀବନରେ ମାରିଦେବା ପାଇଁ ଧମକଦେଉଛନ୍ତି । ଏହା ବ୍ୟତୀତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏ ଜାଗା ବିଷୟରେ ପାଟି ଖୋଲିବ ବା କୌଣସି ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବ ତେବେ ଗୁଣ୍ଡା ଲଗାଇ ଘରେ ବମ୍ ପକାଇଦେବି ଓ ରାସ୍ତାରେ ଗଲାବେଳେ ବନ୍ଧୁକ ଫୁଟାଇ ଜୀବନରେ ମାରିଦେବି ବୋଲି ଧମକ ଦେଉଥିବା ଅଭିଯୋଗକାରୀମାନେ ତାଙ୍କ ଅଭିଯୋଗରେ ଦର୍ଶାଇ ଥିବା ଜଣାପଡିଛି । ଯାହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ଶେଷରେ ନିଜ ଶ୍ମଶାନକୁ ଯିବା ଆସିବା ପାଇଁ ରାସ୍ତା ନଥିବାରୁ ବାଧ୍ୟ ହୋଇ ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି ।

# ବ୍ଲକବାସୀଙ୍କ ପାଇଁ ଭତ୍ତା ଓ ବିକାଶ ଏବଂ ଆବାସ ସାତ ସପନ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲାର ବହୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀଟି ହେଉଛି ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହା ମୁଖ୍ୟତଃ ୪୬ଟି ପଞ୍ଚାୟତ ଓ ଦୁଇଟି ବ୍ଲକ ଏବଂ ଗୋଟିଏ ଏନଏସିକୁ ନେଇ ଗଠିତ। ଏଥିରେ ଗୋପ ବ୍ଲକର ୧୪ଟି ପଞ୍ଚାୟତର ଗୁରୁତ୍ୱ କେବଳ ନିର୍ବାଚନ ସମୟରେ ହି ଥାଏ। ନିର୍ବାଚନ ସରିଗଲେ ତୁ କିଏ ନା ମୁ କିଏ ଏହି ନିର୍ବାଚନ ମଣ୍ଡଳୀରେ ଯଦିଓ ଗୋପ ବ୍ଲକର ୧୪ ପଞ୍ଚାୟତର ଭୋଟର ନିର୍ଣ୍ଣୟ କରନ୍ତି କିଏ ବିଧାୟକ ହେବ। କିନ୍ତୁ ବିଗତ ୩ ଦଶନ୍ଧି ଧରି ଗୋପ ବ୍ଲକଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏଠାରେ ନାହିଁ ନାହିଁରେ ଚାଲିଛି ସବୁ କିଛି ସ୍ଥାନୀୟ ପ୍ରଶାସନ ହୁଅନ୍ତୁ ଅବା ନିର୍ବାଚିତ ଲୋକ ପ୍ରତିନିଧି ହୁଅନ୍ତୁ ସମସ୍ତିଙ୍କ ମୁହଁରେ ଗୋଟିଏ କଥା। ଗୋପରେ ଭିତ୍ତିଭୂମିର ଅଭାବ, ସରକାରୀ ଜେଗା ନାହିଁ, ଜବରଦଖଲଙ୍କର ଉଚ୍ଛେଦ ହୋଇପାରୁନି ଏମିତି ଅନେକ କଥା ଶୁଣିଥାନ୍ତି ଗୋପ ବ୍ଲକବାସୀ। ଇତିହାସ ସାକ୍ଷୀ ଅଛି ଯେତେବେଳେ ଗୋପରେ ଥାନା ଥିଲା ଏହାର ଆଖପାଖରେ କେଉଁଠି ବି ଥାନା ନଥିଲା। ଗୋପରେ ଯେତେବେଳେ ସବରେଜିଷ୍ଟର ଅଫିସ ଥିଲା ତାହାର ଆଖପାଖ ଅଞ୍ଚଳରେ ସବରେଜିଷ୍ଟର ଅଫିସ ନଥିଲା। ଗୋପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ସମୟରେ ଏହାର ଆଖପାଖ ଅଞ୍ଚଳରେ କୌଣସି ସ୍ୱାସ୍ଥ୍ୟ




କେନ୍ଦ୍ରଟି ବି ନଥିଲା। ଏହା ସତ୍ତ୍ୱେ ଆଜି ଗୋପ ଅଞ୍ଚଳଟି ଅବହେଳିତ ଓ ଅଣଦେଖା ଅବସ୍ଥାରେ ପଡ଼ିରହିଛି। ଯିଏ ବି ଯେତେବେଳେ ନିର୍ବାଚିତ ହୋଇଥାନ୍ତି କେବଳ ମିଥ୍ୟା ପ୍ରତିଶୃତି ବ୍ୟତିତ ଆଉ କିଛି ମିଳିନଥାଏ। ନୂତନ ସରକାର ଆସିବା ପରଠୁ ଗୋପ ବ୍ଲକବାସୀଙ୍କ ପାଇଁ ଭତ୍ତା ଓ ବିକାଶ ଏବଂ ଆବାସ ଯୋଜନା ସାତ ସପନ ପାଲଟିଛି। ଦୀର୍ଘ ମାସ ଧରି ଯୋଗ୍ୟ ହିତାଧିକାରୀ ଭତ୍ତା ଓ ଆବାସ ଯୋଜନାରୁ ବଞ୍ଚିତ। ବିକାଶ କହିଲେ କେବଳ ଶିଳାନ୍ୟାସ ଓ ଫଳକ ବ୍ୟତୀତ ଅନ୍ୟ କିଛି ନୁହେଁ। ତତ୍କାଳୀନ ସରକାରଙ୍କ ସମୟରେ ଯେଉଁ ସବୁ ପ୍ରକଳ୍ପ ଉଣାଧିକ ହୋଇଥିଲା ତାର କାର୍ଯ୍ୟ ଏବେ ବି ଚାଲିଛି ସରିବାର ନା ଧରୁନି। ଆବାସ ଯୋଜନା ପାଇଁ ସର୍ଭେ ବାରମ୍ବାର ହେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ ଭାବେ ଚୟନ କରାଯାଇପାରିଲାନାହିଁ। ଗୋପ ବ୍ଲକରେ ଥିବା ଭତ୍ତା ପ୍ରଦାନକାରୀ ଅଧିକାରିଣୀଙ୍କ ଖାମଖିଆଲ ନୀତି ଯୋଗୁ ଆଜି ଶତାଧିକ ଯୋଗୁ ହିତାଧିକାରୀ ଭତ୍ତା ପାଇବା ଆପେକ୍ଷାରେ କାହିଁକି ଏଭଳି ଅବହେଳିତ ଓ ଅଣଦେଖା କରାଯାଉଛି ଗୋପ ବ୍ଲକ ବାସୀଙ୍କୁ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଯଦିଓ କୋଟି କୋଟି ଟଙ୍କାର ବ୍ୟୟ ବରାଦ ହେଉଛି ସତ କିନ୍ତୁ ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଗୋପର ବିକାଶ ଓ ଭତ୍ତା ଏବଂ ଆବାସ ଯୋଜନାରେ କେଉଁଠି ତ୍ରୁଟି ରହୁଛି ? ଏବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ଯଦି କୌଣସି ପ୍ରତିକାର ନ ହୁଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୃଢ଼ ଜବାବ ଦେବେ ଗୋପ ବ୍ଲକବାସୀ ବୋଲି ଚର୍ଚ୍ଚା ହେଉଛି।

## ବାଣିଜ୍ୟ

# ଏସ୍‌ବିଆଇ ୧୫ରୁ ଋଣ ଏବଂ ଖୁଚୁରା ଜମା ହାର ହ୍ରାସ କରିବ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ଡିସେମ୍ବର ୧୫ରୁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଋଣ ମାନଦଣ୍ଡ ଏବଂ ଚୟନିତ ମିଆଦି ଜମା ହାରରେ ସାମାନ୍ୟ ହ୍ରାସ ଘୋଷଣା କରିଛି।

ବ୍ୟାଙ୍କ ୨ରୁ ୩ ବର୍ଷରୁ କମ୍ ସମୟସୀମା ପାଇଁ ହାର ୬.୪୫ ପ୍ରତିଶତରୁ ୬.୪୦ ପ୍ରତିଶତକୁ ହ୍ରାସ କରିଛି। ବରିଷ୍ଠ ନାଗରିକମାନେ ଏହା ଉପରେ ୫୦ ବିପିଏସ ପ୍ରିମିୟମ୍ ପାଇବେ ଏବଂ ସେମାନଙ୍କର ହାର ୬.୯୫ ପ୍ରତିଶତରୁ ୬.୯୦ ପ୍ରତିଶତକୁ ହ୍ରାସ କରାଯାଇଛି। ଏକ ବିବୃତ୍ତିରେ କୁହାଯାଇଛି ଯେ ଅନ୍ୟ ଖୁଚୁରା ମିଆଦି ଜମା ସ୍ଲାବକୁ ଅପରିବର୍ତ୍ତିତ ରଖାଯାଇଛି।

ପରିବର୍ତ୍ତନଗୁଡ଼ିକ ୩ କୋଟି ଟଙ୍କାରୁ କମ୍ ଘରୋଇ ଖୁଚୁରା ମିଆଦି ଜମା, ପାଣ୍ଠିର ସୀମାଗତ ମୂଲ୍ୟ (ଏମସିଏଲଆର), ବାହ୍ୟ ବେଞ୍ଚମାର୍କ ଲିଙ୍କଡ ହାର (ଇବିଏଲଆର) ଏବଂ ମୂଳ ହାରକୁ ପ୍ରଭାବିତ କରେ।

ବ୍ୟାଙ୍କ ଲୋକପ୍ରିୟ ୪୪୪-ଦିନିଆ ଅମୃତ ବୃଷ୍ଟି ଜମା ହାର ୬.୬୦ ପ୍ରତିଶତରୁ ୬.୪୫ ପ୍ରତିଶତକୁ ହ୍ରାସ କରିଛି।

ଏସବିଆଇ ସମସ୍ତ ଅବଧି ପାଇଁ ପାଣ୍ଠିର ସୀମାଗତ ମୂଲ୍ୟ ଆଧାରିତ ଋଣ ହାର (ଏମସିଏଲଆର)ହାରକୁ ୫ ବେସିସ୍ ପଏଣ୍ଟ ହ୍ରାସ କରି ଗୃହ, ଅଟୋ ଏବଂ ଏମଏସଏମଇ ଋଣର ଋଣ ମୂଲ୍ୟକୁ ମଧ୍ୟ କମ କରିଛି।




ରାତାରାତି ଏବଂ ଗୋଟିଏ ମାସ ପାଇଁ ଏମସିଏଲଆର ହାର ୭.୮୫ ପ୍ରତିଶତ, ତିନି ମାସ ପାଇଁ ୮.୨୫ ପ୍ରତିଶତ, ଛଅ ମାସ ପାଇଁ ୮.୬୦ ପ୍ରତିଶତ, ଗୋଟିଏ ବର୍ଷ ପାଇଁ ୮.୭୦ ପ୍ରତିଶତ, ଦୁଇ ବର୍ଷ ପାଇଁ ୮.୭୫ ପ୍ରତିଶତ ଏବଂ ତିନି ବର୍ଷ ପାଇଁ ୮.୮୦ ପ୍ରତିଶତକୁ ହ୍ରାସ କରାଯାଇଛି।

ଏହା ବ୍ୟତୀତ, ଅନେକ ଫ୍ଲୋଟିଂ-ହାର ଖୁଚୁରା ଋଣର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବ୍ୟବହୃତ ବାହ୍ୟ ବେଞ୍ଚମାର୍କ ଋଣ ହାର (ଇବିଏଲଆର) ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୮.୧୫ ପ୍ରତିଶତରୁ ୭.୯୦ ପ୍ରତିଶତକୁ ହ୍ରାସ କରାଯାଇଛି। ଏକ ଛୋଟ ବର୍ଗର ଲିଗାସି ଋଣଗ୍ରହୀତାଙ୍କ ପାଇଁ ମୂଳ ହାର କିମ୍ବା ବିପିଏଲଆର ୧୦.୦୦ ପ୍ରତିଶତରୁ ୯.୯୦ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହା ସେହି ଦିନଠାରୁ କାର୍ଯ୍ୟକାରୀ ହୋଇଛି।

ଏହି ସପ୍ତାହର ଆରମ୍ଭରେ, ସରକାର ସୂଚନା ଦେଇଥିଲେ ଯେ ୨୦୨୨-୨୩ ଆର୍ଥିକ ବର୍ଷ ପରଠାରୁ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ଦ୍ୱାରା କୌଣସି ପୁଞ୍ଜି ପ୍ରବେଶ କରାଯାଇନାହିଁ, କାରଣ ସେମାନେ ଲାଭଜନକ ହେବା ପାଇଁ ସେମାନଙ୍କର ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆଣିଛନ୍ତି ଏବଂ ସେମାନଙ୍କର ପୁଞ୍ଜି ସ୍ଥିତିକୁ ସୁଦୃଢ଼ କରିଛନ୍ତି।

ଏହି ସମୟରେ, ସାମଗ୍ରୀ ଏବଂ ସେବା କର (ଜିଏସଟି) ହ୍ରାସ ଦ୍ୱାରା ସେପ୍ଟେମ୍ବର-ନଭେମ୍ବର ୨୦୨୫ ଅବଧିରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ମୁଦ୍ରାସ୍ଫୀତି ପ୍ରାୟ ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇବ ଏବଂ ଏହି ଆର୍ଥିକ ବର୍ଷ (ଏଫୱାଇ୨୬)ରେ ୩୫ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ଏକ ରିପୋର୍ଟରେ କହିଛି।

## ବୋରୱେଲରେ ବିଷ ମିଶାଇଲେ ଦୁର୍ବୃତ୍ତ !

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ସିନ୍ଧାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ବୋରୱେଲରେ ବିଷ ମିଶାଇଲେ ଦୁର୍ବୃତ୍ତ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ବୋରୱେଲରୁ ପାଣି ନିଆଯିବା ବେଳେ ଫେଣ ସୃଷ୍ଟି ହେବା ସହ ଅଜବ ଗନ୍ଧ ବାହାରିଥିଲା। ଏହାପରେ ପିଲାଙ୍କୁ ପାଣି ବ୍ୟବହାର କରିବାକୁ ବାରଣ କରାଯାଇଥିଲା ଏବଂ ସ୍କୁଲ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ମାଥିଲି ଥାନାରେ ଏତଲା ଦିଆଯାଇଛି। ପୋଲିସ୍ ଉପସ୍ଥିତିରେ ଜଳଯୋଗାଣ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା ପାଇଁ ବୋରୱେଲ ପାଣିର ନମୁନା ସଂଗ୍ରହ କରିଥିଲେ। ପାଣି ଟାଙ୍କି ଏବଂ ବୋରୱେଲକୁ ସିଲ କରାଯାଇଛି ।

## ଜାତୀୟ ଉଦ୍ୟାନରେ ଲକ୍ଷ ଲକ୍ଷ ମଇଁଷି

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଭିତର କନିକା ଜାତୀୟ ଉଦ୍ୟାନ ଭିତରେ ଅବାଧ ମଇଁଷି ଚାଷ ଚାଲିଛି। ତେବେ ଜାତୀୟ ଉଦ୍ୟାନରେ ଏହି ମଇଁଷିଙ୍କୁ ପୁରାଇଲା କିଏ ଏବଂ ଏମାନଙ୍କ ସଂଖ୍ୟା ବୃଦ୍ଧିକୁ ପ୍ରୋତ୍ସାହିତ କରୁଛି କିଏ ବୋଲି ପରିବେଶବିତ ଓ ଜୀବପ୍ରେମୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ମଇଁଷିଙ୍କ ସଂଖ୍ୟା ଯେପରି ବଢି ବଢି ଚାଲିଛି ନିକଟ ଭବିଷ୍ୟତରେ ଏହା ଜାତୀୟ ଉଦ୍ୟାନକୁ ଧ୍ୱଂସାଭିମୁଖୀ କରିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳରେ କେଉଁ ସ୍ମରଣାତିତ କାଳରୁ ସୁରକ୍ଷା କବଚ ଭାବେ ଥିବା ବିରଳ ହେନ୍ତାଳ ଜଙ୍ଗଲର ହ୍ରାସ ସାଙ୍ଗକୁ ଜିଲ୍ଲାରେ ତଟକ୍ଷୟ ବୃଦ୍ଧି ପାଇଛି । ସାତଭାୟା ଜିଲ୍ଲାର ଭୌଗୋଳିକ ମାନଚିତ୍ରରୁ ଲିଭିଗଲାଣି । ଗହୀରମଥା ଓ ଅଗରନାସୀ ଭଳି ବେଳାଭୂମି ସଂକୁଚିତ ହେବା ସହ ବିରଳ ଅଲିଭ୍ ରିଡ୍ଲେ କଇଁଛଙ୍କ ଏଣ୍ଡୁଡ଼ିଶାଳ ନିଶ୍ଚିହ୍ନ ହେବାକୁ ଯାଉଛି। ପ୍ରାୟ ୫କିମି ବେଳାଭୂମିକୁ ନିଜର ଗର୍ଭକୁ ନେବା ପରେ ସମୁଦ୍ର ଏବେ ପେଣ୍ଠ ମୁହାଁ। ତେବେ ଜଙ୍ଗଲ ହ୍ରାସର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରୁ ଜଙ୍ଗଲାଞ୍ଚଳ ଭିତରେ ଅନୁପ୍ରବେଶ ସହ ବସତି ସ୍ଥାପନ ଓ ଚିଙ୍ଗୁଡ଼ି ଘେରିର ପ୍ରସାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଏ। ଯାହା ଜଙ୍ଗଲର ସୁରକ୍ଷା ଦାୟିତ୍ୱରେ ଥିବା ଜଙ୍ଗଲ ବିଭାଗ ପଦାଧିକାରୀ କର୍ମଚାରୀଙ୍କ ବିନା ପ୍ରୋତ୍ସାହନରେ କେବେ ସମ୍ଭବ ହୋଇନଥାନ୍ତା। ଚିଙ୍ଗୁଡ଼ି ଘେରି ପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ହାଇକୋର୍ଟଙ୍କ କାଠଗଡ଼ାରେ ଛିଡ଼ା ହୋଇଛନ୍ତି । ତଥାପି ଜଙ୍ଗଲର ସୁରକ୍ଷା ଦାୟିତ୍ୱରେ ଥିବା ଜଙ୍ଗଲ ବିଭାଗ ପଦାଧିକାରୀ କର୍ମଚାରୀଙ୍କର ଚେତା ପଶୁନାହିଁ। ଚିଙ୍ଗୁଡ଼ି ଚାଷ ଭଳି ଜଙ୍ଗଲରେ ମଇଁଷି ଚାଷ ଏବେ ଜଙ୍ଗଲ ଧ୍ୱଂସର ଅନ୍ୟ ଏକ ପ୍ରମୁଖ କାରଣ ହୋଇ ଉଭା ହୋଇଛି । ଏହି ତଟାଞ୍ଚଳର ବିରଳ ହେନ୍ତାଳ ଜଙ୍ଗଲ ଭିତରେ ଲକ୍ଷ ଲକ୍ଷ ସଂଖ୍ୟାରେ ମଇଁଷି ରହିଛନ୍ତି। ହୁକିଟୋଲା, ବତୀଘର, ହେଟାମୁଣ୍ଡିଆ, କଂସାରଡ଼ିଆ, ସାନଟୁବି, ବଡ଼ଟୁବି, ଯୋଗୀଧାନକୁଦ, ସୁନ୍ଦରିପାଳ, ଓକିଲପାଳ, କୃଷ୍ଣପ୍ରିୟାପୁର, ମଗରକନ୍ଧା, ଛଘରିଆ ଆଦି ଯେଉଁଠି ଦେଖିଲେ ଖାଲି ପଲ ପଲ ମଇଁଷି । ବର୍ଷସାରା ମଇଁଷିମାନେ ଜଙ୍ଗଲ ଭିତରେ କେବଳ ଯେ, ଗଛ ପତ୍ର ଭାଙ୍ଗି ଖାଇବା ସହ ଜଙ୍ଗଲର କ୍ଷତି କରୁଛନ୍ତି ତାହା ନୁହେଁ ଏମାନଙ୍କ ଯୋଗୁ ବହୁ ବିରଳ ଗୁଳ୍ମ, ଔଷଧୀୟ ଗଛ, ଘାସ ଆଦି ଜଙ୍ଗଲରୁ ବିଲୁପ୍ତ ପାଇବାରେ ଲାଗିଛି। ଯାହା ଜାତୀୟ ଉଦ୍ୟାନର ଅନ୍ୟତମ ବିଭବ ଭାବେ ପରିଗଣିତ ହୋଇ ଆସିଛି । ଜଙ୍ଗଲରୁ ଜଳପଥରେ ପାରାଦୀପ ଓ ଚାନ୍ଦବାଲି ଦେଇ ମଇଁଷିଆଳମାନେ କ୍ଷୀର ସାଙ୍ଗକୁ ବିପୁଳ ପରିମାଣର କଙ୍କଡ଼ା ଧରି ବାହାରକୁ ସପ୍ଲାଇ କରୁଛନ୍ତି। ଖାଲି ସେତିକି ନୁହେଁ ଏହି ମଇଁଷିଆଳଙ୍କ ଜରିଆରେ ଜଙ୍ଗଲରୁ କଇଁଛ, ହରିଣ ଓ ବାରହା ଶିକାର କରାଯାଉଥିବା କୁହାଯାଉଛି । ହେଲେ ଏହି ଜଙ୍ଗଲ ଓ ଜୈବ ବିବିଧତା ଧ୍ୱଂସ ପ୍ରକ୍ରିୟା ପ୍ରତି ଜଙ୍ଗଲ ବିଭାଗ ପଦାଧିକାରୀ କର୍ମଚାରମାନଙ୍କର ଖାତିର ନାହିଁ । ଲକ୍ଷ ଲକ୍ଷ ମଇଁଷିଙ୍କୁ ଜଙ୍ଗଲରେ ରଖାଇ ସେମାନେ ମାଲାମାଲ ହେଉଥିବା ଅଭିଯୋଗ ହେଉଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣଅନଶନ

**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ରେଲିଆନ୍ସ କମ୍ପାନୀ ନିର୍ମାଣ ପାଇଁ ଜମି ଦେଇ ନିଯୁକ୍ତି ନପାଇ ହନ୍ତସନ୍ତ ହେଉଛନ୍ତି ଜମିହରା ପ୍ରଜାମାନେ । ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରୁଥିବାବେଳେ ତିନିଦିନ ବିତିଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ବିଚାର କରୁନାହିଁ । ପ୍ରକାଶଥାଉକି, ଓଡାପଡା ବ୍ଲକ୍ ଅନ୍ତର୍ଗତ ସଦାଶିବପୁର ଗ୍ରାମପଞ୍ଚାୟତର ବଉଳପୁର ଠାରେ ଗଢ଼ିଉଠିଥିବା ରେଲିଆନ୍ସ ଇଣ୍ଡଷ୍ଟ୍ରିଜ୍ ସିବିଜି କମ୍ପାନୀ ନିର୍ମାଣ ପାଇଁ ଜମିହରା ପ୍ରଜାମାନେ ଜମି ଦେଇ ନିଯୁକ୍ତି ପ୍ରତିଶ୍ରୁତି ଲିଖିତ ଆକାରରେ ପାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ନମିଳିବାରୁ ଜମିହରା ପ୍ରଜା ସଂଘ ଆମରଣ ଅନଶନକୁ ଓହ୍ଲାଇଥିଲେ ।

ପ୍ରକାଶଯୋଗ୍ୟ ଯେ, ଜମିହରା ପ୍ରଜାସଂଘ ସଭ୍ୟା ମିନତି ଦାସ ତୃତୀୟ ଦିନରେ ଅତ୍ୟନ୍ତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ଓ ସେଠାରେ ସେ ଚିକିତ୍ସାଧିନ ଅଛନ୍ତି । ଯେତେ କଷ୍ଟ ହେଲେ ମଧ୍ୟ ଅନଶନ ଜାରି ରହିବ ବୋଲି ସଂଘର ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି ।

## ସିନେମାଫିନେମା ଟିଭିଫିବି

# ‘ବର୍ଡର ୨’ ଟିଜର୍ ଡେଟ୍ ଆଉଟ୍




ବହୁ ଚର୍ଚ୍ଚିତ ଫିଲ୍ମ ‘ବର୍ଡର ୨’କୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହା ଖୁବଶୀଘ୍ର ସିନେମା ହଲରେ ମୁକ୍ତିଲାଭ କରିବାକୁ ଯାଉଥିବା ବେଳେ ଶୁକ୍ରବାର ନିର୍ମାତା ଫିଲ୍ମର ଟିଜର ରିଲିଜ୍ ତାରିଖ ଘୋଷଣା କରିଛନ୍ତି।

ଶୁକ୍ରବାର ‘ବର୍ଡର ୨’ ଟିମ୍ ଫିଲ୍ମର ଏକ ନୂତନ ପୋଷ୍ଟର ସେୟାର କରିଛନ୍ତି ଏବଂ ଟିଜର ରିଲିଜ୍ ତାରିଖ ପ୍ରକାଶ କରିଛନ୍ତି। ଏହାକୁ ତାଙ୍କ ଇନଷ୍ଟାଗ୍ରାମରେ ସେୟାର କରି ବରୁଣ ଧୱନ ଲେଖିଛନ୍ତି, ‘ବିଜୟ ଦିବସର ଉତ୍ସାହ, ୧୯୭୧ ବିଜୟର ସ୍ମୃତି ଏବଂ ବର୍ଷର ସବୁଠାରୁ ମହାନ ଟିଜର ଲଞ୍ଚ - ସବୁକିଛି ଏକକ।’ ‘ବର୍ଡର ୨’ର ଟିଜର ଡିସେମ୍ବର ୧୬ରେ ଦିନ ୧ଟା ୩୦ରେ ମୁକ୍ତିଲାଭ କରିବ। ସେହିପରି ଏହା ଜାନୁଆରୀ ୨୩, ୨୦୨୬ରେ ମୁକ୍ତିଲାଭ କରିବ।

‘ବର୍ଡର ୨’ ପୋଷ୍ଟରରେ ଫିଲ୍ମର ୪ଜଣ ମୁଖ୍ୟ କଳାକାର, ସନ୍ନି ଦେଓଲ, ବରୁଣ ଧୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟୀଙ୍କୁ ଗୋଟିଏ ଫ୍ରେମରେ ଦେଖିବାକୁ ମିଳିଛି। ପୋଷ୍ଟରରେ ପ୍ରତ୍ୟେକ କଳାକାରଙ୍କୁ ସେମାନଙ୍କର ନିଜସ୍ୱ ଅନନ୍ୟ ଅବତାରରେ ନଜର ଆସିଛନ୍ତି। ସନ୍ନି ତାଙ୍କର ପ୍ରତିଷ୍ଠିତ, ଯୁଦ୍ଧ-ଦକ୍ଷ ଅବତାରରେ, ବରୁଣ କର୍ତ୍ତବ୍ୟରେ ଦୃଢ଼, ଯୁଦ୍ଧ ମଧ୍ୟରେ ସାହସ ପ୍ରଦର୍ଶନ କରୁଥିବା ଦିଲଜିତ ଏବଂ ଆହାନ ସାହସିକ, ଯୁବ ସାହସ ପ୍ରଦର୍ଶନ କରୁଛନ୍ତି। ବର୍ଡର ୨ ଗୁଲଶନ କୁମାର ଏବଂ ଟି-ସିରିଜ ଦ୍ୱାରା ଜେ.ପି. ଦତ୍ତାଙ୍କ ଜେ.ପି. ଫିଲ୍ମସ ସହିତ ମିଳିତ ଭାବରେ ଉପସ୍ଥାପିତ ହୋଇଛି। ଅନୁରାଗ ସିଂହଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଭୂଷଣ କୁମାର, କ୍ରିଷନ କୁମାର, ଜେ.ପି. ଦତ୍ତ ଏବଂ ନିଧି ଦତ୍ତଙ୍କ ଦ୍ୱାରା ସମର୍ଥିତ, ଏହି ଫିଲ୍ମଟି ଆସନ୍ତା ଜାନୁଆରୀ ୨୩ରେ ଥିଏଟରରେ ମୁକ୍ତିଲାଭ କରିବ।

# ପାଚେରୀ କାନ୍ଥ ଭୁଶୁଡ଼ିଲାଣି, ଅଧିକାରୀ କହୁଛନ୍ତି ମୁଁ ଜାଣିନି!




**୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଏନଏସିର ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ରାସ୍ତାରେ ଅବସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟ । ସ୍କୁଲ କଲେଜ ସମେତ ନିମାପଡ଼ାର ଅଧିକାଂଶ ସରକାରୀ କାର୍ଯ୍ୟାଳୟ ସଂଯୋଗ କରୁଥିବା ମୁଖ୍ୟରାସ୍ତା କଡରେ ଥିବା ଏହି କାର୍ଯ୍ୟାଳୟର ପାଚେରୀ କାନ୍ଥ ଦୀର୍ଘଦିନ ହେଲା ଅଧା ଭୁଶୁଡ଼ି ଝୁଲନ୍ତା ଅବସ୍ଥାରେ ରହିଛି । କେଉଁ ମୁହୂର୍ତ୍ତରେ ରାସ୍ତା ଉପରେ ଓଜାଡ଼ି ହୋଇପଡ଼ିବ ତାହା ଆକଳନ କରିହେବନି ।

ସୂଚନା ମୁତାବକ ନିମାପଡ଼ା ବ୍ଲକ ଅଫିସ ଠାରୁ ଶହେ ମିଟର ଦୂରରେ ଦମକଳ ଅଫିସ ଏବଂ ବାଳିକା ବିଦ୍ୟାଳୟ ମଧ୍ୟବର୍ତ୍ତୀ ତଥା ଶିଶୁ ଉଦ୍ୟାନ ଏବଂ ଟାଉନ ହଲର ସାମ୍ନାରେ ଅବସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ । କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ଲାଗି ରହିଥିବା ବିଶାଳ ପାଚେରୀ କାନ୍ଥ ଆଜିକୁ ଦୀର୍ଘଦିନ ହେଲା ଅଧା ଭୁଶୁଡ଼ି ରାସ୍ତାକୁ ମାଡ଼ି ଝୁଲନ୍ତ ଅବସ୍ଥାରେ ରହିଛି । କେତେବେଳେ ଯେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ତାହା କହିବା ମୁସ୍କିଲ । କାର୍ଯ୍ୟାଳୟର ସମ୍ମୁଖରେ ଥିବା ଶିଶୁଉଦ୍ୟାନରେ ପ୍ରତ୍ୟେହ ଛୋଟଛୋଟ ପିଲା ମାନଙ୍କର ଭିଡ଼ ଲାଗି ରହୁଥିବା ବେଳେ ସପ୍ତାହର ଅଧିକାଂଶ ସମୟ ଟାଉନହଲରେ ଲୋକମାନଙ୍କର ଯିବାଆସିବା ହୋଇଥାଏ । ଏହି ରାସ୍ତାଦେଇ ସ୍କୁଲ, କଲେଜ, ବ୍ଲକ, ତହସିଲ, କୋର୍ଟ, ପୂର୍ତ୍ତ, ଜଳସେଚନ ଆଦି କାର୍ଯ୍ୟାଳୟକୁ ଦୈନିକ ଶହଶହ ଲୋକଙ୍କର ଯାତାୟାତ ହେଉଥିବା ବେଳେ ନିମାପଡ଼ା ବଳଙ୍ଗା ମୁଖ୍ୟରାସ୍ତା ହୋଇଥିବାରୁ ଏହିଠାରେ ବସକୁ ଲୋକମାନେ ଅପେକ୍ଷା କରିଥାନ୍ତି । କାନ୍ଥ ଯଦି ଭୁଶୁଡ଼ିବ ଅନେକ ଜନଜୀବନ କ୍ଷତି ଘଟିବ । ବହୁଦିନ ହେଲା ପାଚେରୀ କାନ୍ଥ ଏପରି ଝୁଲନ୍ତା ଅବସ୍ଥାରେ ରହିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ମାନଙ୍କର ସେଥିପ୍ରତି ସାମାନ୍ୟତମ ଦୃଷ୍ଟି ପଡୁନି । ଏ ସମ୍ବନ୍ଧରେ ଅଧିକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ରଙ୍କୁ ଅବଗତ କରାଇବାରେ ତାଙ୍କର ଉତ୍ତର ଥିଲା ମୁଁ କିଛି ଜାଣିନି । ଯାହାକି ଅତ୍ୟନ୍ତ ହାସ୍ୟାସ୍ପଦ ମନେହେଉଛି । ଯନ୍ତ୍ରୀ ମହାଶୟା ପ୍ରତିଦିନ କାର୍ଯ୍ୟାଳୟକୁ ଆସିବା ସମୟରେ ପ୍ରଥମ ଦୃଷ୍ଟି କାନ୍ଥ ଉପରେ ପଡ଼ିବା କଥା । ସେ କିପରି ଦେଖିପାରୁ ନାହାନ୍ତି? ନା ଜାଣିଶୁଣି ଅଣଦେଖା କରୁଛନ୍ତି? ସେ କାନ୍ଥ ପାଖରେ ବିଶାଳ ନିମ୍ବଗଛ ଥିବାରୁ ଗଛର ଚେର କାନ୍ଥକୁ ଫଟାଇ ଦେଇଛି ବୋଲି ସଫେଇ ଦେଇଛନ୍ତି କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ କାନୁନଗୋ । ଆଉ ସପ୍ତାହକ ପରେ ନିମାପଡ଼ା ମହୋତ୍ସବ ପାଳନ କରାଯିବ ସେହି ସ୍ଥାନରେ । ନେତା, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ହଜାର ହଜାର ସଂଖ୍ୟକ ଲୋକଙ୍କ ସମାଗମ ହେବ । କିଛି ଅଘଟଣ ଘଟିବା ପୂର୍ବରୁ ଉପରିସ୍ଥ ଅଫିସର ତଥା ବିଧାୟିକା ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ ୧୪.୧୨.୨୦୨୫ | ରବିବାର-ଦଶମୀ ନକ୍ଷତ୍ର- ହସ୍ତା, କନ୍ୟାଚନ୍ଦ୍ର |
|---|---|



| | |
|---|---|
| ମେଷ | : ସାଙ୍ଗସାଥୀରେ ହସଖୁସିରେ ଦିନଟି କଟିବ । |
| ବୃଷ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| ମିଥୁନ | : ଠକାମୀରେ ପଡ଼ିପାରନ୍ତି । |
| କର୍କଟ | : ଦିନଟି ସବୁଦିନରୁ ଲାଭପ୍ରଦ ହେବ । |
| ସିଂହ | : କଳହକୁ ନେଇ ମନସ୍ତାପ କରିବେ । |
| କନ୍ୟା | : କର୍ମ କ୍ଷେତ୍ରରେ ଆଶ୍ୱସ୍ତ ହେବେ । |
| ତୁଳା | : ବନ୍ଧୁଙ୍କ ସହ କଳହ ହେବ । |
| ବିଛା | : ଚିନ୍ତା ବୃଦ୍ଧି ପାଇବ । |
| ଧନୁ | : ଅପଦସ୍ତ ହେବେ । |
| ମକର | : ଆର୍ଥିକ ହାନି ସହିବେ । |
| କୁମ୍ଭ | : ଅଯଥା ଟଙ୍କା ଅପବ୍ୟୟ କରିବେ । |
| ମୀନ | : ସ୍ୱାସ୍ଥ୍ୟ ଅବନତି ହେବ । |

## ଭଗତପୁର ବାଲିଘାଟରେ ଗ୍ରାମବାସୀଙ୍କ ଧାରଣା

**ଯାଜପୁର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ବୁଢ଼ା ନଦୀର ଭଗତପୁର ବାଲିଘାଟରେ ଶୁକ୍ରବାର ଦିନ ଭଗବତପୁର ଗ୍ରାମବାସୀ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ଭଗତପୁର ବାଲିଘାଟରେ ବେଆଇନ ଭାବେ ଦୀର୍ଘ ଦିନ ହେବ ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ ହେବା ସହ ନଦୀ ପାର୍ଶ୍ୱରେ ମାଟିକୁ ମଧ୍ୟ ଚୋରା ଚାଲାଣ କରୁଛନ୍ତି। ନକଲି ରସିଦ କାଟି ବାଲି ମାଫିଆ ବେଆଇନ ଭାବେ ବାଲି ଚାଲାଣ କରୁଥିବା ସିଧାସଳଖ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ଜେସିବି ଦ୍ୱାରା ବାଲି ଖୋଳା ହେବା ଯୋଗୁ ନଦୀରେ ଗଭୀର ଗର୍ତ୍ତ ସୃଷ୍ଟି ହେଉଛି। ନଦୀକୂଳିଆ ଲୋକେ ନଦୀରେ ଗାଧୋଇବାକୁ ଯାଇ ବୁଡ଼ି ପ୍ରାଣ ହରାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖଣି ବିଭାଗକୁ ବହୁବାର ସ୍ଥାନୀୟବାସୀ ଅଭିଯୋଗ କରିଥିଲେ ମଧ୍ୟ ଖଣି ବିଭାଗ କର୍ଣ୍ଣପାତ କରୁନଥିଲେ। ବାଧ୍ୟ ହୋଇ ଗ୍ରାମବାସୀ ଭଗତପୁର ବାଲି ଘାଟକୁ ବିରୋଧ କରିବା ସହ ଏକ ଜେସିବିକୁ ଅଟକାଇଥିଲେ। ଦୀର୍ଘ ସମୟ ଧରି ଗ୍ରାମବାସୀ ଧାରଣାରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଦର ପୁଲିସ ଓ ଖଣି ବିଭାଗ ଖବର ପାଇ ମଧ୍ୟ ଧାରଣାର ୫ ଘଣ୍ଟା ପରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଜେସିବିକୁ ଜବତ କରିବା ସହିତ ଜେସିବି ଚାଳକକୁ ସଦର ପୁଲିସ ସଦର ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ବାଲି ଉତ୍ତୋଳନ ଓ ପରିବହନ ଉପରେ କଟକଣା ଥିବାବେଳେ ଭଗତପୁର ବାଲିଘାଟରୁ କିପରି ବାଲି ଉତ୍ତୋଳନ କରାଯାଉଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯାଜପୁରର ବିଭିନ୍ନ ନଦୀରୁ ଏବେ ବି ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ପରିବହନ କରାଯାଉଛି। ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ନାବାଳିକା ଅସଦାଚାରଣକାରୀକୁ ୩ ବର୍ଷ ଜେଲ୍

**ଯାଜପୁର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର,୧୨।୧୨ : ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ଶୁକ୍ରବାର ଦିନ ରାୟ ପ୍ରକାଶ ପାଇଛି । ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ମାମଲାର ବିଚାର କରି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଦୋଷୀ ସରୋଜ ଓରଫ ଗୁଲୁ ଜେନାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଗତ ୨୭.୭.୨୦୨୨ରିଖରେ ଜନୈକା ୧୬ ବର୍ଷୀୟା ନାବାଳିକା ସାଇକେଲ ଯୋଗେ ସିନ୍ଧୁରାଇମୁହଁ ଛକକୁ ସଉଦା କିଣିବାକୁ ଆସୁଥିବା ବେଳେ ନିଛାଟିଆ ସ୍ଥାନରେ ପୂର୍ବରୁ ଛକି ରହିଥିବା ସିଦ୍ଧେଶ୍ୱର ଗ୍ରାମର ସରୋଜ ଓରଫ ଗୁଲୁ ଜେନା(୨୫) ନାବାଳିକାର ସାଇକେଲଟିକୁ ପଛପଟୁ ଧକ୍କା ମାରିବା ଫଳରେ ନାବାଳିକା ଜଣକ ତଳେ ପଡ଼ି ଯିବାରୁ ଅଭିଯୁକ୍ତ ଜଣକ ପାଖ ଏକ ଭଙ୍ଗା ଗୃହ ଭିତରକୁ ନେଇ ତାସହିତ ଜୋର ଜବରଦସ୍ତ ଅସଦାଚାରଣ କରିବା ସହିତ ନାବାଳିକା ଠାରୁ ମୋବାଇଲ ଫୋନ ଛଡ଼ାଇ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏହାପରେ ନାବାଳିକା ଜଣକ ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇବା ପରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ କେଶନଂ.୨୬୭/୨୨ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ବୈଶିଙ୍ଗା ଓଭରବ୍ରିଜ୍ ଦୁର୍ଘଟଣାସ୍ଥଳ ପାଲଟିଛି

**ବୈଶିଙ୍ଗା, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ର ସରକାରଙ୍କ ଦ୍ୱାରା ୧୮ ନଂ ଜାତୀୟ ରାଜପଥକୁ ଚାରିଥାକିଆ କରିବା ପାଇଁ ବର୍ଷ ବର୍ଷ ସର୍ଭେ ହେଲା । ବାଲେଶ୍ୱର ଜିଲ୍ଲାର ନହରପାଟଣା ଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ୮୨ କିଲୋମିଟର ରାସ୍ତାରେ କେତେ ପୋଲ ହେବ, କେତେ ଉଡନ୍ତା ପୋଲ ହେବ, କେତେ ବସଷ୍ଟାଣ୍ଡ ନିର୍ମାଣ ହେବ, କେତୋଟି ଉଡନ୍ତା ପୋଲ ନିର୍ମାଣ ହେବ ସେ ନେଇ ସର୍ଭେ ହେଲା । ଗାଡି ମୋଟର ସହଜ ଚଳାଚଳ ପାଇଁ ବଙ୍କା ରାସ୍ତାକୁ ସିଧାସଳଖ କରିବା ପାଇଁ ଦରକାର ପଡିଲେ ରାଜପଥ ବିଭାଗର ନିଜସ୍ୱ ଜମି ବାହାରେ ଜମି କ୍ରୟ କରାଯିବ । ମାତ୍ର କାମ ହେଲା ଓଲଟା, ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ୨୦୦ ମିଟର ବ୍ୟବଧାନରେ ଦୁଇଟି ସ୍ଥାନରେ ଦୁଇଟି ଗଳାପୋଲ ନିର୍ମାଣର ସିଦ୍ଧାନ୍ତ ଦିଆଯାଇଥିଲା । ଠାକୁରମୁଣ୍ଡା-ବରହମପୁର ରାସ୍ତାଟି ୬୦ନଂ ଜାତୀୟ ରାଜପଥ ସହିତ କୋଲକାତାକୁ ସଂଯୋଗ କରୁଛି । ଏଥିପାଇଁ ନିର୍ମାଣାଧିନ ଉଡନ୍ତା ପୋଲର ୨୦୦ମିଟର ବ୍ୟବଧାନରେ ବୈଶିଙ୍ଗା ଠାରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବାର ସର୍ଭେ କରାଯାଇଥିଲା । ମାତ୍ର ଠିକାଦାରୀ ନେଇଥିବା ବେକ ବୋନ୍ କମ୍ପାନୀ ଏବଂ ନିର୍ମାଣକାରୀ ସଂସ୍ଥା ଆଇରନ୍ ଟ୍ରାଙ୍ଗଲ୍‌ର ଅଧିକାରୀମାନେ ସାଧାରଣ ଲୋକଙ୍କ କଥା ନ ଶୁଣି ନିଜ ଇଚ୍ଛାରେ ଉଡନ୍ତା ପୋଲର ମଝିରେ ଗୋଟିଏ ଗଳା ପୋଲ ନିର୍ମାଣ କରିଦେଲେ । ଫଳରେ ଠାକୁରମୁଣ୍ଡା- ବରହମପୁର ରାସ୍ତାର ଗାଡିଗୁଡିକ ରାଜପଥ ପାରି ହେବା ପାଇଁ ଉଭୟ ପଟୁ ନିଜ ନିଜ ଡାହାଣ ପଟକୁ ଭୁଲ୍ ରାସ୍ତାରେ ଯିବା ଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣାର ଶୀକାର ହେବା, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ଦ୍ୱାରା ବାଲେଶ୍ୱର-ବାରିପଦାରୁ ଯାତ୍ରୀବାହୀ ବସଗୁଡିକ ହଇରାଣ ହେବା ନୀତିଦିନିଆ ଘଟଣା ପାଲଟିଛି ।

ଏହାବ୍ୟତୀତ ଉଡନ୍ତା ପୋଲର ଉଭୟ ପାର୍ଶ୍ୱରେ ଦୁଇ କି.ମି ବ୍ୟବଧାନରେ ପାସିଂ ଦିଆଯାଇଛି । ଫଳରେ ସାଧାରଣ ଲୋକଙ୍କ ପାଇଁ ଆଗକୁ ବହୁ ବିପଦ ଆସିବାର ସମ୍ଭାବନା ରହିଛି । ଏଣୁ ଏହାର ପ୍ରତିକାର ପାଇଁ ମାଣତ୍ରୀରୁ ଆସି ରାଜପଥକୁ ସଂଯୋଗ କରୁଥିବା ସ୍ଥାନରେ ଦ୍ୱିତୀୟ ଗଳା ପୋଲର ନିର୍ମାଣ ନିତାନ୍ତ ଜରୁରୀ ହୋଇପଡିଛି । ଏଥି ପାଇଁ ରାଜପଥ ବିଭାଗ ସହିତ ବିଭାଗୀୟ ମନ୍ତ୍ରୀ, ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ତେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ।

## ଗାଡି ଧକ୍କାରେ ବୃଦ୍ଧ ମୃତ

**ବ୍ରହ୍ମପୁର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଚମାଖଣ୍ଡି ଥାନା ଅଞ୍ଚଳର ପ୍ରହଲ୍ଲାଦ ନାୟକ (୬୦) । ସୂଚନା ପ୍ରକାରେ ପ୍ରହଲ୍ଲାଦ ନିଜ ସ୍ତ୍ରୀ ସହିତ କାଳିଆବାଲିରୁ ନିଜ ଘରକୁ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡି ପ୍ରହଲ୍ଲାଦକୁ ପଛରୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ପ୍ରହଲ୍ଲାଦ ଗୁରୁତର ଆହତ ହୋଇଥିଲେ । ଚମାଖଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ପ୍ରହଲ୍ଲାଦକୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡମେଡ଼ିକେଲକୁ ସ୍ଥାନାନ୍ତର କରିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଚମାଖଣ୍ଡି ଥାନାରେ ୫୫୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି ।

## କ୍ଷତାକ୍ତ ହାତୀର ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜର

**ବୈଶିଙ୍ଗା, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଖିରପଦା ଓ ବୁଆପଦା ସଂରକ୍ଷିତ ଜଙ୍ଗଲରେ କାଲି ଠାରୁ ଏକ ଗୋଠଛଡା ମାଇହାତୀକୁ କ୍ଷତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା । ଶୁକ୍ରବାର ଦିନ ତମାମ ବନ ବିଭାଗର ଅଧିକାରୀମାନଙ୍କ ସହ ବିଶେଷଜ୍ଞ ଚିକିତ୍ସକ ଦଳ ଏହାକୁ ଜଙ୍ଗଲ ଭିତରେ ଖୋଜାଖୋଜି କରିବାକୁ ଲାଗିଥିଲେ । ବହୁ ପରିଶ୍ରମ ପରେ ସନ୍ଧ୍ୟା ସାତଟା ସମୟରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଛି । ଏହାକୁ ଏକ ଟ୍ରକ୍ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯିବ ବୋଲି ସୂଚନା ମିଳିଛି । ଗୋଠଛଡା ହାତୀର ମୁହଁରୁ ରକ୍ତସ୍ରାବ ହେଉଥିବା ଲକ୍ଷ୍ୟ କରି ସ୍ଥାନୀୟ ଲୋକମାନେ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ବେତନଟୀ ବନାଞ୍ଚଳ ମଧ୍ୟରେ ବିଚରଣ କରୁଥିବା ୩୨ ଟିକିଆ ହାତୀପଲ ହଠାତ୍ ବୁଢାବଳଙ୍ଗ ନଦୀ ପାର ହୋଇ ବାଲେଶ୍ୱର ଜିଲ୍ଲାର ନୀଳଗିରି ବନାଞ୍ଚଳ ମଧ୍ୟରେ ପ୍ରବେଶ କରିଥିଲେ । ମାତ୍ର ଏହି ପଲ ମଧ୍ୟରୁ ଗୋଟିଏ ମାଇହାତୀ କୌଣସି କାରଣବଶତଃ ବାଟବଣା ହୋଇ ନଡପୁର ଓ ନିକଟସ୍ଥ ଖିରପଦା ଜଙ୍ଗଲରେ ଦୁଇଦିନ ଧରି ବିଚରଣ କରୁଥିଲା ।

## ଝୁଲନ୍ତା ମୃତଦେହ ଉଦ୍ଧାର

**କଳିଙ୍ଗନଗର, ୧୩।୧୨:**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଟମକା ଥାନା ଅଧୀନ ସନ୍ତାରାଗଡ଼ିଆ ଗାଁରେ ଶୁକ୍ରବାର ଘଟିଥିବା ଏକ ଦୁଃଖଦ ଘଟଣା ଅଞ୍ଚଳରେ ଚର୍ଚ୍ଚାର ସୃଷ୍ଟି କରିଛି । ବ୍ୟକ୍ତିଗତ ମାନସିକ ଚିନ୍ତାରେ ପୀଡ଼ିତ ଥିବା ସନ୍ଦେହରେ କଷ୍ଟିଆ ସାମଲ (୪୯) ନାମକ ବ୍ୟକ୍ତିଙ୍କ ମୃତଦେହ ଘର ନିକଟରେ ଏକ ଗଛରୁ ଝୁଲିଥିବା ଅବସ୍ଥାରେ ମିଳିଥିବାକୁ ପରିବାର ସୂତ୍ର ଜଣାପଛି । ମୃତକଙ୍କ ସ୍ତ୍ରୀ କସାନୀ ସାମଲ ଟମକା ପୋଲିସକୁ ଜଣାଇଛନ୍ତି ଯେ, ସକାଳ ପ୍ରାୟ ୯ଟା ସମୟରେ ସେ ତାଙ୍କ ସ୍ୱାମୀଙ୍କୁ ଘର ନିକଟସ୍ଥ ଗଛରେ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖି ଆମେ ଅବାକ୍ ହୋଇଗଲୁ । ସେ କହିଛନ୍ତି,ଆର୍ଥିକ ପରିଶାନି ଏବଂ ମାନସିକ ଚାପରେ ସେ ଏହାକୁ କରିଥାଇପାରନ୍ତି ବୋଲି ତାଙ୍କର ସନ୍ଦେହଛଏ ସମ୍ପର୍କରେ ସୂଚନା ପାଇ ଟମକା ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ମୃତଦେହକୁ ଜବତ କରିଥିବା ସହ ଟମକା ପୋଲିସ ଯୁଡ଼ି କେସ ନମ୍ବର -୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଷ୍ଟମର୍ଟମ୍ ପାଇଁ ମୃତଦେହକୁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି । ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ପୋଲିସ ଘଟଣାର ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି ।

## ଆଶ୍ରମ ସ୍କୁଲରୁ ୩ ଛାତ୍ର ନିଖୋଜ

**ଢେଙ୍କାନାଳ, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଗଣ୍ଡାନାଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଲତଇଲା ଆଦିବାସୀ ଆବାସିକ ଆଶ୍ରମ ସ୍କୁଲରୁ ୩ ଜଣ ଛାତ୍ର ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଚିଲତଇଲା ଆଶ୍ରମର ପାଖ ପଡ଼ିଆରେ ଗତ ୧୦ ତାରିଖ ଦିନ କ୍ରୀଡା ପ୍ରତିଯୋଗିତା ହେଉଥିଲା। ସବୁ ପିଲା ସେଠାକୁ ଖେଳିବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟାବେଳକୁ ଛାତ୍ରମାନଙ୍କ ମଧ୍ୟରୁ ସମସ୍ତେ ଫେରିଥିଲେ ମଧ୍ୟ ଶିବ ମୁର୍ମୁ (୭), ବାପି ବେଶ୍ରା (୧୧) ଓ ସ୍ୱାଧୀନ ମୁର୍ମୁ (୭) ଆଦି ୩ ଜଣ ଛାତ୍ର ଆଶ୍ରମକୁ ଫେରିନଥିଲେ। ଯାହାକୁ ନେଇ ପ୍ରଥମେ ନିଖୋଜ ପିଲାଙ୍କ ପରିବାର ପକ୍ଷରୁ ରାସୋଳ ଥାନାରେ ଅଭିଯୋଗ କରାଯାଇଥିଲା । ୧୧ ତାରିଖ ଦିନ ଆଶ୍ରମର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ସାହୁ ମଧ୍ୟ ରାସୋଳ ଥାନାରେ ଲିଖିତ ଭାବେ ଜଣାଇଥିଲେ। ନିଖୋଜ ୩ ଛାତ୍ର ଭୁବନର ବାରୁଆଁ ଗ୍ରାମର ବୋଲି ଜଣାପଡିଛି । ପୋଲିସ୍ ଘଟଣାର ତଦନ୍ତ କରିବା ସହ ଆଶ୍ରମର ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଛି ଏବଂ ଖୋଜାଖୋଜି କରିବା ଆରମ୍ଭ କରିଛି । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପିଲାମାନଙ୍କୁ ପାଇନଥିବା ଜଣାପଡ଼ିଛି। ଆଶ୍ରମ କର୍ତ୍ତୃପକ୍ଷଙ୍କର ଦାୟିତ୍ୱହୀନତା କାରଣରୁ ପିଲାମାନେ ଆଜି ଆଶ୍ରମରୁ ନିଖୋଜ ହୋଇଗଲେ ବୋଲି ନିଖୋଜ ପିଲାଙ୍କ ପରିବାରବର୍ଗ ଅଭିଯୋଗ କରିବା ସହ ପିଲାମାନଙ୍କୁ ଯଥାଶୀଘ୍ର ଖୋଜି ଆଣିବାକୁ ନିବେଦନ କରିଛନ୍ତି । ୩ ଜଣ ଛାତ୍ର ହଠାତ୍ କୁଆଡେ ନିଖୋଜ ହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## ଚୋରି ପାଇଁ ଆସି ଗାଡ଼ି ଛାଡ଼ି ପଳାଇଲେ ଚୋର

**ସୋର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ମଧୁସୂଦନପୁର ପଞ୍ଚାୟତ ରଘୁନାଥପୁର ଗଞ୍ଜ ଗ୍ରାମର ଶ୍ୟାମବନ୍ଧୁ ବାରିକଙ୍କ ଘରେ ୨ ଦୁର୍ବୃତ୍ତ ଗତକାଲି ବିଳମ୍ବିତ ରାତିରେ ଚୋରି କରିବା ଉଦ୍ଦେଶ୍ୟରେ ତାଙ୍କ ଘର ବାଡ଼ିରେ ଲାଗିଥିବା ପାଣି ମୋଟର ସହ ଘରେ ଥିବା ସୁନାଚେନ, ନଗଦ ୫ ହଜାର ଟଙ୍କା ଚୋରି କରୁଥିଲେ । ଏହି ସମୟରେ ଶ୍ୟାମବନ୍ଧୁ ଜାଣି ପାରି ଚୋରମାନଙ୍କୁ ଗୋଡାଇବା ସହ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଚୋରମାନେ ଆସିଥିବା ବାଇକ, ଦୁଇ ହଳ ଚପଲ ସହ ପାଣି ମୋଟର ଛାଡ଼ି ଫେରାର ହୋଇଯାଇଥିଲେ ।

# ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ନୀଳଗିରି ସହର

**ନୀଳଗିରି, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ବାଲେଶ୍ୱର ଜିଲ୍ଲା ନୀଳଗିରି ସହରର ବିଭିନ୍ନ ସ୍ଥାନରେ ଏବେ ଦିନକୁ ଦିନ ମଦ, ବ୍ରାଉନସୁଗାର ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନିଶାସେବନ କରି ଘଟାଉଛନ୍ତି ବିଭିନ୍ନ ଅସାମାଜିକ କାର୍ଯ୍ୟ ଓ ଦୁର୍ଘଟଣା ସହିତ କରୁଛନ୍ତି ଚୋରି । ଯାହାଫଳରେ ନିରୀହ ଜନସାଧାରଣ ଏମାନଙ୍କ ଦ୍ୱାରା ହେଉଛନ୍ତି ଶିକାର ବୋଲି ବେଶ ଚର୍ଚ୍ଚା ହେଉଛି ନୀଳଗିରି ନିର୍ବାଚନ ମଣ୍ଡଳୀରେ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀଳଗିରି ପୋଲିସ ପକ୍ଷରୁ ଏହି ନିଶାଡ଼ିଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ନୀଳଗିରି ସହରରେ ବିଭିନ୍ନ ଆଡ୍ଡା ଉପରେ ଚଡାଉ କରି ନିଶାଡ଼ିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଏହି ନିଶାଡ଼ିମାନେ ସ୍ଥାନ ପରିବର୍ତ୍ତନ କରି ନିଜର ଆଡ୍ଡା ଜମାଉଛନ୍ତି । ଗତ କିଛିଦିନ ହେବ ନୀଳଗିରି ଏନ୍ ଏ ସି ଘାଟଘରସାହିରେ ଥିବା କାଳିନ୍ଦ୍ରୀ ପୋଖରୀ ନିକଟରେ ନିଶାଡ଼ିମାନେ ଆଡ୍ଡା ଜମାଇବା ସହ ବିଭିନ୍ନ ପ୍ରକାର ମାଦକଦ୍ରବ୍ୟ ସେବନ କରୁଥିବାର ଖବର ପାଇ ନୀଳଗିରି ପୋଲିସ ପକ୍ଷରୁ ଉକ୍ତ ସ୍ଥାନରେ ଅଚାନକ ଚଡ଼ାଉ କରିବା ଫଳରେ ନିଶଝଡ଼ିମାନେ ପୋଲିସକୁ ଦେଖି ରାତ୍ରୀର ଅନ୍ଧକାରରେ ଛତ୍ରଭଙ୍ଗ ଦେଇଥିବା ବେଳେ ନିଜର ମଟରସାଇକେଲକୁ ଛାଡ଼ି ଚମ୍ପଟ ମାରିଥିଲେ । ପୋଲିସ ଉକ୍ତ ସ୍ଥାନରୁ ୩ଟି ବାଇକ ଜବତ କରି ନୀଳଗିରି ଥାନାରେ ରଖିଥିବାର ଜଣାପଡିଛି । ଉକ୍ତ ବାଇକ ଗୁଡ଼ିକର ମାଲିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ପୋଲିସର ଏଭଳି ଆକ୍ସନମୋଡ ଦେଖି ନିଶଝଡ଼ି ଓ ନିଶା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ପୋଲିସର ଏପରି କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ସ୍ୱାଗତ ଜଣାଇଛନ୍ତି ।

## ତହସିଲ ପକ୍ଷରୁ ଚଢ଼ାଉ : ବାଲି ବୋଝେଇ ଡମ୍ଫର ଜବତ

**ସୋର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ଡ଼ମ୍ଫର ଜବତ କରାଯାଇଛି । ଶୁକ୍ରବାର ବାଲି ଚୋରା ଚାଲାଣ ହେଉଥିବା ନେଇ ଖବର ମିଳିବା ପରେ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡ଼ି ୨୨ ଜି ୨୧୦୯ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଡ଼ମ୍ଫରକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଖବର ପାଇ ୪୦ରୁ ଉର୍ଦ୍ଧ୍ୱ ବାଲି ଗାଡି ଫେରାର ହୋଇଯାଇଥିବା ଜଣାପଡିଛି ।

## ଉତ୍ତର ଚିଲିକାରେ ବିଦେଶୀପକ୍ଷୀଙ୍କ କଳରବ

**କଣାସ, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



ଶୀତର ଆଗମନ ହେଲେ ଏସିଆ ମହାଦେଶର ସର୍ବବୃହତମ ହ୍ରଦ ନୀଳାମ୍ବୁ ଚିଲିକାକୁ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ମାଇଲ ଅତିକ୍ରମ କରି ବିଭିନ୍ନ କିସମର ବିଦେଶୀ ପକ୍ଷୀ ପ୍ରତିବର୍ଷ ଆସିଥାଆନ୍ତି । ଚଳିତ ବର୍ଷ ମଧ୍ୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଚିଲିକାକୁ ଆସି ପହଞ୍ଚିଥିବା ବେଳେ ଚିଲିକାର ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଆସ୍ଥାନ ଜମାନ୍ତି । ନଳବଣରେ ଖାଦ୍ୟ ଅଭାବ ଯୋଗୁଁ ପକ୍ଷୀମାନେ ଚିଲିକାର ଉତ୍ତରନାଶି ବା ଦୟା ଓ ମକରାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଖାଦ୍ୟ ଅନେଷଣରେ ବୁଲୁଛନ୍ତି । ଉତ୍ତରନାଶିରେ ପ୍ରଚୁର ପରିମାଣର କଇଁଫୁଲ ଏବଂ କଳିକତିଦଳ ଥିବାରୁ କଇଁଫୁଲ କେଶର ଓ ଦଳରୁ ପୋକଜୋକ ଖାଇବା ପାଇଁ ଦିନକୁ ଦିନ ବିଦେଶୀ ପକ୍ଷୀମାନଙ୍କ ଭିଡ ଜମିବାରେ ଲାଗିଛି । ବାଲୁଗାଁ ପକ୍ଷୀସୁରକ୍ଷା ବିଭାଗ ପକ୍ଷରୁ ଚିଲିକା ମଧ୍ୟରେ ପକ୍ଷୀ ସୁରକ୍ଷା କଡାକଡି ଭାବେ କରାଯାଇଥିବା ବେଳେ ଉତ୍ତରନାଶିରେ ପକ୍ଷୀସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବାହରର ଶିକାରୀମାନେ ଦୁରଦୁରାନ୍ତରୁ ଆସି ଚିଲିକାର ଉତ୍ତରନାଶି ଆଖପାଖ ଗ୍ରାମରେ ନିଜ ନଜିର ଯାନ ରଖି ସନ୍ଧ୍ୟା ସମୟରେ ଛୋଟଛୋଟ ନୈକା ଦ୍ୱାରା ଚିଲିକା ମଧ୍ୟକୁ ପସି ମାଛମାରିବା ନାମରେ ଫାଇସିଜାଲ ବସାଇବା ସହିତ କାଇଁଫୁଲ କେଶରରେ ସିରିଂ ମାଧ୍ୟମରେ ନିଶାଯୁକ୍ତ ତରଳ ପଦାର୍ଥ୍ୟ ଦେଉଛନ୍ତି । ପକ୍ଷୀମାନେ ନିଶାଯୁକ୍ତ ଔଷଧ ଖାଇବା ପରେ ନିସ୍ତେଜ ହୋଇପଡିବା ଏବଂ ଫାଇସିଜାଲରେ ପଡୁଥିବା ପକ୍ଷୀମାନଙ୍କୁ ଧରି ଭୋରୁ ଭୋରୁ ନିଜର ଗନ୍ତବ୍ୟସ୍ଥଳକୁ ଫେରିଯାଉଛନ୍ତି । ଆଉ ମଧ୍ୟ କେତେକ ଆଖପାଖ ଗ୍ରାମବାସୀ କୂଳରେ ରହୁଥିବା ପକ୍ଷୀମାନଙ୍କୁ ଉପରକୁ ଉଜ୍ଜୋଳ ଆଲୋକ ପକାଇ ଠେଙ୍ଗା ସାହାଯ୍ୟରେ ବାଡେଇ ଧରିନେଉଛନ୍ତି । ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତରନାଶିରେ କଡାକଡି ସୁରକ୍ଷା ବ୍ୟବସ୍ଥା କରିବାକୁ ପକ୍ଷୀପ୍ରେମୀମାନେ ନିବେଦନ କରିଛନ୍ତି ।

# ୩ କର୍ମଚାରୀରେ ଚାଲୁଛି ୟୁନିଅନ ବ୍ୟାଙ୍କ

**କଳିଙ୍ଗନଗର, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




କଳିଙ୍ଗନଗର - ଯାହାକି ଏସିଆ ମହାଦେଶର ଧାତବ ଶିଳ୍ପ ହବ୍ ବୋଲି ବିଶ୍ୱରେ ପରିଚିତ । ସେଠାରେ ସାଧାରଣ ଲୋକ ଆଜି ମଧ୍ୟ ମୌଳିକ ବ୍ୟାଙ୍କିଙ୍ଗ ସେବା ପାଇଁ ନାନା ହଇରାଣ ହରକତ ହେବାକୁ ବାଧ୍ୟ ହେଉଛନ୍ତି । ପଙ୍କପାଳ ବଙ୍ଗଳା ଛକରେ ଥିବା ସରକାରୀ ଅନୁବାନ୍ଧିତ ୟୁନିଅନ ବ୍ୟାଙ୍କରେ ଦିନକୁ ଦିନ ସମସ୍ୟା ବୃଦ୍ଧି ସହିବାକୁ ପଡୁଛି ଗ୍ରାହକମାନଙ୍କୁ । ଏବେ ଦେଖିବାକୁ ମିଳୁଛି ୩ ଜଣ କର୍ମଚାରୀରେ ଚାଲୁଛି ସମଗ୍ର ବ୍ୟାଙ୍କ! ପୂର୍ବରୁ ୪ ଜଣ କର୍ମଚାରୀ ନିୟୋଜନ ଥିଲେ ମଧ୍ୟ ଏବେ କର୍ମଚାରୀ ସଂଖ୍ୟା କମିକି ବ୍ୟାଙ୍କ ଚାଲୁଛି ମାତ୍ର ୩ ଜଣ କର୍ମଚାରୀଙ୍କୁ ନେଇକି । ଫଳରେ ଗୋଟେ କାମପାଇଁ ଆସିଲେ ଦୀର୍ଘ ସମୟ ନେଉଛନ୍ତି, ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । କାମ ପାଇଁ ବହୁତ ଡେରି ସମୟ ଲାଗୁଛି । ଅଳ୍ପ କର୍ମଚାରୀ ପାଇଁ ଏକାଠି ଅଫିସରରେ ବହୁ ଦାୟିତ୍ୱ ରହୁଛି । ଗ୍ରାହକମାନଙ୍କ କହିବା-ଏତେ ବଡ଼ ଅଞ୍ଚଳର କାର୍ଯ୍ୟ ବହୁତ କିନ୍ତୁ ୩ ଜଣ କର୍ମଚାରୀ କିପରି ସମ୍ଭାଳିବେ ଏ ଦାୟିତ୍ୱ ? ବିଦ୍ୟୁତ ଗଲେ ବ୍ୟାଙ୍କ ସେବା ବନ୍ଦ ହୋଇଯାଏ । ବିଦ୍ୟୁତ ବିଛିନ୍ନ ହେଲେ ବ୍ୟାଙ୍କ କିଛି ସମୟ ପରେ ଟୋଟାଲ୍ ଅଚଳ ହୋଇଯାଏ । ବ୍ୟାଙ୍କରେ ଜେନେରେଟର ସୁବିଧା ନାହିଁ । କେବଳ ବ୍ୟାଟେରୀ ଉପରେ ଚାଲୁଥିବା ବ୍ୟବସ୍ଥା ଏ ବ୍ୟଙ୍କରେ, ବ୍ୟାଟେରୀ ଶକ୍ତି ଶେଷ ହେଲେ ସିଷ୍ଟମ୍ ବନ୍ଦ,ଲିଙ୍କ ଅନେକ ସମୟରେ ଡାଉନ୍ ଗ୍ରାହକ ହତାଶ । ବିଶାଳ ଅଞ୍ଚଳ ଏହି ବ୍ୟାଙ୍କ ଉପରେ ନିର୍ଭର ଶିଳ ଅଟନ୍ତି । ବଙ୍ଗଳା ଛକ ଠାରେ ୧୦-୧୫ କି.ମି ଭିତରେ ଅନ୍ୟ କୌଣସି ବ୍ୟାଙ୍କ ନଥିବାରୁ-ସୁକିନ୍ଦା ବ୍ଲକର ଅନେକ ଗ୍ରାମ, ଦାନଗଦି ବ୍ଲକର ଅଞ୍ଚଳଗୁଡିକ, ଅନେକ ଶିଳ୍ପ ପ୍ରତିଷ୍ଠାନ, ସରକାରୀ କର୍ମଚାରୀରୋଜ ଲାଭ କମାଉଥିବା ଲୋକ ସମ୍ପୂର୍ଣ୍ଣଭାବେ ଏହି ୟୁନିଅନ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି । ଏଟିଏମ ସମସ୍ୟା ସମାଧାନ - କିନ୍ତୁ ପ୍ରମୁଖ ସମସ୍ୟା ଅବହେଳିତ ଅଛି । ପୂର୍ବରୁ ଏଟିଏମ ସର୍ବଦା ଅଚଳ ଥିଲା । ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶ ପରେ ନୂଆ ଏଟିଏମ ସ୍ଥାପିତ ହୋଇଛି । ବ୍ୟାଙ୍କର ମୁଖ୍ୟ ୩ଟି ସମସ୍ୟା ଏପର୍ଯ୍ୟନ୍ତ ଅସମାଧାନ: କର୍ମଚାରୀ ସଂଖ୍ୟା ବଢ଼ାଇବା, ଜେନେରେଟର ସୁବିଧା ସ୍ଥାପନ, ଲିଙ୍କ ଡାଉନ୍ ସମସ୍ୟା ସମାଧାନ ଗ୍ରାହକଙ୍କ ଚେତାବନୀ ଦେଇଛନ୍ତି ସମସ୍ୟା ର ସମାଧାନ ଠିକ୍ ନ ହେଲେ ବୃହତ ଆନ୍ଦୋଳନ ହେବ ବୋଲି ଚେତାବନୀ । ଏହା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଡ଼ ବ୍ୟାଙ୍କ ସେବାରେ ଗ୍ରାହକମାନଙ୍କୁ ତାଙ୍କ ମୌଳିକ ଅଧିକାର ମିଳିବା ପାଇଁ ପଦକ୍ଷେପ ନିଅନ୍ତୁ । ତୁରନ୍ତ ସମସ୍ୟା ସମାଧାନ ହେଉ ଏପରି ଗ୍ରାହକମାନଙ୍କ ସ୍ପଷ୍ଟ ଦାବି କରିଛନ୍ତି ।

ଶିଳ୍ପ ବିକାଶ ଏବଂ ପରିବେଶ ଦୁଇଟି ଭିତରେ ସନ୍ତୁଳନ ରକ୍ଷା କରିବା କଷ୍ଟ । ଶିଳ୍ପ ବିକାଶ ହେବ କିନ୍ତୁ ପରିବେଶ ପ୍ରଦୂଷଣ ହେବନାହିଁ ଏଥିପାଇଁ ଯେଉଁସବୁ ଗାଇଡ୍‌ଲାଇନ୍ ବା ଲକ୍ଷ୍ମଣରେଖା ରହିଛି ତାହା ଶିଳ୍ପସଂସ୍ଥାଗୁଡ଼ିକ କେତେ ଅନୁପାଳନ କରନ୍ତି ଏକଥା ନକହିବା ଭଲ । ପ୍ରଦୂଷଣ ଗାଇଡ୍‌ଲାଇନ୍ ଖିଲାପ କଲେ କଠୋର ଦଣ୍ଡର ବ୍ୟବସ୍ଥା ଅଛି କି? ଯେହେତୁ ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ସହିତ ସମ୍ପର୍କିତ ସେ ଦୃଷ୍ଟିରୁ ପ୍ରଦୂଷଣ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯିବା ଦରକାର । କିନ୍ତୁ ଆମ ଦେଶରେ ଯେଉଁମାନେ ଏସବୁର ଯାଞ୍ଚ ପାଇଁ ଅଛନ୍ତି ସେମାନେ ତାଙ୍କ କର୍ତ୍ତବ୍ୟ କେତେ ନିଷ୍ଠାର ସହ ପାଳନ କରନ୍ତି ସେଇଟା ମଧ୍ୟ ଆଉ ଏକ ପ୍ରଶ୍ନ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୪ ଡିସେମ୍ବର ୨୦୨୫ | ରବିବାର

ଓଡ଼ିଶା ଏକ୍ସପ୍ରେସ୍


## ଦୁର୍ନୀତି ହଟିଲେ ପ୍ରଦୂଷଣ ଦୂର ହେବ

ଦେଶରୁ ଦୁର୍ନୀତି ନହଟିବା ଯାଏଁ ଏକ ପ୍ରଦୂଷଣମୁକ୍ତ ପରିବେଶ ମିଳିବା ସମ୍ଭବପର ହେବନାହିଁ କେବେବି । ଦୁର୍ନୀତି ହିଁ ପ୍ରଦୂଷଣ ବଢ଼ାଇଥାଏ । ଯେଉଁ ଆଇନ୍ ବହିର୍ଭୂତ କାମ ହୁଏ ଏବଂ ଯେଉଁସବୁ ଅବୈଧ କାମ ପ୍ରତି କୋହଳ ମନୋଭାବ ପୋଷଣ କରାଯାଏ ସେଇଠି ଦୁର୍ନୀତିର ଗନ୍ଧ ବେଶ୍ ବାହାରିହୁଏ । ନିୟମ ବହିର୍ଭୂତ କାମ ପାଇଁ ଅନେକ ସମୟରେ ଜରିମାନା ହିଁ ଯଥେଷ୍ଟ ହୁଏ ଆମ ଦେଶରେ । ତେଣୁ ଜରିମାନା ଦେବାର କ୍ଷମତା ଥିଲେ ବାରମ୍ବାର ନିୟମ ଉଲ୍ଲଂଘନ କରିହୁଏ ।

ପ୍ରଦୂଷଣ ବଢ଼ିବାର କାରଣ କ'ଣ?

ଗାଡ଼ି ମୋଟରର ଲଗାମଛଡ଼ା ସଂଖ୍ୟା ବୃଦ୍ଧି ପ୍ରଦୂଷଣର ଏକ କାରଣ । ମଣିଷ ତା'ର ଅୟସ-ଆରାମ ପାଇଁ ଯେଉଁସବୁ ଜିନିଷକୁ ଆପଣାଇବାରେ ଲାଗିଛି ସେସବୁ ମଧ୍ୟ ପ୍ରଦୂଷଣ ବଢ଼ାଇବାର କାରଣ ପାଲଟୁଛି ।

ଅବୈଧ ନିର୍ମାଣ, ଅଦୂରଦୃଷ୍ଟି ସହରୀକରଣ ମଧ୍ୟ ପ୍ରଦୂଷଣର ଅନ୍ୟ ଏକ କାରଣ । ଏଇଭଳି ଧାରା ବଜାୟ ରହିଲେ ଆଗକୁ ପ୍ରଦୂଷଣର ପ୍ରଭାବ ଯେ ଉତ୍କଟ ରୂପ ଧାରଣ କରିବ ଏଥିରେ ସନ୍ଦେହ ନାହିଁ ।

ପ୍ରତିଟି ଲୋକର ଇଚ୍ଛା ସହର ଭିତରେ ରହିବାକୁ । ତେଣୁ ସହର ବଢୁଛି ଉପର ଆଡକୁ । ବହୁତଳ ଅଟ୍ଟାଳିକା ଖରା ଏବଂ ପବନର ବାଟ ଓଗାଳୁଛି । ଏଥିସହିତ ଅଳ୍ପ ଜାଗା ଭିତରେ ଅନେକ ଲୋକ ରହିଲେ ପ୍ରଦୂଷଣ ବଢ଼ିବା ଅସ୍ୱାଭାବିକ ନୁହେଁ । ଏବେ ପ୍ରତିଟି ଘରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବା ଏସି ରହିଛି । ଦପ୍ତରଗୁଡ଼ିକରେ ମଧ୍ୟ ଏସି ଲାଗିଛି । ଗ୍ରୀଷ୍ମ ଅସହ୍ୟ ହେବାକୁ ଲାଗିଛି, ତେଣୁ ବିନା ଏସିରେ ବଞ୍ଚିବା ମୁସ୍କିଲ ହୋଇପଡ଼ିଲାଣି । କିନ୍ତୁ ଆମେ କ'ଣ କେବେ ଚିନ୍ତା କରୁ ଏସି ଘର ଭିତରକୁ ଥଣ୍ଡା ସହିତ ବାହାର ଉତ୍ତାପକୁ ବଢ଼େଇବାରେ ସାହାଯ୍ୟ କରିଥାଏ ବୋଲି?

ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି ଏବେ । ଶିଳ୍ପ ବିକାଶ ନହେଲେ ଦେଶର ଆର୍ଥିକ ଅଭିବୃଦ୍ଧି ହେବନାହିଁ । କଳକାରଖାନାର ସଂଖ୍ୟାରୁ ବିକାଶକୁ ମାପିହୁଏ । ତେଣୁ ଶିଳ୍ପ ସମୃଦ୍ଧି ଦେଶ ଏବଂ ରାଜ୍ୟର ଚିତ୍ରକୁ ଉଜ୍ଜ୍ୱଳ କରିଥାଏ ।

ଶିଳ୍ପ ବିକାଶ ଏବଂ ପରିବେଶ ଦୁଇଟି ଭିତରେ ସନ୍ତୁଳନ ରକ୍ଷା କରିବା କଷ୍ଟ । ଶିଳ୍ପ ବିକାଶ ହେବ କିନ୍ତୁ ପରିବେଶ ପ୍ରଦୂଷଣ ହେବନାହିଁ ଏଥିପାଇଁ ଯେଉଁସବୁ ଗାଇଡ୍‌ଲାଇନ୍ ବା ଲକ୍ଷ୍ମଣରେଖା ରହିଛି ତାହା ଶିଳ୍ପସଂସ୍ଥାଗୁଡ଼ିକ କେତେ ଅନୁପାଳନ କରନ୍ତି ଏକଥା ନକହିବା ଭଲ । ପ୍ରଦୂଷଣ ଗାଇଡ୍‌ଲାଇନ୍ ଖିଲାପ କଲେ କଠୋର ଦଣ୍ଡର ବ୍ୟବସ୍ଥା ଅଛି କି? ଯେହେତୁ ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ସହିତ ସମ୍ପର୍କିତ ସେ ଦୃଷ୍ଟିରୁ ପ୍ରଦୂଷଣ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯିବା ଦରକାର । କିନ୍ତୁ ଆମ ଦେଶରେ ଯେଉଁମାନେ ଏସବୁର ଯାଞ୍ଚ ପାଇଁ ଅଛନ୍ତି ସେମାନେ ତାଙ୍କ କର୍ତ୍ତବ୍ୟ କେତେ ନିଷ୍ଠାର ସହ ପାଳନ କରନ୍ତି ସେଇଟା ମଧ୍ୟ ଆଉ ଏକ ପ୍ରଶ୍ନ । ଯେଉଁଠି ନରମ ମନୋଭାବ ଦେଖିବାକୁ ମିଳେ, ସେଠି ଦୁର୍ନୀତି ଲୁଚିଥାଏ । ତେଣୁ ଏକ ପ୍ରଦୂଷଣମୁକ୍ତ ଦେଶ ପାଇଁ ଏକ ଦୁର୍ନୀତିମୁକ୍ତ ଦେଶ ଗଠନର ସଂକଳ୍ପ ମଧ୍ୟ ଦରକାର ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା- କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ପ୍ରଦୂଷଣ ସମ୍ପର୍କିତ ବିତର୍କ ପ୍ରସ୍ତାବ ବିନା କୌଣସି ବାଧାରେ ସରକାର ସ୍ୱୀକାର କରିଛନ୍ତି । ଭାରତର ଭୟଙ୍କର ବାୟୁ ପ୍ରଦୂଷଣ ସମ୍ପର୍କରେ ରାହୁଲ ଗାନ୍ଧି ଗୋଟିଏ ଜରୁରୀ ଏବଂ ଗଠନମୂଳକ ବିତର୍କ ପାଇଁ ଆହ୍ୱାନ ଦେଇଥିଲେ । ଏହା ଲୋକଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ବୋଲି ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ରାହୁଲ ଗାନ୍ଧି ଆଲୋଚନା ପାଇଁ ଦାବି କରୁଥିବା ବେଳେ ସରକାର ଏଥିରେ ରାଜି ହୋଇଛନ୍ତି । ଲୋକସଭାର ଶୂନ୍ୟକାଳରେ ରାହୁଲ ଗାନ୍ଧି କହିଥିଲେ- ଭାରତର ବଡ଼ ବଡ଼ ସହର ଏବେ ଭୟଙ୍କର ତଥା ବିଷାକ୍ତ ବାୟୁ ମଧ୍ୟରେ ରହିଛି । ଅଧିକାଂଶ ସହରର ଅବସ୍ଥା ସମାନ । ଲକ୍ଷ ଲକ୍ଷ ପିଲା ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ହେଉଛନ୍ତି । ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି । ପ୍ରଦୂଷଣ କାରଣରୁ କ୍ୟାନସର ମଧ୍ୟ ବଢୁଛି । ବୟସ୍କ ଲୋକମାନେ ନିଶ୍ୱାସ ନେବାକୁ ସଂଘର୍ଷ କରୁଛନ୍ତି । ଏହା ଏମିତି ଏକ ପ୍ରସଙ୍ଗ ଯେଉଁଥିରେ ସରକାର ଆମ ସହ ଏକମତ ହେବେ ବୋଲି ଆଶା ।

ପ୍ରଶ୍ନ ଉଠୁଛି ପ୍ରଦୂଷଣକୁ କେମିତି ରୋକାଯାଇପାରିବ? ପ୍ରଦୂଷଣ ସୃଷ୍ଟିକାରୀ ଉତ୍ସ ଉପରେ ଏବଂ ଏହାର କାରଣ ଉପରେ କଠୋର ମନୋଭାବ ପୋଷଣ କରାନଗଲେ ପ୍ରଦୂଷଣରୁ ମୁକ୍ତି ମିଳିବା ସହଜ ହେବନି ବୋଲି ଆଶା ।

# ସୁଖ ସୌଭାଗ୍ୟର ସ୍ଥିତି ଓ ଅବସ୍ଥିତି



**ମୂଲ୍ୟବୋଧ**

**ଅରବିନ୍ଦ ରାଉତରାୟ**

ବିଶ୍ୱ ସୁଖ ସୌଭାଗ୍ୟ ତାଲିକାର ବହୁ ପଛଧାଡ଼ିରେ ଥିବା ବିକାଶଶୀଳ ରାଷ୍ଟ୍ର ଭାରତକୁ ପଡ଼ୋଶୀ ରାଷ୍ଟ୍ର ଚୀନ, ନେପାଳ, ପାକିସ୍ତାନ ଓ ବାଂଲାଦେଶ ଏ କ୍ଷେତ୍ରରେ ପଛରେ ପକାଇ ଦେଇଛନ୍ତି । ଦେଶରେ ବର୍ଦ୍ଧିତ ଲୋକସଂଖ୍ୟା ଓ ବହୁବିଧ ଭାଷାରୁ ପ୍ରଚଳନ ସତ୍ତ୍ୱେ ୨୦୨୩ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନର ଅବଶ୍ୟ ସଫଳତା ମିଳିଛି । ଗୋଟିଏ ବର୍ଷରେ ଅର୍ଥାତ୍ ୨୦୨୪ରେ ବିଶ୍ୱତାଲିକାର ଆଠଟି ଧାଡ଼ି ଅତିକ୍ରମ କରି ନୂଆଦିଲ୍ଲୀ ୧୧୮ ରେ ପହଞ୍ଚିଛି । ଏହି ଅଗ୍ରଗତି ବା ପରିବର୍ତ୍ତନ ଧାରା ଅବ୍ୟାହତ ରହିଲେ ଅବଶ୍ୟ ୨୦୪୭ ବେଳକୁ ତାଲିକାର ଶୀର୍ଷ ସ୍ଥାନରେ ପହଞ୍ଚିବା କିଛି ଅସମ୍ଭବ ହେବ ନାହିଁ । ତେବେ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଆଗଭର ହୋଇ ସମଗ୍ର ବିଶ୍ୱରେ ପଞ୍ଚମ ସ୍ଥାନରେ ରହିଥିବା ଭାରତ ଦେଶବାସୀଙ୍କୁ ସୁଖ ସୌଭାଗ୍ୟ ଯୋଗାଇ ଦେବାରେ ଏତେ ପଛକୁ ଚାଲିଯିବାର କାରଣ ନୀତି ନିର୍ଦ୍ଧାରକ ଓ ସର୍ବୋପରି ସରକାରଙ୍କୁ ବ୍ୟଥିତ କରିବାରେ କିଛି ନୂତନତ୍ୱ ନାହିଁ । ଏବେ ଆମେ ଯଦି ଏହାର ସ୍ଥିତି ଓ ଅବସ୍ଥିତି ସଂପର୍କରେ ବିଶ୍ଳେଷଣ କରି ବସିବା ଦେଶର ଏକ ଷଷ୍ଠାଂଶ ଲୋକ ବାସ କରୁଥିବା ବୃହତ ରାଜ୍ୟ ଉତ୍ତର ପ୍ରଦେଶର ଭାଗୀଦାରିତା ଏ କ୍ଷେତ୍ରରେ ନଗଣ୍ୟ ବୋଲି ନଜରକୁ ଆସିବ । ଦେଶର ପ୍ରଥମ ଦଶଟି ରାଜ୍ୟ ତାଲିକାର ଶେଷ ସ୍ଥାନରେ ଏହି ବୃହତ ରାଜ୍ୟ ରହିଛି । ରାଜନୀତି ହେଉ ବା ସରକାର ଗଠନ କ୍ଷେତ୍ରରେ ହେଉ ଉତ୍ତର ପ୍ରଦେଶର ଭାଗୀଦାରିତା ସର୍ବାଧିକ ସିନା, ହେଲେ ରାଜ୍ୟ ଓ ଦେଶବାସୀଙ୍କୁ ସୁଖ ଶାନ୍ତିରେ ରଖିବାରେ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ରହିଛି । ଏକ ସର୍ଭେରୁ ସ୍ପଷ୍ଟ ହୋଇଛି ଯେ କ୍ଷୁଦ୍ର ରାଜ୍ୟ ହିମାଚଳ ପ୍ରଦେଶ ସୁଖୀ ତାଲିକାର ଶୀର୍ଷରେ ରହିଛି । କଥାରେ ଅଛି ଦେଶର ଶାସନଭାର କେଉଁ ରାଜନୈତିକ ଦଳ ନେବ ତାହା ନିର୍ଣ୍ଣୟ କରିଆସୁଛି, ସର୍ବାଧିକ ଲୋକସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତର ପ୍ରଦେଶ । ହେଲେ ସୁଖ ସମୃଦ୍ଧି ସୃଷ୍ଟି କ୍ଷେତ୍ରରେ ଦୁର୍ବଳତାର କାରଣ କ'ଣ? ଅବଶ୍ୟ ହିମାଚଳ ପଛକୁ ପଛ ରହିଛନ୍ତି ବହୁ ଛୋଟ ଛୋଟ ରାଜ୍ୟ । ମିଜୋରାମ ଦ୍ୱିତୀୟରେ ଥିବା ବେଳେ ଆଣ୍ଡାମାନ ଓ ନିକୋବର ତୃତୀୟ, ପଞ୍ଜାବ ଓ ଗୁଜରାଟ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି ।

ଏବେ ଆମେ ଦେଖିବା ହିମାଚଳ ପ୍ରଦେଶର ଭାଗୀଦାରିତା ସବୁଠାରୁ ଅଧିକ ହେବାର କାରଣ କ'ଣ ? ପ୍ରାୟ ଛପନ ହଜାର ବର୍ଗ କିଲୋମିଟର ପରିବ୍ୟାପ୍ତ ପ୍ରାକୃତିକ ପରିବେଶ ଭରା ଏକ ରାଜ୍ୟ ମୁଣ୍ଡପିଛା ଆୟ ବୃଦ୍ଧି ଓ ମାନବୀୟ ବିକାଶ ଧାରାରେ ପ୍ରଗତି ଆଣିବାରେ ଏକପ୍ରକାର ସିଦ୍ଧହସ୍ତ । ଏହା ଅର୍ଥ ନୁହେଁ ଯେ ରାଜ୍ୟବାସୀଙ୍କ ପାଇଁ କୌଣସି ଅର୍ଥନୈତିକ ସମସ୍ୟା ନାହିଁ । ମାତ୍ର ଉପଲବ୍ଧ ଭୌଗୋଳିକ ଓ ଅର୍ଥନୈତିକ ଅବସ୍ଥିତିର ସଫଳ ଏବଂ ଉତ୍ପାଦନଭିତ୍ତିକ ବିନିଯୋଗ ହିଁ ରାଜ୍ୟକୁ ଜାତୀୟସ୍ତରରେ ଏହି ସଫଳତା ଆଣି ଦେଇଛି । ଯେମିତି କି କେରଳ ପରେ ହିମାଚଳକୁ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଶିକ୍ଷକ ଓ ଛାତ୍ର ଅନୁପାତର ବର୍ଦ୍ଧିତ ଭାବଧାରା । ଏହି ଅନୁପାତ ଯେ ରାଜ୍ୟକୁ କେବଳ ମାନବୀୟ ବିକାଶ ଧାରାରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆଗୁଆ ରଖିଛି ତାହା ନୁହେଁ, ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ ମୁଣ୍ଡପିଛା ଆୟ ବୃଦ୍ଧି କ୍ଷେତ୍ରରେ ସାମର୍ଥ୍ୟ ମଧ୍ୟ ଆଣିଦେଇଛି । ପରିବର୍ତ୍ତିତ ମାନସିକ ଚିନ୍ତାଧାରା ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ବିକାଶ ଘଟାଇବାରେ ବେଶ ସଫଳତା ଅର୍ଜନ କରିଛି । ରାଜ୍ୟର ରାଜସ୍ୱ ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇଛି ପ୍ରାକୃତିକ ପରିବେଷ୍ଟନୀରେ ଅବସ୍ଥିତ ପର୍ଯ୍ୟଟନ ଭିତ୍ତିଭୂମି । ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଉନ୍ନତ ପର୍ଯ୍ୟଟନ ଶିଳ୍ପ ବେଶ ଆକୃଷ୍ଟ କରିବା ସହିତ ଆର୍ଥିକ ପ୍ରଗତି କ୍ଷେତ୍ରରେ ସହାୟକ ହୋଇଛି । କେବଳ ସେତିକି ନୁହେଁ, ଅର୍ଥନୈତିକ ମେରୁଦଣ୍ଡକୁ ମଧ୍ୟ ଅଧିକ ମଜଭୁତ କରିଛି ପ୍ରତିକୂଳ ପରିବେଶ ଓ ଅବସ୍ଥିତିରେ ସମ୍ଭବେ ବୟନ, ଔଷଧ, ଖାଦ୍ୟ ପ୍ରଶୋଧନ, ପ୍ରଯୁକ୍ତି, ଇଲେକ୍ଟ୍ରୋନିକ ଓ ଲଘୁ ଇଂଜିନିୟରିଂ ଶିଳ୍ପ ସମୂହ । ଏସବୁ ବାଦ୍ ରାଜ୍ୟର ଦ୍ରୁତ ପ୍ରଗତି କ୍ଷେତ୍ରରେ ବାଧକ ସାଜିଛି ଗ୍ରାମାଞ୍ଚଳରେ ବସବାସ କରୁଥିବା ରାଜ୍ୟବାସୀଙ୍କ ନିମ୍ନ ଆୟ ପନ୍ଥା ଓ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ବହୁବିଧ ପ୍ରତିବନ୍ଧକ । ପାରିବେଶିକ ଅସମତା ଓ ପ୍ରଦୂଷଣ ମଧ୍ୟ କେତେକ କ୍ଷେତ୍ରରେ ପ୍ରଗତିରେ ବାଧକ ସାଜିଛି । ହେଲେ ପ୍ରତିବନ୍ଧକ ଓ ସମସ୍ୟା ରାଜ୍ୟର ସୁଖସୌଭାଗ୍ୟ ଓ ଅର୍ଥନୈତିକ ବିକାଶକୁ ନିମ୍ନଗାମୀ କରିବାରେ ବିଫଳ ହୋଇଛି ।

ଏବେ ଆମେ ସାଢେ ଚାରିକୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଓଡ଼ିଶା ଆଡ଼କୁ ମୁହାଁଇବ । ୨୦୨୪ ରେ ଏହି ସୁଖ ସମୃଦ୍ଧ ରାଜ୍ୟ ତାଲିକାର ପ୍ରମୁଖ ଦଶଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ଥିବା ପରି ମନେ ହେଉନାହିଁ । ପୂର୍ବବର୍ଷ ଅର୍ଥାତ୍ ୨୦୨୩ ରେ ଓଡ଼ିଶା ସର୍ବୋଚ୍ଚ ତାଲିକାର ତୃତୀୟ ସ୍ଥାନରେ ରହିଥିଲା । ମହାରାଷ୍ଟ୍ର ଦ୍ୱିତୀୟ ଓ ହିମାଚଳ ପ୍ରଥମ ସ୍ଥାନରେ ଥିଲା । ମାତ୍ର ବର୍ଷକ ମଧ୍ୟରେ ହିମାଚଳ ତା'ର ସ୍ଥାନ ଅପରିବର୍ତ୍ତିତ ରଖିଥିବା ବେଳେ ଓଡ଼ିଶା ପ୍ରଥମ ଦଶ ପ୍ରତିଯୋଗୀ ତାଲିକାରୁ ବାହାରକୁ ଚାଲିଯାଇଛି । ଅବଶ୍ୟ ବର୍ତ୍ତମାନର ରାଜ୍ୟ ସରକାର ଓଡ଼ିଶାକୁ ଦେଶର ସର୍ବୋଚ୍ଚ ରାଜ୍ୟରେ ପରିଣତ କରିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ସାକାର କରିବାରେ ପଛାଇ ନାହାନ୍ତି । ମୁଣ୍ଡ ପିଛା ଆୟ କ୍ଷେତ୍ରରେ ନିମ୍ନବର୍ଗରେ ସ୍ଥାନିତ ମହିଳାଙ୍କୁ ବାର୍ଷିକ ଦଶହଜାର ଲେଖାଏଁ ପାଞ୍ଚବର୍ଷରେ ପଚାଶ ହଜାର ଟଙ୍କା ଦେବା ଯୋଜନା ଜାରି ରଖିଛନ୍ତି । ଏଣେ ଶାସନ କ୍ଷମତା ବରଷେ ନ ପୂରୁଣୁ ରାଜ୍ୟର ଋଣଭାର ଏକାନବେ ହଜାର କୋଟିଟଙ୍କା ଟପିଲାଣ । ଆଗାମୀ ଚାରିବର୍ଷରେ ରାଜ୍ୟର ଋଣଭାର ସର୍ବୋଚ୍ଚ ସ୍ଥାନରେ ଯେ ନ ପହଞ୍ଚିବ ତାହା ଏବେଠୁ କଳନା କରିହେବ ନାହିଁ । ଏହା ସଂପୂର୍ଣ୍ଣ ନିର୍ଭରଶୀଳ କେନ୍ଦ୍ର ସରକାରଙ୍କ ହାତଖୋଲା ସହାୟତା ଉପରେ ।

ସେ ଯାହାହେଉନା କାହିଁକି ସମଗ୍ର ବିଶ୍ୱରେ ଦେଶକୁ ଅସୁଖୀ ତାଲିକା ଆଡ଼କୁ ଠେଲିବାରେ ଉତ୍ତର ପ୍ରଦେଶର ଭୂମିକା ଉପରେ ତର୍ଜମା କରିବାର ସମୟ ଆସିଛି । ରାଜ୍ୟକୁ ଏଭଳି ନକରାତ୍ମକ ସ୍ଥିତିକୁ ଆଣିବାରେ ପ୍ରଚଳିତ ସାମାଜିକ ଓ ଅର୍ଥନୈତିକ ସମସ୍ୟା ମୁଖ୍ୟତଃ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ବୃହତ ଜନସଂଖ୍ୟା ତୁଳନାରେ ସର୍ବାଧିକ ଦାରିଦ୍ର୍ୟ ରାଜ୍ୟବାସୀଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟଭଳି ମୌଳିକ ଆବଶ୍ୟକତା ପୂରଣ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । କେରଳ ତୁଳନାରେ ଉତ୍ତର ପ୍ରଦେଶର ନିମ୍ନମୁଖୀ ସାକ୍ଷରତା ହାର ଉନ୍ନତ ମାନବସମ୍ବଳ ସୃଷ୍ଟି କ୍ଷେତ୍ରରେ ଅସମର୍ଥ ହେଉଛି । ମୁଣ୍ଡପିଛା ଆୟ କ୍ଷେତ୍ରରେ ବ୍ୟାପକ ଅସମତା ସୁଖସମୃଦ୍ଧି ଆଣିବାରେ ବିଫଳ ହେବା ମଧ୍ୟ ସ୍ୱାଭାବିକ । କେବଳ ଯେ ରାଜ୍ୟରେ ବୃହତ ବିମାନ ବନ୍ଦର ଓ ବୃହତ ଶିଳ୍ପ ପ୍ରତିଷ୍ଠା କରିଦେଲେ ଦାରିଦ୍ର୍ୟ ଦୂର ହୋଇଯିବ ତାହା ଅସଫଳ ହୋଇଛି ଏହି ରାଜ୍ୟରେ । ରାଜନୈତିକ ଇଚ୍ଛା ଶକ୍ତି ଓ ପ୍ରଶାସନିକ ବିଫଳତା ମଧ୍ୟରେ ବର୍ଦ୍ଧିତ ପାର୍ଥକ୍ୟ ମଧ୍ୟ ରାଜ୍ୟବାସୀଙ୍କୁ ଆବଶ୍ୟକ ମୌଳିକ ସୁଖ ସମୃଦ୍ଧିରୁ ବଞ୍ଚିତ କରୁଛି । କେବଳ ବୁଲ୍‌ଡୋଜର ଚଳାଇ ଅସାମାଜିକ କାର୍ଯ୍ୟକଳାପ ବିଲୋପ କରିଦେଲେ ରାଜ୍ୟବାସୀଙ୍କୁ ସୁଖ ନିଦ୍ରା ମିଳିବ ନାହିଁ । ବର୍ଦ୍ଧିତ ବେକାରୀ ଓ ଯୁବବର୍ଗଙ୍କ ମନରେ ସୃଷ୍ଟ ଆର୍ଥିକ ବା ରୋଜଗାର ଅସୁରକ୍ଷିତ ଅବସ୍ଥା ଦୂର କରିବାରେ ରାଜ୍ୟ ପ୍ରଶାସନ ସମର୍ଥ ନହେବା ମଧ୍ୟ ଅସୁଖର ଆଉ ଏକ କାରଣ ହୋଇପାରେ । ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସୁସଂପର୍କ ଥାଇ ମଧ୍ୟ ସୁଖସୌଭାଗ୍ୟ ତାଲିକାରେ ରାଜ୍ୟ ପଛକୁ ଚାଲିଯିବା ଦେଶ ଓ ଦଶ ପାଇଁ ହିତକାରକ ହେବବା କିପରି?

ସୁଖ ସୌଭାଗ୍ୟ ତାଲିକାରେ ଦ୍ୱିତୀୟରେ ଥିବା କ୍ଷୁଦ୍ର ରାଜ୍ୟ ମିଜୋରାମ ଓ ତୃତୀୟରେ ପଞ୍ଜାବ ଠାରୁ ବହୁତ କିଛି ଶିଖିବାର ସମୟ ଆସିଛି । ମିଜୋରାମର ଅଧିବାସୀଙ୍କ ବର୍ଦ୍ଧିତ ସାକ୍ଷରତା ହାର ଓ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସାମାଜିକ ସଂପର୍କ, ସଂସ୍କାର, ସର୍ବୋପରି ସହଯୋଗ ମନୋଭାବ ଏଭଳି ସଫଳତାର ପ୍ରମୁଖ କାରଣ ପାଲଟିଛି । ଏକଦା ଦେଶରେ ସବୁଜ ବିପ୍ଳବର ସଫଳତା କ୍ଷେତ୍ରରେ ମୁଖ୍ୟଧାରା ପାଲଟିଥିବା କୃଷି ସମୃଦ୍ଧ ରାଜ୍ୟ ପଞ୍ଜାବ ସମଗ୍ର ଦେଶ ପାଇଁ ଏ ଦିଗରେ ଆଦର୍ଶ ସୃଷ୍ଟି କରିଛି । ରାଜ୍ୟବାସୀଙ୍କ ଫଳପ୍ରଦ ଧାର୍ମିକ ଓ କାର୍ମିକ ମନୋଭାବ ସହିତ ସାଂସ୍କୃତିକ ଭାବଧାରା ରାଜ୍ୟବାସୀଙ୍କ ଉତ୍ପାଦିକ ଶକ୍ତି ବଢାଇବାରେ ସମର୍ଥ ହୋଇଛି । ଉତ୍ତମ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଓ ଖାଦ୍ୟ ଆହରଣରେ ସିଦ୍ଧହସ୍ତ ରାଜ୍ୟବାସୀ ଅତ୍ୟନ୍ତ ସୁଖପ୍ରିୟ ପାଲଟିବା ଦେଶ ପାଇଁ ମଧ୍ୟ ବେଶ ଗ୍ରହଣୀୟ ।

ଅବଶ୍ୟ ମହାନ ଐତିହାସିକ ପରମ୍ପରା ଓ ଅର୍ଥନୈତିକ ପ୍ରଗତି ଗୁଜରାଟବାସୀଙ୍କ ସୁଖସୌଭାଗ୍ୟ ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇଛି । ତାଲିକାର ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି ସିକିମ ଓ ଅରୁଣାଚଳ ପ୍ରଦେଶ । ଦେଶରେ ସାକ୍ଷରତା ହାର କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିଥିବା କେରଳ ସୁଖତାଲିକାର ପ୍ରଥମ ଦଶ ମଧ୍ୟରେ ସପ୍ତମ ସ୍ଥାନରେ ରହିଛି । ସୁଖ ପାଇଁ ପ୍ରକୃତରେ ଆବଶ୍ୟକ ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ସହିତ ଆର୍ଥିକ ଦୃଢ଼ତା । ଏସବୁ କ୍ଷେତ୍ରରେ କେରଳ ଏକ ସଫଳ ଓ ସମୃଦ୍ଧ ରାଜ୍ୟର ସାମର୍ଥ୍ୟ ହାସଲ କରିଛି ।

ତେବେ ସାମଗ୍ରୀକ ଦୃଷ୍ଟିକୋଣରୁ ଭାରତ ବିଶ୍ୱ ସୁଖ ତାଲିକାରେ ଏତେ ପଛକୁ ଚାଲିଯିବା ଅତ୍ୟନ୍ତ ସଂବେଦନଶୀଳ ପ୍ରସଙ୍ଗ । ଉତ୍ତମ ଶାସନ ଓ ସମାନୁପାତିକ ସାମାଜିକ ଏବଂ ଅର୍ଥନୈତିକ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ଦେଶ ଭାରତ କ୍ଷୁଦ୍ର ଦେଶ ନେପାଳ ଠାରୁ ପଛକୁ ପଳାଇବା ଗ୍ରହଣୀୟ ହେଉନାହିଁ । ପାକିସ୍ତାନ ଓ ବାଂଲାଦେଶ ପ୍ରସଙ୍ଗ ନ ଉଠାଇବା ଭଲ । ରାମରାଜ୍ୟରେ ବିଶ୍ୱାସ କରୁଥିବା ଦେଶ ଭାରତ ସମଗ୍ର ବିଶ୍ୱ ତାଲିକାରେ ପଛ ଧାଡ଼ିରେ ଦୃଷ୍ଟିଗୋଚର ହେବା ଠାରୁ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ ? ଅନିୟନ୍ତ୍ରିତ ଦୁର୍ନୀତି ଯେ ସମାଜରେ ଆୟ ଅସମତା ସୃଷ୍ଟି କରିବା ସହିତ ସାମାଜିକ ଓ ଆର୍ଥିକ ସୁଖ ସୌଭାଗ୍ୟକୁ ନୀଚ ଦୃଷ୍ଟିରେ ଦେଖୁଛି ଏଥିରେ ଦ୍ୱିମତ ନାହିଁ ।


*ସିଡିଏ, ସେକ୍ଟର-୬, କଟକ,*
*ମୋ- ୯୪୩୭୧୩୪୪୦୦*


# ବନ୍ଦେ ମାତରମ୍ : ଭାରତର ଆତ୍ମା, ପ୍ରାଣ ଓ ପରିଚୟ

**ଡ. ଅରୁନ୍ଧତୀ ଦେବୀ**

'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ - ବନ୍ଦେ ମାତରମ୍'।

'ବନ୍ଦେ ମାତରମ' ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ । ଖୋଲା ମନରେ ଖୋଲା ହୃଦୟରେ ଏହି ଜାତୀୟ ଗାନକୁ ଆସନ୍ତୁ ଗାନ କରିବା । ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି । ନିକଟରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ବିଧାନସଭାରେ ଏ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଗତ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଲୋକପ୍ରିୟ ଭାବେ ପାଳନ କରୁଛନ୍ତି ।

ବନ୍ଦେ ମାତରମ ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ। ସେହି ମନ୍ତ୍ରର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା । ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ କଥା। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ ଓ ପ୍ରଶ୍ୱାସର ଗତି ସହିତ ଜଡ଼ିତ । ପ୍ରଥମ ଥର ପାଇଁ ଭାରତ ଭୂଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା । ସ୍ୱାଧୀନତା ପର ଠାରୁ ଏହାକୁ ରାଷ୍ଟ୍ର ଗୀତ ଭାବେ ମର୍ଯ୍ୟାଦା ଦିଆଯାଇଛି । ଖୁସିର ଭାରତର ଯଶସ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏସବୁ ଭାବନାକୁ ପୁଣି ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକରରେ ପାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି ।

ଅତୀତର ସେହି ସ୍ମୃତି ସବୁ ଇତିହାସରେ ଚିର ବହ୍ନିମାନ ହୋଇ ରହିବ, ବନ୍ଦେ ମାତରମର ୫୦ତମ ବାର୍ଷିକୀ ସମୟରେ ଦେଶକୁ ଦାସତ୍ୱରେ ରହିବାକୁ ବାଧ କରାଯାଇଥିଲା। ଇଂରେଜମାନେ ଯେତେବେଳେ ଭାରତକୁ ଭାଗ ଭାଗ କରିବା ପାଇଁ ଚାହିଁଥିଲେ ସେତେବେଳେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଭାଗ ଭାଗ କରିବା ଲାଗି ବେଙ୍ଗଲକୁ ବାଛି ଥିଲେ । ୧୮୫୭ ବିଦ୍ରୋହ ପରେ ସେମାନେ ଜାଣିଗଲେ ଯେ ଯେଉଁ ଉଦ୍ଦେଶ୍ୟ ନେଇ ସେମାନେ ଆସିଥିଲେ ଭାରତରେ ଆଉ ବେଶି ଦିନ ରହିବା ସମ୍ଭବ ହେବନାହିଁ । ତେଣୁ ସେମାନେ ଭାରତକୁ ଦୁଇ ଭାଗ କରିବାକୁ ଚାହିଁଲେ । ବିଭାଜନ ରାଜନୀତି ଆରମ୍ଭ କଲେ, ବେଙ୍ଗଲକୁ ପ୍ରୟୋଗଶାଳା ବନାଇଲେ । ସେତେବେଳେ ବେଙ୍ଗଲର ବୌଦ୍ଧିକ ସାମର୍ଥ୍ୟ ଦେଶକୁ ଦିଶା ଦେଖାଉ ଥିଲା ସେଥିପାଇଁ ଇଂରେଜମାନେ ବେଙ୍ଗଲକୁ ଭାଗ ଭାଗ କରିବା ଆରମ୍ଭ କରିଥିଲେ । ୧୯୦୫ରେ ସେମାନେ ବେଙ୍ଗଲର ବିଭାଜନ କଲେ। ଇଂରେଜମାନେ ଏହି ପାପ କରିବା ସମୟରେ ବନ୍ଦେ ମାତରମ୍ ଚଟାଣ ଭଳି ରହିଥିଲା । ସେତେବେଳେ ବନ୍ଦେ ମାତରମ୍ ବେଙ୍ଗଲର ଏକତା ପାଇଁ ଗଳି ଗଳିର ସ୍ୱର ପାଲଟିଥିଲା । ବେଙ୍ଗଲକୁ ବିଭାଜନ କରିବା ପରେ ଭାରତକୁ ଭାଙ୍ଗିବା ଲାଗି ଇଂରେଜମାନେ ବୀଜ ରୋପଣ କରିଥିଲେ କିନ୍ତୁ ବନ୍ଦେ ମାତରମ୍ ଏକ ସ୍ୱର ଓ ଏକ ସୂତ୍ର ଭାବେ ଇଂରେଜ ଶାସକଙ୍କ ପାଇଁ ଆହ୍ୱାନ ପାଲଟିଥିଲା । ବେଙ୍ଗଲ ବିଭାଜନ ତ ଘଟିଲା କିନ୍ତୁ ଏକ ବହୁତ ବଡ଼ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଲା ।

ଇଂରେଜମାନେ ବୁଝି ସାରିଥିଲେ ଯେ ବେଙ୍ଗଲ ମାଟିରୁ ବଙ୍କିମ ଚାଟାର୍ଜୀଙ୍କର ଯେଉଁ ସ୍ୱର ବାହାରିଛି ତାହା ସେମାନଙ୍କୁ ଦୋହଲାଇ ଦେଇଛି। ତେଣୁ ସେମାନେ ଏହି ରାଷ୍ଟ୍ରଗୀତ ଉପରେ ତତ୍କାଳୀନ ସମୟରେ ଆଇନଗତ ପ୍ରତିବନ୍ଧକ ଆରମ୍ଭ କରିଥିଲେ । ଏହି ଗୀତ ସହ ଏହାକୁ ଗାଇବା ଓ ଛପାଇବା ଲାଗି ଦଣ୍ଡ ବିଧାନ କରାଗଲା । କିନ୍ତୁ ସେତେବେଳକୁ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱର ପାଲଟି ସାରିଥିଲା । ବନ୍ଦେ ମାତରମ୍ ପାଇଁ ଅନେକ ପିଲା ଓ ମହିଳା ଗୋରା ସରକାରଙ୍କ ଚାବୁକ ମାଡ଼ ଖାଇବା ସହ ଜୀବନ ମଧ୍ୟ ହାରି ଥିଲେ। ବିଶ୍ୱ ଇତିହାସରେ ଏଭଳି କୌଣସି ସଂଗୀତ କିମ୍ବା ଗୀତ ନାହିଁ ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଦେଇ ଆସିଛି ସେଥିପାଇଁ ରବୀନ୍ଦ୍ର ଟାଗୋର ଲେଖିଥିଲେ 'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ- ବନ୍ଦେ ମାତରମ୍'। ସ୍ୱାଧୀନତା ସମୟରେ ବନ୍ଦେ ମାତରମ୍ ଗାନ୍ଧିଜୀଙ୍କୁ ପସନ୍ଦ ଆସିଥିଲା। ସେ ଏହି ଗୀତକୁ ରାଷ୍ଟ୍ରଗୀତ ଭାବେ ଦେଖିଥିଲେ । ଗାନ୍ଧିଜୀଙ୍କ ଲାଗି ଏହି ଗୀତର ଶକ୍ତି ବଢ଼ିଥିଲା । ଗାନ୍ଧିଜୀ ଲେଖିଥିଲେ 'ଏହାର ଭାବନା ମହାନ, ଅନ୍ୟ ଗୀତ ଅପେକ୍ଷା ମଧୁର । ଏହାର ଏକ ମାତ୍ର ଉଦ୍ଦେଶ୍ୟ ଆମ ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରିବା । ଗାନ୍ଧିଜୀ ଏହି ଗୀତକୁ ଭାରତ ମାତା ଭାବରେ ଦେଖିବା ଓ ସମ୍ମାନ କରିବା ଭାବରେ ବର୍ଣ୍ଣନା କରିଥିଲେ ।

ଯେତେବେଳେ ଭାରତ କୌଣସି ସଂକଟର ସମ୍ମୁଖୀନ ହୋଇଛି ଦେଶ ବନ୍ଦେ ମାତରମ୍ ଭାବନା ସହିତ ଆଗକୁ ବଢ଼ିଛି। ଆଜି ବି ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ଭଳି ଅବସରରେ ଏହି ଆତ୍ମା ସବୁଠାରେ ଦୃଶ୍ୟମାନ ହୁଏ କାରଣ ସମସ୍ତଙ୍କ ଘରେ ଗର୍ବର ସହିତ ତ୍ରିରଙ୍ଗା ଉଡେ। ଏହି ଭାବନା ସହିତ ଆଗକୁ ବଢ଼ିବା ସହିତ ଆତ୍ମନିର୍ଭର ଭାରତ ଗଢ଼ିବା ଓ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ଦିଗରେ ଆସନ୍ତୁ ଆମେ ସମସ୍ତେ କାର୍ଯ୍ୟ କରିବା । ଅତୀତର ଏକ ସ୍ମୃତି ମନେଅଛି, ଯେତେବେଳେ ବନ୍ଦେ ମାତରମର ୧୦୦ତମ ବାର୍ଷିକ ପାଳନ କରାଗଲା, ସେତେବେଳେ ଦେଶକୁ ଜରୁରିକାଳୀନ ପରିସ୍ଥିତିର ଶିକୁଳିରେ ବାନ୍ଧି ଦିଆଯାଇଥିଲା । ଏ ବେଦନା ଆମ ସମସ୍ତଙ୍କୁ ସତର୍କ କରିଦିଏ, ଯେପରି ଏଭଳି ପରିସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ । 'ବନ୍ଦେ ମାତରମ୍' ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତ୍ତି କରିବାର ଏକ ମହାନ ସୁଯୋଗ । ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ବନ୍ଦେ ମାତରମ୍ ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆମେ ସମସ୍ତେ ଏକ ବୃହତ୍ତର ସମାଜର ବୃହତ୍ତର ରାଜ୍ୟର ବୃହର ରାଷ୍ଟ୍ରକୁ ବେଗବାନ କରାଇବା, ଆଗେଇ ନେବା ଏବଂ ନିଜକୁ ସମର୍ପିତ କରିବା । ବାସ୍ତବିକ ବନ୍ଦେ ମାତରମ ଏକ ସଙ୍ଗୀତ ନୁହେଁ, ଏହା ଭାରତର ଆତ୍ମା, ପ୍ରାଣ ଓ ପରିଚୟ । ଏହା ଚିରକାଳ ଭାରତୀୟଙ୍କ ଆତ୍ମାକୁ ଜାଗ୍ରତ କରୁଥିବା ଏହା ସଭିଙ୍କୁ ଏଇଠି ରଖିବା ସହ ଯୋଡ଼ିବାର ଗୀତ ।


*ମୋ. ୯୯୩୭୧୭୨୮୧୦*


# ସାରସ୍ୱତ ସାଧକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆରମ୍ଭ ସମୟର କଥା । ଓଡିଆ ଭାଷାର ସ୍ଥିତି ସେତେବେଳେ ବିପନ୍ନ । ଭାଷାର ସୁରକ୍ଷା ପାଇଁ ଆରମ୍ଭ ହୁଏ ସଂଗ୍ରାମ । ସେ ହିଁ ଥିଲେ ଏହି ଭାଷା ସୁରକ୍ଷା ସଂଗ୍ରାମର ଆଦ୍ୟ ପୁରୋଧା । ଜାତି ପ୍ରାଣରେ ଭରିଥିଲେ ଉତ୍କଳୀୟତାର ଚିନ୍ତା-ଚେତନା । ବିଚ୍ଛିନାଞ୍ଚଳ ମିଶ୍ରଣ ଆନ୍ଦୋଳନ ସେ ହିଁ ଆରମ୍ଭ କରିଥିଲେ । ସେ ହିଁ ପ୍ରେରଣା ଦେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ । ସେ ହେଉଛନ୍ତି ପଣ୍ଡିତ ନୀଳମଣି ବିଦ୍ୟାରତ୍ନ । ଏକାଧାରରେ ସେ ଥିଲେ ସଫଳ ଶିକ୍ଷକ, ଆଦର୍ଶ ସମ୍ପାଦକ, ଉଚ୍ଚକୋଟୀର ଲେଖକ ଓ ସର୍ବୋପରି ବ୍ୟାସକବିଙ୍କ ଭାଷାରେ ଉତ୍କଳର ପ୍ରିୟ ଶ୍ରେଷ୍ଠ ପୁତ୍ର ।

ଏହି ଯୋଗଜନ୍ମା ସାଧକଙ୍କ ଜନ୍ମ ହୋଇଥିଲା ୧୮୬୭ ମସିହା ଡିସେମ୍ବର ମାସ ୧୪ ତାରିଖରେ କଟକ ଜିଲ୍ଲାର ବାଙ୍କୀ ଉପକଣ୍ଠ ଅନ୍ତର୍ଗତ ବୈଦ୍ୟେଶ୍ୱରସ୍ଥିତ ବ୍ରଜବିହାରୀପୁର ଶାସନରେ । ତାଙ୍କ ପିତାଙ୍କ ନାମ ସୌରୀଚରଣ ମିଶ୍ର ଓ ମାତାଙ୍କ ନାମ ରୋହିଣୀ ଦେବୀ । ତାଙ୍କ ସାଙ୍ଗିଆ ଥିଲା ମିଶ୍ର । ବିଦ୍ୟାରତ୍ନ ଉପାଧିରେ ଭୂଷିତ ହେଲାପରେ ସେ ନୀଳମଣି ମିଶ୍ର ପରିବର୍ତ୍ତେ ନୀଳମଣି ବିଦ୍ୟାରତ୍ନ ଭାବେ ସୁପରିଚିତ ହୋଇଥିଲେ । ନୀଳମଣିଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ମାତ୍ର ନିଜର ପ୍ରଚଣ୍ଡ ପ୍ରତିଭା ଓ କଠୋର ଅଧ୍ୟବସାୟ ବଳରେ ସେ ୧୮୮୦ ମସିହାରେ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟରୁ, ୧୮୮୨ ମସିହାରେ ଚର୍ଚ୍ଚିକା ମାଇନର ସ୍କୁଲରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ କଟକ ନର୍ମାଲ ସ୍କୁଲରେ ପଢିବା ପାଇଁ ଆସିଲେ । କଟକରେ ସେ ବାଙ୍କୀର ପ୍ରଖ୍ୟାତ ପଣ୍ଡିତ ଗୋବିନ୍ଦ ରଥଙ୍କ ଘରେ ରହିଲେ । କଟକ ଆସିଲା ବେଳେ ମାଆଙ୍କ ଠାରୁ ବହି କିଣିବା ଆଳରେ ଛଅ ଅଣା ପଇସା ମାତ୍ର ନେଇ ଆସିଥିଲେ । ପ୍ରବଳ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ପାଠପଢିବା ସମ୍ଭବ ହେଲାନାହିଁ । ପାଠପଢାରେ ଡୋରି ବନ୍ଧାହେଲା । ନିରାଶାରେ ଗ୍ରାମକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ କଟକରେ କବିବର ରାଧାନାଥଙ୍କ ସହ ତାଙ୍କର ସାକ୍ଷାତ ହେଲା । ଏଇଠୁ ଘଟିଲା ତାଙ୍କ ଭାଗ୍ୟର ପରିବର୍ତ୍ତନ । ରାଧାନାଥ ତାଙ୍କୁ ଚାକିରି ଯୋଗାଡ କରିବାର ପ୍ରତିଶ୍ରୁତି ଦେବା ସହ କଟକରେ କିଛିଦିନ ରହି ତାଙ୍କ ପେନସିଲ୍ ଲେଖା ପାଣ୍ଡୁଲିପିକୁ କାଳିରେ ଉତାରି ଦେବାକୁ କହିଲେ । ଏହାପରେ ରାଧାନାଥଙ୍କ ଏକ ପତ୍ର ନେଇ ବଡମ୍ବାସ୍ଥିତ ଗୋପୀନାଥପୁର ସ୍କୁଲରେ ଶିକ୍ଷକ ଭାବେ ଯୋଗଦେଲେ । ଆନ୍ତରିକତାର ସହ ମନୋନିବେଶ କରି ଶିକ୍ଷା ଓ ଶିକ୍ଷାୟତନର ଅଭିବୃଦ୍ଧି ପାଇଁ ସେ ଲାଗିପଡିଲେ । ଏଥିସହିତ ଗୋପୀନାଥପୁରର ସାମଗ୍ରିକ ଉନ୍ନତି ପାଇଁ ମଧ୍ୟ ପ୍ରୟାସ କଲେ । ଏହି ସ୍କୁଲରେ ରହଣି ମଧ୍ୟରେ ଗୋପୀନାଥପୁର ସ୍କୁଲର ଗୋଟିଏ ଛାତ୍ର ବୃତ୍ତି ଲାଭକଲା । ବଡମ୍ବା ଶିକ୍ଷା ଇତିହାସରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା । ମହାରାଜା ଦାଶରଥି ମଙ୍ଗରାଜଙ୍କ ମ୍ୟାନେଜର ଏଥିପାଇଁ ବଡମ୍ବାରେ ଏକ ସ୍ୱତନ୍ତ୍ର ଉତ୍ସବ କରି ନୀଳମଣିଙ୍କୁ ସମ୍ମାନିତ କଲେ ।



ମହାରାଜାଙ୍କ ପାଟମହିଷୀ ତାଙ୍କ ମନୋରମ କବିତା ଆବୃତ୍ତିରେ ମୁଗ୍ଧ ହୋଇ ନୀଳମଣିଙ୍କୁ ବିଦ୍ୟାରତ୍ନ ଉପାଧିରେ ଭୂଷିତ କରିଥିଲେ । ପରେ ବାମଣ୍ଡା ମହାରାଜା ବାସୁଦେବ ସୁଢଳଦେବ ତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ନୀଳମଣିଙ୍କ ଅନୁରୋଧ କ୍ରମେ ବଡମ୍ବା ରାଣୀଙ୍କ ପୂର୍ବପ୍ରଦତ୍ତ ବିଦ୍ୟାରତ୍ନ ଉପାଧିକୁ ସ୍ୱୀକାର କରି ତଦନୁରୂପ ସନନ୍ଦ ପ୍ରଦାନ କରିଥିଲେ ।


ମହାରାଜା ବାସୁଦେବ ସୁଢଳଦେବଙ୍କ ପୃଷ୍ଠପୋଷକତାରେ ପଶ୍ଚିମ ଓଡିଶାରେ ଓଡିଆ ଭାଷାର ଜାଗ୍ରତ ପ୍ରହରୀ ଥିଲେ ନୀଳମଣି ବିଦ୍ୟାରତ୍ନ । ସମ୍ବଲପୁର ଜିଲ୍ଲାରୁ ଯେତେବେଳେ ଓଡିଆ ଭାଷା ଉଠାଇ ଦେଇ ହିନ୍ଦୀ ଭାଷା ଚଳାଇବାକୁ ସ୍ଥିର କରି ଆଦେଶନାମା ସରକାର ପ୍ରକାଶ କଲେ ସେତେବେଳେ ସେ ଓଡିଆ ଭାଷା ସପକ୍ଷରେ ଆନ୍ଦୋଳନ ଆରମ୍ଭ କଲେ । ୧୮୮୭ ମସିହାରେ ସମ୍ବଲପୁର ହିତୈଷିଣୀ ନାମକ ଏକ ପତ୍ରିକା ପ୍ରକାଶ କଲେ । ପ୍ରଥମେ ଗଣେଶ୍ୱର ପଟ୍ଟନାୟକ ଏହି ପତ୍ରିକାର ସମ୍ପାଦକ ହେଲେ । କିଛିଦିନ ପରେ ମହାରାଜା ସୁଢଳଦେବ ନୀଳମଣି ବିଦ୍ୟାରତ୍ନଙ୍କୁ ସ୍ଥାୟୀ ସମ୍ପାଦକ ରୂପେ ନିଯୁକ୍ତ କଲେ । ନୀଳମଣି ଏହି କାର୍ଯ୍ୟରେ ଯେଉଁ ଶକ୍ତି, ସାମର୍ଥ୍ୟ ଓ ପ୍ରତିଭା ଦେଖାଇଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା । ସମ୍ବଲପୁର ହିତୈଷିଣୀରେ ନୀଳମଣି ଓ ମହାରାଜା ସୁଢଳଦେବ ନିୟମିତ ଭାବେ ଲେଖାଲେଖି କରୁଥିଲେ । ଏହାଛଡା କବିବର ରାଧାନାଥ, ଭକ୍ତକବି ମଧୁସୂଦନ ରାଓ, ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା, ଚିନ୍ତାମଣି ମହାନ୍ତି, ସ୍ୱଭାବକବି ଗଙ୍ଗାଧର ମେହେର ପ୍ରଭୃତି ସାରସ୍ୱତ ସାଧକମାନେ ଏହି ପତ୍ରିକାରେ ଲେଖି ସାରସ୍ୱତ ପ୍ରତିଷ୍ଠା ଲାଭ କରିଥିଲେ ।

ସମ୍ବଲପୁରରେ ଭାଷା ଆନ୍ଦୋଳନ ତୀବ୍ର ହେଲା । ସେ ଆନ୍ଦୋଳନରେ ଯେଉଁମାନେ ଅଗ୍ରଣୀ ଭୂମିକା ନେଲେ ସେମାନେ ହେଲେ ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ଚନ୍ଦ୍ରଶେଖର ବେହେରା, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଓ ଶଙ୍କର ପ୍ରସାଦ ପାଢୀ । ଏହାକୁ ଅନବରତ ଇନ୍ଧନ ଯୋଗାଉଥିଲେ ନୀଳମଣି । ନୀଳମଣିଙ୍କ ଅକ୍ଲାନ୍ତ ପରିଶ୍ରମ ତଥା ନେତୃବୃନ୍ଦଙ୍କ ଆନ୍ଦୋଳନ ଯୋଗୁଁ ଶେଷରେ ସରକାର ସମ୍ବଲପୁରରେ ଓଡିଆ ଭାଷା ପ୍ରଚଳନ ପାଇଁ ଆଦେଶ ଦେଲେ । କେବଳ ସମ୍ବଲପୁର ନୁହେଁ, ସେ ସମଗ୍ର ଓଡିଆ ଭାଷାଭାଷୀ ଅଞ୍ଚଳର ହିତକାମନା କରୁଥିଲେ । ନୀଳମଣି ଜଣେ ଉଚ୍ଚକୋଟୀର ଲେଖକ ଥିଲେ । ସେ ଓଡିଆ ଓ ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ । ତାଙ୍କ ପ୍ରବନ୍ଧ ମାନଙ୍କ ମଧ୍ୟରେ ପ୍ରତିଭାପୂଜା, ବିହଙ୍ଗମ ପ୍ରଣୟ, ପଶୁ ହତ୍ୟା, ଗୋଧନ ରକ୍ଷା, ପଖାଳ ଭାତ ପ୍ରଭୃତି ଉଲ୍ଲେଖଯୋଗ୍ୟ ।

୧୯୨୩ ମସିହା ଜୁଲାଇ ୨୬ ତାରିଖରେ ନୀଳମଣି ଇହଲୀଳା ସମ୍ବରଣ କଲେ । ଜୀବନ ବ୍ୟାପି ଦେଶ ଓ ଦଶର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥିବା ଏହି ପ୍ରତିଭାଧର ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ ।


ଜଗତସିଂହପୁର
ମୋ- ୯୩୩୭୨୨୧୯୨୪






# ଶକ୍ତି ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ!

**ପ୍ରକୃତିରେ ଶକ୍ତିର କୌଣସି ଅଭାବ ନାହିଁ ପ୍ରତ୍ୟେକ ଉପାଦାନ ନିଜସ୍ୱ ଶକ୍ତିରେ ସମ୍ପୂର୍ଣ୍ଣ । ତଥାପି ଯେଉଁ ଶକ୍ତି ମନୁଷ୍ୟ ଦ୍ୱାରା ଖୋଜା ଯାଇଛି ତାହାକୁ ସତର୍କତାର ସହିତ ସଂରକ୍ଷଣ କରିବାକୁ ପଡିବ । ଯଦି ଆମେ ଯାହା ଏପର୍ଯ୍ୟନ୍ତ ସୀମିତ ଅଛି ତାହା ରକ୍ଷା କରିବା, ତେବେ ଏହା ଭବିଷ୍ୟତର ବିକାଶ ଏବଂ ପ୍ରଚୁରତାର ମୂଳଦୁଆ ପାଲଟିଯାଏ । ପ୍ରକୃତିର ସୁପ୍ତ ଶକ୍ତିକୁ ସୁରକ୍ଷା ଦେବା ଏକ ଦାୟିତ୍ୱ, କାରଣ ଆଜି ଯେଉଁ ଶକ୍ତି କମ୍ ମନେହୁଏ ତାହା ଦିନେ ପୂର୍ଣ୍ଣତାରେ ପ୍ରସ୍ଫୁଟିତ ହେବ ଏବଂ ସମସ୍ତ ଜୀବନକୁ ବଜାୟ ରଖିବ ।**









ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ଭାରତରେ ପାଳନ କରାଯାଉଥିବା ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ଏହା ଏକ ସ୍ମରଣକାରୀ ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତି ଆମେ କେତେ ବୁଦ୍ଧିମାନ ଭାବରେ ଶକ୍ତି ବ୍ୟବହାର କରୁଛୁ ତାହା ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ । ଶକ୍ତି ସଂରକ୍ଷଣ କେବଳ ଏକ ପରିବେଶଗତ ଆବଶ୍ୟକତା ନୁହେଁ– ଏହା ଏକ ଆର୍ଥିକ ଜରୁରୀ ଯାହା ବିକାଶର ସ୍ଥାୟିତ୍ୱ ନିର୍ଣ୍ଣୟ କରେ । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଏକ ପ୍ରତୀକାତ୍ମକ ଅବସର ନୁହେଁ ଏହା କାର୍ଯ୍ୟ ପାଇଁ ଏକ ଆହ୍ୱାନ । ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଶକ୍ତି ଦକ୍ଷତା ବ୍ୟୁରୋ ଦ୍ୱାରା ପ୍ରତିଷ୍ଠିତ, ଏହି ଦିବସଟି ଶକ୍ତି ଦକ୍ଷତା ଏବଂ ସମ୍ବଳ ସଂରକ୍ଷଣରେ ଭାରତର ସଫଳତାକୁ ଉଜ୍ଜ୍ୱଳ କରିଥାଏ ଏବଂ ନାଗରିକ, ଶିଳ୍ପ ଏବଂ ପ୍ରତିଷ୍ଠାନଗୁଡ଼ିକୁ ଅପଚୟ ହ୍ରାସ କରିବା ଏବଂ ବ୍ୟବହାରକୁ ଉନ୍ନତ କରିବା ପାଇଁ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଥାଏ । ଏହି ଦିବସର ଗୁରୁତ୍ୱ ଏହି ସ୍ୱୀକୃତିରେ ନିହିତ ଯେ ଶକ୍ତି ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ । ପ୍ରତ୍ୟେକ କ୍ଷେତ୍ର– କୃଷି, ଉତ୍ପାଦନ, ପରିବହନ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା– ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଉପରେ ନିର୍ଭର କରେ । ଏହା ବିନା, ଉତ୍ପାଦକତା ହ୍ରାସ ପାଏ, ନବସୃଜନ ମନ୍ଥର ହୁଏ ଏବଂ ଆର୍ଥିକ ସ୍ଥିରତା ଦୁର୍ବଳ ହୁଏ । ଶକ୍ତି ସଂରକ୍ଷଣର ଆବଶ୍ୟକତା ଦୁଇଟି ପରସ୍ପର ସହିତ ଜଡିତ ବାସ୍ତବତାରୁ ଉତ୍ପନ୍ନ ହୁଏ । ପ୍ରଥମତଃ, କୋଇଲା, ତେଲ ଏବଂ ପ୍ରାକୃତିକ ଗ୍ୟାସ ଭଳି ପାରମ୍ପରିକ ଶକ୍ତି ଉତ୍ସଗୁଡ଼ିକ ସୀମିତ ଏବଂ ପରିବେଶଗତ ଭାବରେ କ୍ଷତିକାରକ । ଏଗୁଡ଼ିକର ନିଷ୍କାସନ ଏବଂ ବ୍ୟବହାର ପ୍ରଦୂଷଣ, ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ଏବଂ ଜଳବାୟୁ ପରିବର୍ତ୍ତନରେ ସହାୟକ ହୁଏ । ଦ୍ୱିତୀୟତଃ, ଭାରତ ଭଳି ଦ୍ରୁତ ବିକାଶଶୀଳ ଅର୍ଥନୀତିରେ



ଶକ୍ତିର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଲକ୍ଷ ଲକ୍ଷ ପରିବାର ବିଦ୍ୟୁତ୍ ସୁବିଧା ପାଇବା ଏବଂ ଶିଳ୍ପଗୁଡ଼ିକର ପ୍ରସାର ହେବା ସହିତ, ସମ୍ପଦ ଉପରେ ଚାପ ତୀବ୍ର ହୁଏ । ଯଦି ଏହାକୁ ନିୟନ୍ତ୍ରଣ କରାନଯାଏ, ତେବେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଏହି ଅସନ୍ତୁଳନ ଶକ୍ତି ଅସୁରକ୍ଷା, ବର୍ଦ୍ଧିତ ମୂଲ୍ୟ ଏବଂ ପରିବେଶଗତ ଅବକ୍ଷୟର କାରଣ ହୋଇପାରେ । ତେଣୁ ସଂରକ୍ଷଣ, ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱ ମଧ୍ୟରେ ସେତୁ ପାଲଟିଯାଏ । ଶକ୍ତି ସଂରକ୍ଷଣ ବିକାଶକୁ ପ୍ରତିବନ୍ଧିତ କରିବା ବିଷୟରେ ନୁହେଁ ବରଂ, ଏହା ଏହାକୁ ସକ୍ଷମ କରିବା ବିଷୟରେ । ଦକ୍ଷ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରି, ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରି ଏବଂ ଆଚରଣଗତ ପରିବର୍ତ୍ତନକୁ ଉତ୍ସାହିତ କରି, ସମାଜଗୁଡ଼ିକ କମ୍ ବ୍ୟବହାରରେ ଅଧିକ ହାସଲ କରିପାରିବେ । ଉଦାହରଣ ସ୍ୱରୂପ, ଶକ୍ତି–ଦକ୍ଷ ଉପକରଣଗୁଡ଼ିକ ପରିବାର ପାଇଁ ବିଦ୍ୟୁତ୍ ବିଲ୍ ହ୍ରାସ କରେ, ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆୟ ମୁକ୍ତ କରେ । ଦକ୍ଷ ଯନ୍ତ୍ରପାତିରେ ବିନିଯୋଗ କରୁଥିବା ଶିଳ୍ପଗୁଡ଼ିକ ଉତ୍ପାଦନ ଖର୍ଚ୍ଚ ହ୍ରାସ କରନ୍ତି, ସେମାନଙ୍କୁ ବିଶ୍ୱ ସ୍ତରରେ ଅଧିକ ପ୍ରତିଯୋଗିତାମୂଳକ କରନ୍ତି । ସଂରକ୍ଷଣକୁ ପ୍ରାଥମିକତା ଦେଉଥିବା ସରକାରଗୁଡ଼ିକ ଜୀବାଶ୍ମ ଇନ୍ଧନର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରନ୍ତି, ଶକ୍ତି ସୁରକ୍ଷାକୁ ସୁଦୃଢ଼ କରନ୍ତି ଏବଂ ଅର୍ଥନୀତିକୁ ସ୍ଥିର କରନ୍ତି । ଏହିପରି, ସଂରକ୍ଷଣ ପରିବେଶକୁ ସୁରକ୍ଷା ଦେବା ସହିତ ଅର୍ଥନୈତିକ ବିକାଶକୁ ସିଧାସଳଖ ସମର୍ଥନ କରେ ।

ଶକ୍ତି ଏବଂ ଅର୍ଥନୀତି ମଧ୍ୟରେ ସମ୍ପର୍କ ଗଭୀର । କୃଷିରେ ଶକ୍ତିର ଭୂମିକା ବିଷୟରେ ବିଚାର କରନ୍ତୁ: ଜଳସେଚନ ପମ୍ପ, ଶୀତଳ ସଂରକ୍ଷଣ ସୁବିଧା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସମସ୍ତ ବିଦ୍ୟୁତ ଉପରେ ନିର୍ଭର କରନ୍ତି । ଉତ୍ପାଦନ କ୍ଷେତ୍ରରେ, ଶକ୍ତି ମେସିନକୁ ଶକ୍ତି ପ୍ରଦାନ କରେ, ସ୍ୱୟଂଚାଳିତତାକୁ ଚାଳିତ କରେ ଏବଂ ଯୋଗାଣ ଶୃଙ୍ଖଳକୁ ବଜାୟ ରଖେ । ସେବା କ୍ଷେତ୍ରରେ, ହସ୍ପିଟାଲରୁ ଡିଜିଟାଲ ପ୍ଲାଟଫର୍ମ ପର୍ଯ୍ୟନ୍ତ, ନିରବଚ୍ଛିନ୍ନ ଶକ୍ତି ଦକ୍ଷତା ଏବଂ ନବସୃଜନ ସୁନିଶ୍ଚିତ କରେ । ଯେତେବେଳେ ଶକ୍ତି ଅପଚୟ ହୁଏ, ଅର୍ଥନୀତି ସମ୍ଭାବ୍ୟ ଅଭିବୃଦ୍ଧି ହରାଇଥାଏ । ବିପରୀତ ଭାବରେ, ଯେତେବେଳେ ଶକ୍ତି ସଂରକ୍ଷଣ କରାଯାଏ, ସମ୍ବଳଗୁଡ଼ିକୁ ଅନୁକୂଳିତ କରାଯାଏ, ଉତ୍ପାଦକତା ବୃଦ୍ଧି ପାଏ ଏବଂ ଅର୍ଥନୀତି ବିଶ୍ୱ ତୈଳ ମୂଲ୍ୟ ହ୍ରାସ କିମ୍ବା ଜଳବାୟୁ ସମ୍ବନ୍ଧୀୟ ବାଧା ଭଳି ଆଘାତ ପ୍ରତି ଅଧିକ ସ୍ଥିର ହୋଇଯାଏ ।ଜାତୀୟ ଶକ୍ତି ସଂରକ୍ଷଣ ଦିବସ ବ୍ୟକ୍ତିବିଶେଷଙ୍କ ନୈତିକ ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦିଏ । ପ୍ରତ୍ୟେକ





ନାଗରିକ, ଅବ୍ୟବହୃତ ଲାଇଟ୍ ବନ୍ଦ କରି, ସାର୍ବଜନୀନ ପରିବହନ ବାଛି କିମ୍ବା ସୌର ପ୍ୟାନେଲରେ ନିବେଶ କରି, ଏକ ସାମୂହିକ ପ୍ରୟାସରେ ଯୋଗଦାନ କରେ ଯାହାର ଜାତୀୟ ପ୍ରଭାବ ଅଛି । ଏହି ଦିନରେ ସଚେତନତା ଅଭିଯାନ ଆମକୁ ମନେପକାଇ ଦିଏ ଯେ ସଂରକ୍ଷଣ ଏକ ଦୂର ନୀତି ଲକ୍ଷ୍ୟ ନୁହେଁ ବରଂ ଏକ ଦୈନନ୍ଦିନ ଅଭ୍ୟାସ । ଏହା ସମ୍ବଳଗୁଡ଼ିକୁ ସମ୍ମାନ କରୁଥିବା ଏବଂ ସେମାନଙ୍କର ମୂଲ୍ୟକୁ ଚିହ୍ନିବା ଅଭ୍ୟାସ ଚାଷ କରିବା ବିଷୟରେ । ଏହି ଦିନଟି ଶିକ୍ଷା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରେ, ଯୁବପିଢ଼ିଙ୍କୁ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟାରେ ନବସୃଜନ କରିବାକୁ ପ୍ରେରଣା ଦିଏ ଏବଂ ସ୍ଥାୟୀ ଜୀବନଶୈଳୀ ଗ୍ରହଣ କରିବାକୁ ସମ୍ପ୍ରଦାୟଗୁଡ଼ିକୁ ପ୍ରେରଣା ଦିଏ । ଅଧିକନ୍ତୁ, ଶକ୍ତି ସଂରକ୍ଷଣ ଜଳବାୟୁ ପରିବର୍ତ୍ତନ ହ୍ରାସ ପାଇଁ ଭାରତର ବିଶ୍ୱବ୍ୟାପୀ ପ୍ରତିବଦ୍ଧତା ସହିତ ସମନ୍ୱିତ । ପ୍ୟାରିସ ଚୁକ୍ତିନାମାର ଏକ ଅଂଶ ଭାବରେ, ଭାରତ ଏହାର କାର୍ବନ ତୀବ୍ରତା ହ୍ରାସ କରିବା ଏବଂ ନବୀକରଣୀୟ ଶକ୍ତି କ୍ଷମତାକୁ ବିସ୍ତାର କରିବାକୁ ପ୍ରତିଜ୍ଞା କରିଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସଂରକ୍ଷଣ ମୁଖ୍ୟ । ଦକ୍ଷତା ମାଧ୍ୟମରେ ଚାହିଦା ହ୍ରାସ କରି, ନବୀକରଣୀୟ ଶକ୍ତିକୁ ପରିବର୍ତ୍ତନ ସହଜ ଏବଂ ଅଧିକ ସୁଲଭ ହୁଏ । ଏହା କେବଳ ଭାରତର ଆନ୍ତର୍ଜାତୀୟ ସ୍ଥିତିକୁ ବୃଦ୍ଧି କରେ ନାହିଁ ବରଂ ବିକାଶ ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ–ମୁଖୀ ହେବା ମଧ୍ୟ ନିଶ୍ଚିତ କରେ । ସଂରକ୍ଷଣ ପାଇଁ ଅର୍ଥନୈତିକ ଯୁକ୍ତି ସମାନ ଭାବରେ ଆକର୍ଷଣୀୟ । ଶକ୍ତି ଦକ୍ଷତା ଖର୍ଚ୍ଚ ହ୍ରାସ କରେ, ପ୍ରତିଯୋଗିତା ବୃଦ୍ଧି କରେ ଏବଂ ନବୀକରଣୀୟ ଶକ୍ତି, ପୁନଃନିର୍ମାଣ ଏବଂ ସବୁଜ ନିର୍ମାଣ ଭଳି କ୍ଷେତ୍ରଗୁଡ଼ିକରେ ନିଯୁକ୍ତି ସୃଷ୍ଟି କରେ । ଏହା ନବସୃଜନକୁ ପ୍ରୋତ୍ସାହିତ କରେ, କାରଣ କମ୍ପାନୀଗୁଡ଼ିକ ସଂରକ୍ଷଣ ଲକ୍ଷ୍ୟ ପୂରଣ କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରନ୍ତି । ଏହା ସରକାରଙ୍କ ଉପରେ ଆର୍ଥିକ ବୋଝ ମଧ୍ୟ ହ୍ରାସ କରେ, ଯେଉଁମାନେ ଅନ୍ୟଥା ସବସିଡି ଏବଂ ଆମଦାନୀରେ ଅଧିକ ଖର୍ଚ୍ଚ କରନ୍ତି । ମୂଳତଃ, ସଂରକ୍ଷଣ ଶକ୍ତିକୁ ଏକ ପ୍ରତିବନ୍ଧକରୁ ଅଭିବୃଦ୍ଧିର ଏକ ସମର୍ଥକରେ ପରିଣତ କରେ ।

ତେଣୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପ୍ରଗତିର ଏକ ଦୃଷ୍ଟିକୋଣକୁ ପ୍ରତୀକ କରେ ଯେଉଁଠାରେ ଆର୍ଥିକ ବିକାଶ ଏବଂ ପରିବେଶଗତ ପରିଚାଳନା ପରସ୍ପର ସହିତ ମିଶି ଚାଲିଥାଏ । ଏହା ଆମକୁ ମନେ ପକାଇ ଦିଏ ଯେ ଭବିଷ୍ୟତ ପିଢ଼ିର ସମୃଦ୍ଧି ଆଜି ଆମେ କରୁଥିବା ପସନ୍ଦ ଉପରେ ନିର୍ଭର କରେ । ଶକ୍ତି ସଂରକ୍ଷଣ କରି, ଆମେ କେବଳ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେଉନାହୁଁ ବରଂ ଅର୍ଥନୀତିର ଇଞ୍ଜିନଗୁଡ଼ିକ ସୁଗମ ଭାବରେ ଚାଲିବା ମଧ୍ୟ ସୁନିଶ୍ଚିତ କରୁ । ଏହି ଦିନଟି ଦାୟିତ୍ୱ, ନବସୃଜନ ଏବଂ ଆଶାର ଉତ୍ସବ – ଏକ ସ୍ୱୀକୃତି ଯେ ଯେତେବେଳେ ଶକ୍ତିକୁ ଏକ ଅସୀମ ସାମଗ୍ରୀ ଭାବରେ ନୁହେଁ ବରଂ ଏକ ମୂଲ୍ୟବାନ ସମ୍ପଦ ଭାବରେ ବିବେଚନା କରାଯାଏ ସେତେବେଳେ ସ୍ଥାୟୀ ବିକାଶ ସମ୍ଭବ ।


ଡିସେମ୍ବର ୧୪ କେବଳ କ୍ୟାଲେଣ୍ଡରରେ ଏକ ତାରିଖ ନୁହେଁ ଏହା ବିକାଶ ସହିତ ସ୍ଥାୟୀତ୍ୱକୁ ସନ୍ତୁଳିତ କରିବାର ଜରୁରୀ ଆବଶ୍ୟକତାକୁ ସ୍ମରଣ କରାଏ । ଶକ୍ତି ସଂରକ୍ଷଣ ଆବଶ୍ୟକ କାରଣ ଏହା ଆର୍ଥିକ ବିକାଶକୁ ଆଧାର କରେ, ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ କରେ ଏବଂ ପରିବେଶକୁ ସୁରକ୍ଷା ଦିଏ । ଭାରତ ଏକ ବିଶ୍ୱ ଅର୍ଥନୈତିକ ଶକ୍ତି ହେବା ଆଡକୁ ଅଗ୍ରସର ହେଉଥିବାରୁ, ଏହି ପଥକୁ ଅନିୟନ୍ତ୍ରିତ ବ୍ୟବହାର ଦ୍ୱାରା ନୁହେଁ ବରଂ ସଚେତନ ସଂରକ୍ଷଣ ଦ୍ୱାରା ଆଲୋକିତ କରାଯିବା ଉଚିତ । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଆମକୁ ଏହି ପଥକୁ ଗ୍ରହଣ କରିବାକୁ ଆହ୍ୱାନ କରେ, ନିଶ୍ଚିତ କରେ ଯେ ପ୍ରଗତି ସ୍ଥାୟୀ ଏବଂ ସମାନ ।


**ଅସିତ ମହାନ୍ତି**
ସୁଜନପୁର, ଯାଜପୁର
ମୋ. ୯୪୩୭୨୮୮୦୨୮


# ଆପେଣ୍ଡିସାଇଟିସ୍ : ହେଳା କଲେ ବିପଦ

ଆପେଣ୍ଡିକ୍ସରେ ଜ୍ୱଳନ ହେଲେ ଆମେ ଏହାକୁ ଆପେଣ୍ଡିସାଇଟିସ୍ ବୋଲି କହିଥାଉ । ବୃହଦାନ୍ତ୍ରରୁ ବାହାରିଥିବା ଏକ ସାଢ଼େ ୩ଇଞ୍ଚର ଟିସ୍ୟୁକୁ ଆପେଣ୍ଡିକ୍ସ କୁହାଯାଇଥାଏ । ଏହି ଅଙ୍ଗ ପ୍ରକୃତରେ ଶରୀରରେ କ'ଣ କାମ କରିଥାଏ ତାହା ଆଜି ଯାଏ ଅଜଣା ରହିଛି । କିନ୍ତୁ ଗୋଟିଏ କଥା ପ୍ରାୟ ସମସ୍ତେ ଜାଣିଥାନ୍ତି ଯେ, ଏହା ବିନା ମଣିଷ ବଞ୍ଚିଯାଇ ପାରିବ । ଆପେଣ୍ଡିକ୍ସରେ ଯନ୍ତ୍ରଣା ହେଲେ ଆମେ ସାଧାରଣତଃ ମେଡ଼ିକାଲରେ ଆଡ଼ମିଟ ହୋଇଥାଉ । ସର୍ଜରୀ ଦ୍ୱାରା ଏହି ଅପେଣ୍ଡିକ୍ସକୁ ବାହାର କରିଦିଆଯାଇଥାଏ । ଯଦି ଏହାକୁ ଅସ୍ତ୍ରୋପଚାର କରି ବାହାର କରିଦିଆନଯାଏ ତେବେ ଆପେଣ୍ଡିକ୍ସ ଫାଟିଯାଇଥାଏ ଏବଂ ରକ୍ତକୁ ସଂକ୍ରମଣ କରିଥାଏ, ଯାହାଫଳରେ ଶରୀରରେ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ । ଏହାଦ୍ୱାରା ପେରିଟୋନିଟିସ୍ ନାମକ ଏକ ଭୀଷଣ ଯନ୍ତ୍ରଣାଦାୟକ ରୋଗ ସୃଷ୍ଟି ହୋଇଥାଏ । ଯଦି ତୁରନ୍ତ ଏହି ରୋଗକୁ ଉଚ୍ଚ କ୍ଷମତା ଯୁକ୍ତ ଆଣ୍ଟିବାୟୋଟିକ୍ ଦ୍ୱାରା ଚିକିତ୍ସା କରାନଯାଏ ତେବେ ତେବେ ରୋଗୀ ଖୁବ୍‌ଶୀଘ୍ର ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ଥାଏ ।





**ଆପେଣ୍ଡିକ୍ସ** : କେବେ କେବେ ଆପେଣ୍ଡିକ୍ସର ବାହାର ପାଖରେ ଏକ ପ୍ରଦାହ ସୃଷ୍ଟି କରୁଥିବା ସଂକ୍ରମଣ ହୋଇ ଘା'ସୃଷ୍ଟି ହୋଇଥାଏ । ଏହାକୁ କେବଳ ସର୍ଜରୀ କରି ଭଲ କରାଯାଇଥାଏ । କେବଳ ଏତିକି ନୁହେଁ ଆପେଣ୍ଡିକ୍ସରେ ଯେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ହେଲେ ଏହାକୁ ସର୍ଜରୀ ମାଧ୍ୟମରେ ହିଁ ଆରୋଗ୍ୟ କରାଯାଇପାରେ । ଆପେଣ୍ଡିସାଇଟିସ୍ ଯେ କୌଣସି ବୟସର ଲୋକଙ୍କୁ ହୋଇପାରେ ।



**କାହିଁକି ହୁଏ ଆପେଣ୍ଡିସାଇଟିସ୍?** : ଯେତେବେଳେ ଆପେଣ୍ଡିକ୍ସ ଅବରୋଧିତ ହୋଇଯାଏ ସେତେବେଳେ ଆପେଣ୍ଡିସାଇଟିସ୍ ହୋଇଥାଏ । ଏହି ଅବରୋଧ କେବେ କେବେ ମଳ, ଶରୀର ବାହାରର ବର୍ଜ୍ୟବସ୍ତୁ କିମ୍ବା କ୍ୟାନ୍‌ସର କାରଣରୁ ହୋଇଥାଏ । ଏହି ଅବରୋଧ ଯୋଗୁଁ ସମ୍ଭବତଃ ସଂକ୍ରମଣ ହୋଇଥାଏ ଏବଂ ଏହାପର ଠାରୁ ଆପେଣ୍ଡିକ୍ସ ଫୁଲିବାରେ ଲାଗେ ଯାହାକି ତଳି ପେଟରେ ସଂକ୍ରମଣ ସୃଷ୍ଟି କରିବା ସହିତ ଯନ୍ତ୍ରଣା ସୃଷ୍ଟି କରିଥାଏ ।

**ଆପେଣ୍ଡିସାଇଟିସ୍‌ର ଲକ୍ଷଣ** : ଆପେଣ୍ଡିସାଇଟିସ୍ ହେଲେ ବିଶେଷକରି ନିମ୍ନଲିଖିତ ଲକ୍ଷଣ ମାନ ପ୍ରକାଶ ପାଇଥାଏ, ଯାଥା : ନାଭି ନିକଟରେ ହାଲୁକା ଯନ୍ତ୍ରଣା ହେବା ସହିତ ତଳିପେଟରେ ଉପର ଅଂଶ ତୀଖ ହୋଇ ତଳିପେଟର ଡାହାଣ ପାଖକୁ ଗତି କରିବା ଭଳି ଲାଗେ । ଏହା ଆପେଣ୍ଡିସାଇଟିସ୍ ହେବାର ପ୍ରାଥମିକ ଲକ୍ଷଣ । ଏହାପରେ ଖାଦ୍ୟରେ ରୁଚି କମିଯାଇଥାଏ, ଭୋକ ହୁଏ ନାହିଁ, ବାନ୍ତି ଲାଗିବା, ବାନ୍ତି ହେବା ଏବଂ ତଳି ପେଟରେ ଯନ୍ତ୍ରଣା ହେବା, ତଳିପେଟ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଇଥାଏ । ଏହି ସମୟରେ ଜ୍ୱର ମଧ୍ୟ ହୋଇଥାଏ, ଏଥିଯୋଗୁ ଶରୀର ଉତ୍ତାପ ୯୯ରୁ ୧୦୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ପେଟରେ ସୃଷ୍ଟି ହେଉଥିବା ଗ୍ୟାସ୍ ନିଷ୍କାସିତ ହେବାରେ ମଧ କଷ୍ଟ ଅନୁଭୂତ ହୋଇଥାଏ । ସମସ୍ୟା କିଛି ପରିମାଣରେ ଜଟିଳ ହେବା ପରେ ଉପରେ କିମ୍ବା ତଳିପେଟରେ ଯନ୍ତ୍ରଣା ଅନୁଭୂତ ହୁଏ ଏହା ବ୍ୟତୀତ ପିଠି, ମଳ ତ୍ୟାଗ କରିବା କିମ୍ବା ପରିସ୍ରା କରିବାରେ ମଧ୍ୟ ଯନ୍ତ୍ରଣା ହୋଇଥାଏ । ବାନ୍ତି ହେବା ଯୋଗୁଁ ତଳିପେଟରେ ଅଧିକ ଯନ୍ତ୍ରଣା ହୋଇଥାଏ । ଏହା ବ୍ୟତୀତ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଭାବେ ପେଟ ଟାଣି ଧରିବା, ପେଟ ଫୁଲିବା, ଝାଡ଼ା ଟାଣ ହେବା ଏବଂ ଡାଇରିଆ ହେବା ଆଦି ଲକ୍ଷଣ ଦେଖାଯାଇଥାଏ । ଶିଶୁ, ବୟସ୍କ, ଡାଇବେଟିସ୍ ରୋଗୀମାନଙ୍କ କ୍ଷେତ୍ରରେ ଆପେଣ୍ଡିସାଇଟିସ୍ ଜଟିଳତା ଯଥା ପେରିଟୋନାଇଟିସ୍ ଓ ସେପ୍ଟିସିମିଆ ହେବାର ସମ୍ଭାବନା ଅଧିକ ଯାହା ରୋଗୀକୁ ମୃତ୍ୟୁମୁଖକୁ ଟାଣି ନିଏ ।

ଯଦି କୌଣସି ଲକ୍ଷଣ ଦେଖା ଯାଉଥାଏ ତେବେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି ହେବା ଆବଶ୍ୟକ, କାରଣ ଆପେଣ୍ଡିସାଇଟିସ୍‌କୁ କେବଳ ଅସ୍ତ୍ରୋପଚାର ଦ୍ୱାରା ଭଲ କରାଯାଇଥାଏ । ଯଦି ଏପରି ଲକ୍ଷଣ ଦେଖାଦିଏ ଏବଂ ଆପଣଙ୍କୁ ଆପେଣ୍ଡିସାଇଟିସ୍ ହୋଇଥାଏ ତେବେ କଦାପି ଅଧିକ ଖାଇବା, ପିଇବା, ଯନ୍ତ୍ରଣା ନିବାରକ ଔଷଧ ସେବନ କରିବା, ଆଣ୍ଟାସିଡ୍ ଏବଂ ଲାକ୍ସାଟିଭ୍ ବ୍ୟବହାର କରିବା ଠାରୁ ଦୂରେଇ ରହନ୍ତୁ। ସେହିପରି ପେଟରେ ଗରମ ସେକ ଦେବଠାରୁ ମଧ୍ୟ ଦୂରେଇ ରୁହନ୍ତୁ । କାରଣ ହିଟିଂ ପ୍ୟାଡ୍ ବ୍ୟବହାର କରିବା ଦ୍ୱାରା ଆପେଣ୍ଡିସାଇଟିସ୍ ଫାଟିଯାଇ ଅତି ଗୁରୁତର ସମସ୍ୟା ସୃଷ୍ଟି ହୋଇଥାଏ । କେବଳ ଲକ୍ଷଣକୁ ଦେଖି ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

**କେମିତି କରାଯାଏ ଚିକିତ୍ସା** : ଆପେଣ୍ଡିସାଇଟିସ୍‌ର ଚିକିତ୍ସା ଅତ୍ୟନ୍ତ କୌଶଳପୂର୍ଣ୍ଣ ଭାବରେ କରାଯାଇଥାଏ । ପ୍ରଥମେ ଏହାର ଲକ୍ଷଣ ଗୁଡ଼ିକୁ ପର୍ଯ୍ୟବେକ୍ଷଣ କରାଯାଇଥାଏ । କାରଣ ଗଲ୍ ବ୍ଲାଡର ଏବଂ ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍‌ସନ୍ ଯୋଗୁଁ ମଧ୍ୟ ଏକା ପ୍ରକାରର ଲକ୍ଷଣ ଦେଖାଯାଇଥାଏ । ଏହା ବ୍ୟତୀତ ଗ୍ୟାସ୍‌ଟ୍ରିକ, ଇଣ୍ଟେଷ୍ଟାଇନାଲ୍ ଇନ୍‌ଫେକ୍‌ସନ ଏବଂ ଓଭାରୀ ସଂକ୍ରାନ୍ତୀୟ ରୋଗରେ ମଧ୍ୟ ଏହି ପ୍ରକାରର ଲକ୍ଷଣ ଦେଖାଯାଇଥାଏ । ତେଣୁ ଆପେଣ୍ଡିସାଇଟିସ୍ ବିଷୟରେ ନିଶ୍ଚିତ ହେବା ପାଇଁ ଡାକ୍ତର ବିଭିନ୍ନ ଲକ୍ଷଣକୁ ତର୍ଜମା କରିବା ସହିତ କେତେକ ପରୀକ୍ଷଣ ମଧ୍ୟ କରାଇଥାନ୍ତି । ସେହି ପରୀକ୍ଷଣ ଗୁଡ଼ିକ ମଧ୍ୟରୁ ତଳିପେଟରେ ପ୍ରଦାହ ଜନିତ ପରୀକ୍ଷଣ, ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍‌ସନ୍ ଜାଣିବା ପାଇଁ ୟୁରିନ୍ ଟେଷ୍ଟ ରେକ୍ଟାଲ ପରୀକ୍ଷଣ ରକ୍ତ ପରୀକ୍ଷଣ (ସଂକ୍ରମଣ ବିରୁଦ୍ଧରେ ଶରୀର ପ୍ରତିରକ୍ଷା କରିବାକୁ ଚେଷ୍ଟା କରୁଛି କି ନାହିଁ ।) ଏକ୍ସରେ କିମ୍ବା ଅଲ୍ଟ୍ରା ସାଉଣ୍ଡ ଟେଷ୍ଟ ଇତ୍ୟାଦି ଅନ୍ୟତମ ।

**ଚିକିତ୍ସା ପଦ୍ଧତି** : ଯେଉଁ ପଦ୍ଧତିରେ ଆପେଣ୍ଡିସାଇଟିସ୍‌କୁ ଅସ୍ତ୍ରୋପଚାର କରାଯାଇ ଶରୀରରୁ ବାହାର କରାଯାଏ ତାହାକୁ 'ଆପେଣ୍ଡିକ୍ଟୋମି' କୁହାଯାଏ । ଆପେଣ୍ଡିକ୍ଟୋମି ପଦ୍ଧତି ଆପେଣ୍ଡିସାଇଟିସ୍ ଚିକିତ୍ସା ପାଇଁ ସର୍ବୋତ୍ତମ ପଦ୍ଧତି ବୋଲି କୁହାଯାଏ । ଆପେଣ୍ଡିସାଇଟିସ୍ ଅସ୍ତ୍ରୋପଚାର ପୂର୍ବରୁ ରୋଗୀକୁ କେତେକ ଆଣ୍ଟିବାୟୋଟିକ୍ ଦିଆଯାଇଥାଏ ଏବଂ ଅନ୍ୟାନ୍ୟ ଅସ୍ତ୍ରୋପଚାର ଭଳି ସାଧାରଣ ଆନାସ୍ଥେସିଆ ଦିଆଯାଇ ଅସ୍ତ୍ରୋପଚାର କରାଯାଇଥାଏ । ଲାପ୍ରୋସ୍କୋପି ବା ସାଧାରଣ ଅସ୍ତ୍ରୋପଚାର ଦ୍ୱାରା ୪ଇଞ୍ଚ ଲମ୍ବର ଅପେଣ୍ଡିକ୍ସକୁ କାଟି ବାହାର କରିଦିଆଯାଇଥାଏ । ଅସ୍ତ୍ରୋପଚାରର ୧୨ଘଣ୍ଟା ପରେ ରୋଗୀ ଉଠି ଚଲାବୁଲା କରିବାରେ ସକ୍ଷମ ହୋଇଥାଏ । ମାତ୍ର ଦୁଇ ସପ୍ତାହ ମଧ୍ୟରେ ରୋଗୀ ନିଜର ସାଧାରଣ ଜୀବନ ଚର୍ଯ୍ୟାକୁ ଫେରିପାରିଥାଏ । ଯଦି ଲାପ୍ରୋସ୍କୋପିକ୍ ଅପରେସନ୍ କରାଯାଏ ତେବେ ରୋଗୀ ଏକ ସପ୍ତାହ ମଧ୍ୟରେ ସୁସ୍ଥ ହୋଇଯାଇଥାଏ । ଅସ୍ତ୍ରୋପଚାର ପରେ ପରେ କାହା କାହା କ୍ଷେତ୍ରରେ କେତେକ ସମସ୍ୟା ଦେଖାଯାଇଥାଏ, ଯେମିତିକି : ଅନିୟନ୍ତ୍ରିତ ବାନ୍ତି ହେବା ତଳିପେଟରେ ଯନ୍ତ୍ରଣା ହେବା ନିଦୁଆ କିମ୍ବା ଶାରୀରିକ ଶିଥିଳତା ଅନୁଭୂତ ହେବା ଜ୍ୱର ହେବା । ଅପରେସନ୍ ହୋଇଥିବା ସ୍ଥାନରେ ଯନ୍ତ୍ରଣା କିମ୍ବା ନାଳି ପଡ଼ିବା ଆଦି ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ । ବାସ୍ତବ କଥା ହେଉଛି ଆପେଣ୍ଡିସାଇଟିସ୍‌କୁ ନେଇ ସେପରି କିଛି ଭୟଭୀତ ହେବାର କାରଣ ନାହିଁ । ପ୍ରଥମରୁ ସର୍ଜରୀ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ଆରୋଗ୍ୟ ସାଧ୍ୟ ।


***ଡା. ବିରଞ୍ଚିନାରାୟଣ ମଲ୍ଲିକ***
***ଏସ୍‌ସିବି ମେଡ଼ିକାଲ କଲେଜ, କଟକ***




## ଆବାସ ଯୋଜନାରୁ ବାଦ ପଡିଛନ୍ତି ପ୍ରକୃତ ହିତାଧିକାରୀ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ଗ୍ରାମର ରବିନ୍ଦ୍ର ସାହୁ ଓ ତାଙ୍କ ପରିବାର ଭଙ୍ଗା ଦଦରା ଘରେ ଜୀବନ ବିତାଉଛନ୍ତି । ରବିନ୍ଦ୍ରଙ୍କ ପରିବାରରେ ୬ଜଣ ପ୍ରାଣୀ କୁଟୁମ୍ବ ଦଦରା ଘରେ ତେଲଲୁଣର ସଂସାର ସହିତ ପ୍ରବଳ ଶୀତର ଜୀବନ ନିର୍ବାହ କରୁଛନ୍ତି । ଆବାସ ଯୋଜନା ପାଇଁ ସେମାନଙ୍କ ପକ୍ଷରୁ ବହୁବାର ଆବେଦନ କରାଯାଇଥିଲେ ମଧ୍ୟ ସରକାର ତରଫରୁ କୌଣସି ସାହାଯ୍ୟ ସହଯୋଗ ମିଳିନାହିଁ ବୋଲି ଘର ମୁରବୀ ଅଭିଯୋଗ ପ୍ରକାଶ କରିଛନ୍ତି । ଏପରିକି ବର୍ଷା ହେଲେ ରବିନ୍ଦ୍ର ତାଙ୍କ ପରିବାରକୁ ନେଇ ଗାଁ ଭାଗବତ ଘରେ ଦୁର୍ଦ୍ଦିନରେ ଆଶ୍ରୟ ନେଇଥାନ୍ତି । ଏହି ପରିପ୍ରେକ୍ଷୀରେ ତାଙ୍କୁ ଅବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ଦାବି କରାଯାଇଛି ।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ଆଇନ ସେବା ପ୍ରାଧିକାରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ୍ ରଥ ଏହି ଲୋକ ଅଦାଲତକୁ ପରିଚାଳନା କରି ଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ବିଚାରପତି ବୃନ୍ଦ ତଥା ଜିଲ୍ଲା ଅଧୀନରେ ୩ଟି ତାଲୁକ (ବାସୁଦେବପୁର, ଚାନ୍ଦବାଲି, ଧାମନଗର) ମଧ୍ୟ ଉପସ୍ଥିତ ରହିଥିଲେ । ମୋଟ ୫୩୩୧୮୪୦୮.୨୪ ଟଙ୍କାରେ ୧୫୩୬ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲର ବିଚରାଧୀନ ଥିବା ୩୦ଟି ମାମଲାର ୨୧୧୦୧୫୦୦ ଟଙ୍କାରେ, ୩୧ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୬୩୮୧୮୩୫ ଟଙ୍କାରେ, ୨୦ଟି ବୈବାହିକ ବିବାଦ, ୨୬୭ଟି ରାଜସ୍ୱ ମୋକଦ୍ଦମା, ୧୮୭୪୬୭ ଟଙ୍କାରେ, ୯୫ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୬୬ ଟି ବ୍ୟାଙ୍କ ଋଣ ମାମଲା ୬୫୮୩୦୬୩ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୮ଟି ମାମଲା ୩୪୪୫୭ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୩୨୫ଟି ମାମଲା ୫୮୮୫୦୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି ।

## ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ

**ବ୍ୟାସନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଚାକିରିରେ ଯୋଗ ଦେବା ପରଠୁ ବ୍ୟାସନଗର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଚାଲିଛି ଷଡଯନ୍ତ୍ର । ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ନିଜେ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ । ତାଙ୍କ ଚାକିରି କାଳ ଭିତରେ ସେ କୌଣସି ଦୁର୍ନୀତି କାର୍ଯ୍ୟରେ ଲିପ୍ତ ନଥିବା ସ୍ୱଷ୍ଟୀକରଣ ଦେଇଛନ୍ତି । ସେ ବ୍ୟାସନଗରରେ ଯୋଗ ଦେବା ପରଠୁ ଅନେକ ଉନ୍ନତି ମୂଳକ କାର୍ଯ୍ୟ ସୁଚାରୁରୂପେ ଚଳାଇଥିବାର ସ୍ୱଷ୍ଟୀକରଣ ଦେଇଛନ୍ତି । ବ୍ୟାସନଗରବାସୀ ତାଙ୍କୁ ସହଯୋଗର ହାତ ବଢ଼ାଇଲେ ସେ ଆଗକୁ ଆହୁରି ଉନ୍ନତିମୂଳକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବେ ବୋଲି କହିଛନ୍ତି । ବ୍ୟାସନଗର କାର୍ଯ୍ୟାଳୟରେ ପରିମଳ ଦୁର୍ନୀତି, କର୍ମଚାରୀ ଦରମାକୁ ନେଇ ଉଠିଥିବା ଅପପ୍ରଚାରକୁ ସେ ମିଥ୍ୟା କହି ଏହାକୁ ଖଣ୍ଡନ କରିଛନ୍ତି ।

## ଗୋପାଳପୁରରେ ସାଉଥ୍ ଏସିଆନ ମୈତ୍ରୀ ସମ୍ମିଳନୀ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମି ଠାରେ ୩୫ତମ ସାଉଥ୍ ଏସିଆନ୍ ଫ୍ରାଟେରନିଟି (ଦକ୍ଷିଣ ଏସୀୟ ମୈତ୍ରୀ ସଂଗଠନ)ର ୩ ଦିନିଆ ସମ୍ମିଳନୀ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଚୋପ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ସମାଜର ସିଇଓ ରାମନାଥ ଝା, ପଞ୍ଜାବର ପୂର୍ବତନ ଡିଜିପି ତଥା ସମ୍ମିଳନୀର ପାଟ୍ରୋନ ଡ. ଡିଆର ଭାଟି, ହାଇଟେକ୍ ମେଡିକାଲ୍ ଗ୍ରୁପର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମଞ୍ଚାସିନ ଥିଲେ । ସଂଗଠନର ସଭାପତି ତଥା ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ଉପସଭାପତି ଦୀପକ ମାଲବ୍ୟ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ୩ ଦିନିଆ ଶିବିର ତଥା ସମ୍ମୀଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରତିନିଧି ଯୋଗଦେଇ ଦକ୍ଷିଣ ଏସିଆରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ ପାଇଁ ଆଲୋଚନା କରିଥିଲେ । ଏଥିରେ ଆସାମ, ତ୍ରିପୁରା, ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜୁରାଟ, ଓଡ଼ିଶା, ଦିଲ୍ଲୀ, ବିହାର, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ, ତାମିଲନାଡୁ ଭଳି ୧୮ ଟି ରାଜ୍ୟରୁ ଯୁବକ, ଯୁବତୀ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା କରିବା ସହ ନିଜ ଅଞ୍ଚଳର ସଂସ୍କୃତି ଓ ପରମ୍ପରା ଆଦାନ ପ୍ରଦାନ କରିଥିଲେ । ସଂଗଠନର ଆଜୀବନ ସଦସ୍ୟ ଶଙ୍କର ମାଝି ମଞ୍ଚ ପରିଚାଳନା କରିଥିବା ବେଳେ କିଶୋର୍ ଦର୍ଶନ ତଲମାଲି ଧନ୍ୟବାଦ୍ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ରାଜକୁମାର ନିଜ ବକ୍ତବ୍ୟ କାଳରେ ଦକ୍ଷିଣ ଏସିଆରେ ଥିବା ଆମ ପଡୋଶୀ ଦେଶ ବାଙ୍ଗଲାଦେଶ ଓ ପାକିସ୍ତାନର ଆଜିକାଲିର ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ଏସିଆର ଦେଶଗୁଡିକ ମଧ୍ୟରେ ବାଣିଜ୍ୟକ ସମ୍ପର୍କ ଓ ଆର୍ଥିକ ସହଯୋଗ ବଢିବା ଆବଶ୍ୟକ ବୋଲି ଶ୍ରୀ ରାଜକୁମାର କହିଥିଲେ । ସେହିପରି ଦକ୍ଷିଣ ଏସିଆର ଉଜ୍ଜଳ ଭବିଷ୍ୟତ ପାଇଁ ଆମେ ଆଜି ଏକାଠି ହୋଇଛେ ବୋଲି ସଂଗଠନ ସଭାପତି ଶ୍ରୀ ମାଳବ୍ୟ କହିଥିଲେ । ଏହି ସମ୍ମିଳନୀ ଜରିଆରେ ଦେଶର କାଶ୍ମିରୀରୁ କନ୍ୟାକୁମାରୀ ଲୋକେ ଗୋପାଳପୁରରେ ଏକତ୍ରିତ ହେଲେ ବୋଲି ଲୋକସେବକ ମଣ୍ଡଳ ସମ୍ପାଦକ ଶ୍ରୀ ଜେନା କହିଥିଲେ । ଦକ୍ଷିଣ ଏସିଆର ଅଣ ବିବାଦୀୟ ବିଷୟକୁ ନେଇ ଆଲୋଚନା କରିବାକୁ ସମାଜର ସିଇଓ ଶ୍ରୀ ଝା ଆହ୍ୱାନ ଦେଇଥିଲେ । ସେହିପରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପାଇଁ ସମସ୍ତ ସହଯୋଗ କରିବେ ବୋଲି ହାଇଟେକ୍ ଅଧ୍ୟକ୍ଷ ଡ ପାଣିଗ୍ରାହୀ କହିଥିଲେ । ଅପରାହ୍ନରେ ଜୀବନରେ ନୈତିକ ମୂଲ୍ୟବୋଧର ଭୂମିକା ଏବଂ ଦକ୍ଷିଣ ଏସିଆର ଦେଶ ଗୁଡ଼ିକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ପ୍ରଫେସର ମଦନ ମୋହନ ମହାପାତ୍ର ଓ ଡ. ସାରଦା ପ୍ରସାଦ ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଡ. ରମେଶ ପ୍ରଧାନ, ଅଶୋକ ସାମନ୍ତ, ପଲବ ଦାସ, ହରିକୃଷ୍ଣ କୋଠିଆ, ରମାକାନ୍ତ ସାହୁ, ପଞ୍ଚାନନ ସାମଲ, କୃଷ୍ଣଚନ୍ଦ୍ର ସାହୁ, ଡ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ସହଯୋଗ କରିଥିଲେ ।

## ଚମଡା ବୋଝେଇ ଗାଡ଼ି ଜବତ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଛକରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ଏକ ଚମଡ଼ା ବୋଝେଇ ଆଇଚର୍ ଗାଡ଼ି ଏ.ପି ୧୬ ଟି.ଜୀ ୩୨୧୨ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଅଟକ ରଖାଯାଇ ପୋଲିସ ଜିମା ଦିଆଯାଇଛି । ଉକ୍ତ ଗାଡ଼ିର ଡ୍ରାଇଭରକୁ ସ୍ଥାନୀୟ ପୋଲିସ ପଚରାଉଚରା କରିବାରୁ ଛେଳି ଚମଡା ବୋଝେଇ କରାଯାଇ ଆଣୁଥିବା ବୋଲି ପ୍ରକାଶ କରିଛନ୍ତି । ଗାଡ଼ିଟି ଏକ ଜରି ପାଲ ଦ୍ୱାରା ଘୋଡା ଯାଇଥିବାରୁ ଚମଡ଼ା ସବୁ କାହାର ଠିକ୍ ସେ ଜଣା ପଡୁନଥିବା ପରିଲକ୍ଷିତ ହୋଇଛି । ଏଠାରେ ପ୍ରଶ୍ନ ଉଠେ ଯେ ଉପରେ ଛେଳି ଚମଡ଼ା ରଖା ଯାଇ ଭିତରେ କି ତଳେ ଗୋ ମାତାଙ୍କ ଚମଡ଼ା ନାହିଁ ତ ? ଗୋ ସେବକ, ବଜରଙ୍ଗୀ ହିନ୍ଦୁ ସେନା କର୍ମକର୍ତ୍ତାଙ୍କ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଜୋରଦାର ଦାବି କରିଛନ୍ତି । ଭେଟେନାରୀ ଟିମ୍ ଦ୍ୱାରା ଯାଞ୍ଚ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ମନ୍ତବ୍ୟ ଦେଇଛନ୍ତି ।

## କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

**ଗୋପ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଆସ ସ୍କୁଲ ଯିବା' ଅନ୍ତର୍ଗତ ଏକ କ୍ଲଷ୍ଟରସ୍ତରୀୟ ବୈଠକ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଗୋପ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ବିନୋଦିନୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସାଂସଦର ଆଲୁମୁନି ସଭାପତି ପୁନେଶ କୁମାର ସେନାପତି, ସମ୍ମାନୀୟ ଅତିଥି ଭାବେ ଗୋପ ଅଞ୍ଚଳ ବରିଷ୍ଠ ଶିକ୍ଷାବିତ୍ ତଥା ପୁରାତନ ଛାତ୍ର ବିଭୁତି ଭୂଷଣ ପଟ୍ଟନାୟକ, ସାଂସଦଙ୍କ ଗୋପ ବ୍ଲକ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଗୋପ ବ୍ଲକ ଆମ୍ବାର ସଭାପତି ବସନ୍ତ କୁମାର ସେନାପତି, ସ୍କୁଲର ପରିଚାଳନା ସଭା ନେତ୍ରୀ ମନୋରମା ଦାସ, ସିଆରସି ଦୀକପ କୁମାର ସେନାପତି, ପୂର୍ବତନ ପ୍ରଧାଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ଉକ୍ତ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷତ୍ରୀ ବିଜୟିନୀ ଶତପଥୀ, ପ୍ରମୁଖ ବରିଷ୍ଠ ଅତିଥିମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ ସିଆରସି ଦୀପକ କୁମାର ସେନାପତି । ମୁଖ୍ୟତଃ ଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି । ତା ସତ୍ତ୍ୱେ ଏହାକୁ ପୂର୍ବରୁ କୌଣସି ସରକାର ଗୁରୁତର ସହିତ ବିଚାରକୁ ନେଇଥିଲେ । ମୋହନ ସରକାର ଆସିଲାପରେ ଏହାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଓଡ଼ିଶା ସରକାର ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନେଇ ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ସରକାରଙ୍କ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସ୍ୱପ୍ନର ଓଡ଼ିଶା ଗଠନର ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ଯାହା ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିଲେ ପୂରଣ ହୋଇପାରିବ ।

କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନ ଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡ଼ିବା ପାଇଁ ଜନ୍ମରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି । ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ରାଜ୍ୟସ୍ତରୀୟ ଅଭିଯାନ 'ଆସ ସ୍କୁଲ୍ ଯିବା' ଆରମ୍ଭ କରିଛନ୍ତି । ଏହି ଅଭିଯାନ ମାଧ୍ୟମରେ ୫ରୁ ୧୮ ବର୍ଷ ବୟସର ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିସହ ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା, ବାଲ୍ୟବିବାହ, ଶିଶୁଶ୍ରମ ଏବଂ ଶିଶୁ ଚାଲାଣ ଭଳି ସାମାଜିକ ସଙ୍କଟକୁ ରୋକିବା, ବିଦ୍ୟାଳୟରେ ୧୦୦% ନାମଲେଖା ସୁନିଶ୍ଚିତ କରିବା ନେଇ ଲକ୍ଷ୍ୟ ରଖୁଛନ୍ତି ରାଜ୍ୟ ସରକାର । ପ୍ରତି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ପାଇଁ ୫ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି ତାହା ପାଣି ଓଡିଶାର ସମସ୍ତ ବ୍ଲକରେ ଥିବା କ୍ଲଷ୍ଟର ସ୍ତରୀୟ ସିଆରସିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ରାଷ୍ଟ୍ରୀୟ ଲୋକ ଅଦାଲତ



**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଦିବସ ଅନୁଷ୍ଠିତ ହୋଇଥିଲା । ନିମାପଡାକୁ ଅସ୍ତରଙ୍ଗର ଜନସାଧାରଣ ଯାଉଥିଲେ ଏବେ ତାହା ଅସ୍ତରଙ୍ଗରେ ସୁବିଧା ପାଇପାରୁଛନ୍ତି । ବିଚାରପତି ସୁଧାବାଇ ଅଗ୍ରୱାଲଙ୍କ ଅଦାଲତରେ ବିଭିନ୍ନ ବିଭାଗର ମୋଟ ୪୨ଟି କେସ୍‌ରେ ସମନ ଜାରି ହୋଇଥିଲା । ସେଥିମଧ୍ୟରୁ ୨୪ଟି କେସ୍ ବିଚାର ହୋଇ ଫଇସଲା ହୋଇଥିବା ବେଳେ ଚେକ୍ ବାଉନ୍ସ ବାବଦରେ ୬ ଲକ୍ଷ୍ୟ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଏହି ଅଦାଲତ କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର କର୍ମଶାଳା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

"ପ୍ରଯୁକ୍ତି ବିଦ୍ୟା ସ୍ଥିରତା (ସଷ୍ଟେନେବିଲିଟି) ପାଇଁ ଏକ ଆଧାର ରୂପେ କାମ କରେ । ଏହାର ଅଭିବୃଦ୍ଧିରେ ସାହାଯ୍ୟ କରେ, କିନ୍ତୁ କେବେ କେବେ ଏହା ହାନିକାରକ ମଧ୍ୟ ସାବ୍ୟସ୍ତ ହୋଇଥାଏ ।" ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ପକ୍ଷରୁ "ମ୍ୟାନେଜିଂ ଗ୍ରୋଥ୍ ୱିଥ୍ ରେସ୍ପନସିବିଲିଟି: ଇଏସଜି, ଟେକ୍ନୋଲୋଜି ଏଣ୍ଡ୍ ଇନୋଭେସନ୍" ଶୀର୍ଷକରେ ଆୟୋଜିତ ଦୁଇଦିନିଆ କର୍ମଶାଳାର ଉଦଘାଟନୀ ଉତ୍ସବରେ ଶୁକ୍ରବାର ଯୋଗଦେଇ ଏକଥା କହିଛନ୍ତି ମୁଖ୍ୟ ଅତିଥି ତଥା ଆକ୍‌ସେଞ୍ଚର କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସାକେତ କକ୍କର । ଏଥିରେ ମୁଖ୍ୟତଃ ଇଏସଜିର ୪ଟି ସ୍ତମ୍ଭ ପରିବେଶ (ଏନଭିରନମେଣ୍ଟାଲ), ସାମାଜିକ (ସୋସିଆଲ୍), ପରିଚାଳନା (ଗଭର୍ନାନ୍ସ), ଏବଂ ରିପୋର୍ଟିଂ/ଏକୀକରଣ (ରିପୋର୍ଟିଂ/ଇଣ୍ଟିଗ୍ରେସନ) ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।




କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ତେଜପ୍ରତାପ ଯୋଗଦେଇ ସ୍ୱଦେଶୀ ଜ୍ଞାନକୌଶଳ ଅନୁସନ୍ଧାନ କ୍ଷେତ୍ରରେ ଏଫ୍.ଏମ୍.ଏସ୍ ଅନ୍ୟମାନଙ୍କଠାରୁ ଆଗରେ ବୋଲି କହିଥିଲେ । ଆସାମ ସେଣ୍ଟ୍ରାଲ ୟୁନିଭର୍ସିଟିରୁ ଆସିଥିବା ଡ. ଜୋୟିତା ଦେବ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ଆଦାନୀ ପୋର୍ଟ ଏଣ୍ଡ୍ ଲଜିଷ୍ଟିକ୍ସର ସିପିଓ ଚିରାଗ ଶାହ ନିଜ ନିଜର ଅଭିଭାଷଣ ରଖିଥିଲେ । ବିଭାଗୀୟ ଡିନ୍ ପ୍ରଫେସର ଡ. ବିପ୍ଳବ ବିଶ୍ୱାଳ ଧନ୍ୟବାଦ ଦେବାକୁ ଯାଇ ପୁରାଣର ସୁର-ନର-ଅସୁର ପ୍ରସଙ୍ଗ ଅବତାରଣା କରି କହିଥିଲେ, "ସୁର ଅର୍ଥାତ୍ ଦେବତାମାନେ ସଂରକ୍ଷକ ହୋଇଥିବା ବେଳେ ଅସୁର ବା ଦାନବମାନେ ବିନାଶକ ହୋଇଥା'ନ୍ତି । ଠିକ୍ ସେହିଭଳି ଆମେ ପୃଥିବୀକୁ କ'ଣ ଦେଇପାରିବା ତାହା ଆମ ବ୍ୟବହାର ଉପରେ ନିର୍ଭର କରେ । କାରଣ ଏହି ପୃଥିବୀରେ ମନୁଷ୍ୟର ଆବଶ୍ୟକତା ପାଇଁ ସବୁକିଛି ଅଛି, ମାତ୍ର ଲୋଭ ପାଇଁ କିଛି ମଧ୍ୟ ନାହିଁ ।" ଏହାପରେ 'ଶିଳ୍ପରେ ଇଏସଜି ବ୍ୟବହାର ଓ ଭବିଷ୍ୟ ନିର୍ମାଣ' ଥିମ୍ ଉପରେ ଅନ୍ୟମାନଙ୍କ ସହ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଡ. ମଧୁଲିକା ସାହୁ ଜିଜ୍ଞାସୁ ବିଦ୍ୟାର୍ଥୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ପରେ ଦୁଇଟି ବୈଷୟିକ ଅଧିବେଶନ (ଇଏସଜି ଜେନେରାଲ୍ ଓ ଇଏସଜି ଫାଇନାନ୍ସ)ରେ ଡ. ସାହୁଙ୍କ ସମେତ ପୁରୀ ଏସ.ସି.ଏସ୍ କଲେଜର ସହକାରୀ ପ୍ରାଧ୍ୟାପକ ଡ. ଭବାନୀ ଶଙ୍କର ରାଉତ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଜସ୍ମିନ୍ ଭୂୟାଁ, ଡ. ବିନିତା ନନ୍ଦ, ଡ. ସରିତା ମିଶ୍ର ଏବଂ ଡ. ଗିରିଧାରୀ ମହାନ୍ତ ପୌରୋହିତ୍ୟ କରିଥିଲେ । ଅର୍ପିତା ସାହାଣୀ, ପ୍ରମିଳା ଶତପଥୀ, ଡ. ଅଭିଶ୍ୱେତା ନନ୍ଦୀ, ଅଭିପ୍ସା ଦାସ, ସାରକା ନକୁଳ, ଡ. ସଞ୍ଜୁ ଶର୍ମା, ଗୁଣଧର ମାଝୀ, ଜଗମୋହନ ଡାଲମିଆ, ଗାୟତ୍ରୀ ମହାପାତ୍ର, ସୂର୍ଯ୍ୟକାନ୍ତ ସାହୁ, ଡ. ପ୍ରସନ୍ନ କୁମାର ରାଉତ, ପ୍ରତୀକ୍ଷା ରାୟ, ବିକ୍ରମାଦିତ୍ୟ ମଲ୍ଲଦେବ ଏବଂ ଅନ୍ୱେଷା ପାଢ଼ୀ ପ୍ରମୁଖ ନିଜ ନିଜ ନିବନ୍ଧ ଉପସ୍ଥାପନ କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମକୁ ଡ. ଭରତ ଦାଶ ସଞ୍ଚାଳନ କରିଥିଲେ ।

## ଚାଷୀଙ୍କୁ ପମ୍ପ ସେଟ ବଣ୍ଟନ



**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ପାଣି ପମ୍ପ ସେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଦେବଗଡ ବିଧାୟକଙ୍କ ପ୍ରତିନିଧି ନଗେନ ପଣ୍ଡା, ଅଧ୍ୟକ୍ଷା ତିଳେଇବଣି ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷ ଆରତୀ ପ୍ରଧାନ, ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଓଡିଶା କୃଷି ଶିଳ୍ପ ନିଗମ ଦିବ୍ୟାଲୋଚନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉଦ୍ଧବ ଚରଣ ବେହେରା, ପ୍ରୋଜେକ୍ଟ ମ୍ୟାନେଜେର ପ୍ରତାପ ପଣ୍ଡା ଯୋଗଦାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ମୋଟ ୫ଟି ପଞ୍ଚାୟତ ଯଥା ବଡ଼ଛାପଲ, କଲଣ୍ଡା, ଦୁଧିଆନାଲି, ଢୋଲପଡା ଏବଂ ଝରାଗୋଗୁଆ ଅନ୍ତର୍ଗତ ୨୮ଟି ଗ୍ରାମରୁ ଆସିଥିବା ୫୦ ଜଣ ଆଦିବାସୀ ଚାଷୀଙ୍କୁ ପମ୍ପ ସେଟ ବଣ୍ଟନ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ତିଳେଇବଣି ବ୍ଲକ୍‌ର ଆଦିବାସୀ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ । ବିଷୟ ବସ୍ତୁ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## କଲେଜ ବସ୍ ଧକ୍କାରେ ଯୁବକ ମୃତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ କଲେଜ ବସ ଧକ୍କାରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି । ସ୍ଥାନୀୟ ସିଡ଼ିଏ ବିରେନ ମିତ୍ର ପାର୍କ ନିକଟ ନଦୀବନ୍ଧ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ଯୁବକ ଜଣକ ନରାଜ ପଟୁ ବାଇକରେ ଯାଉଥିବାବେଳେ କଲେଜ ବସ ଧକ୍କା ଦେଇଥିଲେ । ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ମର୍କତନଗର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଏସସିବି ମେଡ଼ିକାଲକୁ ପଠାଇଛି । ଅପରପକ୍ଷରେ ଯୁବକଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ଉଭୟ ବାଇକ ଓ ବସକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ପ୍ରେମିକର ଭଡ଼ା ଘରୁ ପ୍ରେମିକାର ମୃତ୍ୟୁ ଦେହ ଉଦ୍ଧାର

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁରରେ ରହୁଥିବା ଜଣେ ଯୁବକଙ୍କ ଭଡ଼ା ଘରୁ ତାଙ୍କ ପ୍ରେମିକାଙ୍କ ମୃତ୍ୟୁ ଦେହ ଉଦ୍ଧାର ହୋଇଛି । ଯୁବତୀଙ୍କ ମୃତ୍ୟୁ ପରେ ଯୁବକ ଜଣକ ଫେରାର ହୋଇ ଯାଇଛନ୍ତି । ପୁଲିସ ଯୁବକଙ୍କ ବାପାଙ୍କୁ ଥାନାକୁ ଡାକି ପଚରା ଉଚରା କରୁଛି । ଯୁବକଙ୍କ ମୋବାଇଲକୁ ଟ୍ରାକ କରି ତାଙ୍କ ଲୋକେସନ ଜାଣିବା ପାଇଁ ପୁଲିସ ଚେଷ୍ଟା କରିଥିଲେ ବି ବିଫଳ ହୋଇଛି । କାରଣ ଯୁବକ ଜଣକ ମୋବାଇଲକୁ ସୁଇଚ ଅଫ କରି ଦେଇଛନ୍ତି । ଯାହା ଫଳରେ ପୁଲିସକୁ ତଦନ୍ତରେ ସମସ୍ୟା ସୃଷ୍ଟି ହେଉଛି । ଯୁବକ ଜଣକ କେଉଁଆଡେ ଯାଇଥାଇ ପାରନ୍ତି, କେଉଁଆଡେ ତାଙ୍କ ସମ୍ପର୍କୀୟମାନେ ରହୁଛନ୍ତି, ସେମାନଙ୍କର ସଂପର୍କୀୟମାନେ ରାଜ୍ୟର କେଉଁ କେଉଁ ଜିଲାରେ ଅଛନ୍ତି ଏହି ସବୁ ତଥ୍ୟ ହାସଲ ପାଇଁ ପୁଲିସ ଯୁବକଙ୍କ ବାପାଙ୍କୁ ପଚରାଉଚରା ଚଳାଇଥିବା ଖବର ମିଳିଛି । ସୂଚନା ଯୋଗ୍ୟଯେ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଂଚଳର ଉକ୍ତ ଯୁବତୀ ଜଣକ ୪ ଦିନ ତଳେ ଭୁବନେଶ୍ୱରରେ ଚାକିରି ପାଇଁ ସାକ୍ଷାତକାର ଦେବାକୁ କହି ଘରୁ ଆସିଥିଲେ । ହେଲେ ଆଉ ଘରକୁ ଫେରି ନଥିଲେ । ଏ ନେଇ ଯୁବତୀଙ୍କ ପରିବାର ଲୋକେ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ । ବାଲିଚନ୍ଦ୍ରପୁର ଥାନା ପୁଲିସ ତଦନ୍ତ ଜାରି ରଖିଥିବା ବେଳେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଗରାପୁରର ଏକ ଭଡ଼ା ଘରୁ ଯୁବତୀଙ୍କ ଝୁଲନ୍ତା ଶବ ପୁଲିସ ଉଦ୍ଧାର କରିଥିଲା । ପୁଲିସ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଯୁବତୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି ।

## ଶିଶୁ ଶ୍ରମ ବୃଦ୍ଧି: କୁମ୍ଭକର୍ଣ୍ଣ ନିଦ୍ରାରେ ଅଧିକାରୀ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାରେ ଶିଳ୍ପ ଓ ଖଣିକୁ କେନ୍ଦ୍ରକରି ତୀବ୍ର ଗତିରେ ବିକଶିତ ହୋଉଥିବା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ପ୍ରତିବର୍ଷ ବଢୁଥିବା ଚିତ୍ର ଚିନ୍ତାଜନକ ଆକାର ନେଉଛି । ସ୍ଥାନୀୟ ହୋଟେଲ, ଇଟା ଭାଟି, ଗ୍ୟାରେଜ, ଛୋଟ ଉଦ୍ୟମ ଠାରୁ ଆରମ୍ଭ କରି ବଡ଼ ପ୍ରକଳ୍ପସ୍ଥଳ ଯାଏଁ ଅବୟସ୍କ ପୁଆଛୁଆମାନେ ଶ୍ରମିକ ଭାବେ ନିଯୁକ୍ତ ହେଉଥିବା ଦୃଶ୍ୟମାନ ଦେଖାଯାଉଛି । ଯେଉଁଠାରେ ସ୍ୱଷ୍ଟ ଭାବେ ଶିଶୁ ଶ୍ରମ ନିଷେଧ ଆଇନ ୧୯୮୬ ଓ ଶିଶୁ ଅଧିକାର ସୁରକ୍ଷା ଆଇନ ରହିଥିଲେ ମଧ୍ୟ, ବିଭାଗୀୟ ଅଧିକାରୀମାନଙ୍କ ନିଷ୍କ୍ରିୟତାରୁ ସରକାରଙ୍କ ଆଇନ କାଗଜରେ ସୀମାବଦ୍ଧ ହୋଇପଡ଼ିଛି । ପରିବାରର ଅର୍ଥନୈତିକ କଷ୍ଟ ଶିଶୁମାନେ ପାଠ ଛାଡ଼ି ବାଧ୍ୟ ହେଉଛନ୍ତି ଶ୍ରମିକ ହେବା ପାଇଁ । ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧିରୁ, ଅନେକ ପରିବାର ରୋଗାକ୍ରାନ୍ତ ଓ ଅର୍ଥ ଅଭାବ ପରିବାର ଗୁଡ଼ିକୁ ଅଧିକ କଷ୍ଟକର ହୋଇ ପଡିଛି । ଅନେକ ପରିବାରର ଜୀବନଜୀବିକା ବ୍ୟବସ୍ଥା ପୂର୍ବପରି ରହିଛି, ତେଣୁ ଶିଶୁମାନେ ସ୍କୁଲ ଛାଡ଼ି ଦିନକୁ ୧୦ରୁ ୧୨ ଘଣ୍ଟା କଷ୍ଟ କାମ କରିବାକୁ ପଡୁଛି । ପରିବାର ପେଟକୁ ପଖାଳ ଗଣ୍ଡେ ପାଇଁ ପିଲାଙ୍କୁ ସ୍କୁଲ ପାଠପଢ଼ା ଛାଡ଼ି କାମକୁ ପଠାଇବା ବାଧ୍ୟ ହେଉଛୁ । ଶିଶୁ ଶ୍ରମିକମାନେ ନିଜ ପରିବାର ପେଟ ପୋଷିବାର ମାଧ୍ୟମ ସାଜିଛି ଇଟା ଭାଟି, ହୋଟେଲ, ଗ୍ୟାରେଜ, ଗୃହ ନିର୍ମାଣ, ଆପାର୍ଟମେଣ୍ଟ ଓ ବଡ଼ ପ୍ରକଳ୍ପସ୍ଥଳରେ ଶିଶୁ ଶ୍ରମ ବହୁ ପରିମାଣରେ ଦେଖିବା ପାଇଁ ମିଳୁଛି । ସ୍ଥାନୀୟ ସୂତ୍ର ଅନୁସାରେ, ଇଟା ଭାଟିଗୁଡ଼ିକରେ ୯ରୁ ୧୪ ବର୍ଷ ବୟସର ପୁଆଛୁଆମାନେ ଭାରୀ କାମ ଓ ଇଟା ଥାକ ଦେଉଛନ୍ତି, ଯେତେ ବେଳେକି ହୋଟେଲ ଓ ଢାବାମାନଙ୍କର ୧୨ରୁ ୧୬ ବର୍ଷର ପିଲାଙ୍କୁ ଦିନଭରି କାମ କରାଯାଉଛି । କେତେକ ବଡ଼ ପ୍ରକଳ୍ପ ଓ ଘରଘରାଣି ନିର୍ମାଣ ସ୍ଥଳରେ ମଧ୍ୟ ସାନ ପିଲାମାନେ ମାଟି ଓ ବାଲି ଉଠାନେବା ଆଣିବା ଭଳି ଭାରି କଷ୍ଟର କାମ କରୁଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଏନଜିଓମାନେ ଏହାକୁ ଶିଶୁ ଅଧିକାର ଉପରେ ବିକୃଷ୍ଟ ହସ୍ତକ୍ଷେପ ବୋଲି କହି ନିନ୍ଦା କରୁଛନ୍ତି । ବିଭାଗୀୟ ଅଧିକାରୀମାନେ 'ଘୋର ନିଦ୍ରା'ରେ ନାହିଁ ନିରୀକ୍ଷଣ, ନାହିଁ କାନୁନଗତ କାର୍ଯ୍ୟାନୁଷ୍ଠାନ ଅଭିଯୋଗ ହେଉଛି । ଯାଜପୁର ଜିଲ୍ଲାର ଶିଶୁ ସୁରକ୍ଷା ବିଭାଗ, ଶ୍ରମ ବିଭାଗ, ଶ୍ରମ ନିରୀକ୍ଷକମାନଙ୍କ ଉପରେ ସ୍ଥାନୀୟ ଲୋକଙ୍କ ଗଭୀର ଅସନ୍ତୋଷ ଦେଖିବାକୁ ମିଳୁଛି । ଅଭିଯୋଗ ହେଉଛି କାର୍ଯ୍ୟସ୍ଥଳସ୍ତର ନିରୀକ୍ଷଣ ପ୍ରାୟ ହେଉ ନାହିଁ । ଅନଧିକୃତ ଶିଶୁଶ୍ରମ ଉପରେ କୌଣସି ତ୍ୱରିତ ଛାପା ପଡୁନି ଅଧିକାରୀମାନେ ଅବହେଳା ପରି ଆଚରଣ କରୁଛନ୍ତି । ଏବେ ସମୟ ଆସିଲାଣି ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରୁ ଜାଗିବା ଦରକାର । ସମାଜକର୍ମୀ ଓ ଶିଶୁ ଅଧିକାର ମଞ୍ଚମାନଙ୍କ ମତ ହେଉଛି ଆଇନ ଅଛି, କାମ କରିବା ନାହିଁ । କଳିଙ୍ଗନଗର ଭଳି ଅନ୍ତର୍ଜାତୀୟ ଶିଳ୍ପାଞ୍ଚଳରେ ଶିଶୁ ଶ୍ରମ ଦେଖିବା ଲଜ୍ଜାଜନକ । ତତ୍କାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । କେବଳ ଆଇନ ସରକାର କଲେ ହେବନି, ନିୟମିତ ନିରୀକ୍ଷଣ ଆବଶ୍ୟକ, ତ୍ୱରିତ ଭାବରେ ଶ୍ରମ ମାଫିଆଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ସ୍କୁଲ-ଛାଡି ଶିଶୁଙ୍କ ପାଇଁ ପ୍ରଶାସନ ସୁ-ବ୍ୟବସ୍ଥା କରି ପୁନଃ ସ୍କୁଲକୁ ଫେରେଇ ଆଣିବା ଆବଶ୍ୟକ । ଶିଶୁମାନେ ପାଠଛାଡ଼ି ଯଦି ଏମିତି ଶ୍ରମିକହେବା ପାଇଁ ଚାଲିଥାଏ, ଆଗାମୀ ପିଢ଼ୀ ଅନ୍ଧକାରକୁ ଚାଲିଯିବକୁ କେହି ଅଟକାଇ ପାରିବେ ନାହିଁ । ପିଲାମାନେ ଶ୍ରମିକ ନୁହେଁ ସେମାନେ ଭାରତ (ଦେଶ)ର ଭବିଷ୍ୟତ ଅଟନ୍ତି । କଳିଙ୍ଗନଗର ଓ ଖଣି ଅଞ୍ଚଳରେ ପ୍ରଦୂଷଣ, ପରିବାର ମୁଖିଆ ରୋଗାକ୍ରାନ୍ତ ଓ ଅର୍ଥନୈତିକ କଷ୍ଟ ପରିବାର ଉପରକୁ ଚାପ ଦେଇଛି । ଫଳସ୍ୱରୂପ ପିଲାମାନେ ପଢ଼ାଛାଡ଼ି କାମକୁ ବାଧ୍ୟ ହେଉଛନ୍ତି । ଏହି ପରିସ୍ଥିତିକୁ ରୋକିବା ପାଇଁ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ତୀବ୍ର ଓ ତତ୍କାଳ ସଚେତନତା ଅତ୍ୟାବଶ୍ୟକ ହୋଇ ପଡିଛି । ପିଲାମାନେ ଆଉ ବାଜାରରେ ନ ରହି, ବିଦ୍ୟାଳୟରେ ରୁହନ୍ତୁ ସାଧାରଣରେ ଏପରି ମତ ପ୍ରକାଶ ପାଉଛି ।




ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 14th December, 2025 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଜିଲାପାଳଙ୍କ ଗୋଡ଼ତଳେ ଧାନ ରଖି ମୁଣ୍ଡିଆ ମାରିଲେ ଚାଷୀ

**ପଦ୍ମପୁର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇ ପାରିନାହିଁ। ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣରେ ଧାନ ପଡ଼ିରହିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ପଦ୍ମପୁର ସବକଲେକ୍ଟର ଅଫିସ ସମ୍ମୁଖରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉପସ୍ଥିତିରେ ତାଙ୍କ ଗୋଡ଼ ତଳେ ଧାନ ପକାଇ ମୁଣ୍ଡିଆ ମାରି ସମସ୍ତ ଧାନ ତୁରନ୍ତ କିଣିବାକୁ ଅନୁରୋଧ କରିଛନ୍ତି।

ପ୍ରକାଶ ଥାଉକି, ଗତ ଖରିଫ ଋତୁରେ ପଦ୍ମପୁର ଆର୍‌ଏମସିଠାରୁ ୩୦ ଲକ୍ଷ କ୍ୱିଣ୍ଟାଲ ଧାନକିଣା ଯାଇଥିଲା। ଚଳିତ ବର୍ଷ ୯୨ଟି ଧାନକ୍ରୟ କେନ୍ଦ୍ର ଖୋଲା ଯାଇଛି ହେଲେ ୪୨ସେଣ୍ଟର ରେ ଧାନ କିଣା ଆରମ୍ଭ କରାଯାଇନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ପକେଟ ଧାନ ପଡ଼ି ରହିଛି କିନ୍ତୁ କିଣା ହୋଇଛି ମାତ୍ର ୪୦ ହଜାର ପକେଟ୍ ଧାନ



୭୦% ଚାଷୀଙ୍କ ଟୋକନ ଏଯାଏ ଆସିନାହିଁ, ଅନେକ ଚାଷୀଙ୍କ ଟୋକନ ଜମି ତୁଳନାରେ ବହୁତ କମ୍ ଆସିଛି। କିଛି ଟୋକନ ଜାନୁଆରୀ ମାସରେ ଧାନ ବିକ୍ରି କରିବାର ଧାର୍ଯ୍ୟ ତାରିଖ ଅଛି। ଅଣ ଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି। ବଳକା ଧାନ କଣ କରାଯିବ ସରକାରଙ୍କ କିଛି ନିଷ୍ପତ୍ତି ନେଇ ନାହାନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ଧାନ କ୍ୱିଣ୍ଟାଲ ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଦିଆ ଯାଉଛି। ଏହି ସବୁ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ବାରମ୍ବାର ଆନ୍ଦୋଳନ କଲେ ମଧ୍ୟ ପ୍ରତିଶ୍ରୁତି ବ୍ୟତୀତ କିଛି ସମାଧାନ ହେଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଆସନ୍ତା ସୋମବାର ଧାନ ପକାଇ ଧାରଣା ଦେବା ପାଇଁ ବାଧ ହେବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଆଦିବାସୀ ଦୟାର ପାତ୍ର ନୁହଁ, ଅଧିକାରର ଅଧିକାରୀ: କଂଗ୍ରେସ

**ଭୁବନେଶ୍ୱର, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାରକୁ ନେଇ କଂଗ୍ରେସ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ସୁଧାଂଶୁ ଦେଓ କହିଥିଲେ, ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଡିସେମ୍ବର ୧୩, ୨୦୦୫ ମସିହାରେ ପାର୍ଲିଆମେଣ୍ଟରେ ଗୃହୀତ ହୋଇଥିଲା। ଏହି ଆଇନର ମୂଳ ଲକ୍ଷ ଥିଲା ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ଓ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ଗ୍ରାମବାସୀଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରିବା। ୨୦୦୮ ମସିହାରୁ ଓଡିଶା ସରକାର ଏହି ଆଇନକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ଆରମ୍ଭ କଲେ। ଏହି ଆଇନ ବଳରେ ୨୦୦୫ ଡିସେମ୍ବର ୧୩ ତାରିଖ ଆଗରୁ ଯେଉଁ ଆଦିବାସୀ ଓ ଅନ୍ୟାନ୍ୟ ପାରାମ୍ପରିକ ବନବାସୀମାନେ ୧୦ ଏକର ଭିତରେ ଯେଉଁ ଜଙ୍ଗଲ ଜମି ଚାଷ ଓ ବାସ ପାଇଁ ବ୍ୟବହାର କରୁଥିବେ ସେମାନଙ୍କୁ ସରକାର ଏହି ଜମିକୁ ବ୍ୟବହାର ପାଇଁ ଏକ ଶିରୋନାମା ପ୍ରଦାନ କରିବାର ବ୍ୟବସ୍ଥା ଅଛି। ଗାଁର ପାରମ୍ପରିକ ସୀମା ଭିତରେ ଥିବା ଜଙ୍ଗଲର ପରିଚାଳନା ଓ ବନ୍ୟଜନ୍ତୁ ଶିକାର ବ୍ୟତୀତ ସମସ୍ତ ପାରମ୍ପରିକ ବ୍ୟବହାର ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରିବାର ପ୍ରାବଧାନ ଅଛି। ୨୦୨୩ ପର୍ଯ୍ୟନ୍ତ ଓଡ଼ିଶାର ବିଜେଡି ସରକାର ଏହି ଆଇନକୁ ଠିକ ଭାବେ କାର୍ଯ୍ୟକାରୀ ହୋଇନଥିବାର ସ୍ୱୀକାର କରି ମୋ ଜଙ୍ଗଲ ଜମି ଯୋଜନା ଶୁଭାରମ୍ଭ କରିଥିଲେ ଯାହାର ଲକ୍ଷ୍ୟ ଥିଲା କଂଗ୍ରେସ ଦ୍ୱାରା ପ୍ରଣୋଦିତ ୨୦୦୬ ର ସଫଳ ରୂପାୟନ। ଏଥିପାଇଁ ପ୍ରତି ତହସିଲ ଓ ଆଇଆଇଡିଏ ଅଫିସରେ ଫରେଷ୍ଟ ରାଇଟ ଏକ୍ଟ ସେଲ ଖୋଲାଯାଇ ଜଙ୍ଗଲ ଅଧିକାର ସମ୍ପର୍କିତ କାମକୁ ତ୍ୱରାନ୍ୱିତ କରା ଯାଉଥିଲା। କିନ୍ତୁ ଟଙ୍କା ନାହିଁ କହି ଏବେକାର ବିଜେପି ସରକାର ଏହି ଯୋଜନାକୁ ବନ୍ଦ କରି ଦେଇଛି ଓ ଏଫଆରଏ ସେଲମାନ ବନ୍ଦ କରି ଦିଆଯାଇଛି। ତେଣୁ ଏବେ ଯେମିତି ବିଜେଡି ଅମଳରେ ଆଦିବାସୀମାନେ ବ୍ୟକ୍ତିଗତ ଓ ସାମୁହିକ ଜଙ୍ଗଲ ଜମି ସ୍ୱୀକୃତି ପତ୍ରରୁ ବଞ୍ଚିତ ହୋଇଥିଲେ ସେହିପରି ବଞ୍ଚିତ ହୋଇ ରହିବେ।




ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନେ ବିନା ଜଙ୍ଗଲ ଜମି ପଟ୍ଟାରେ ଅନେକ ସରକାରୀ କାର୍ଯ୍ୟକ୍ରମରୁ ବଞ୍ଚିତ ହେବେ। ତେଣୁ ସରକାର ୩୦ ହଜାର ପାଖାପାଖି ଗାଁକୁ ଜଙ୍ଗଲ ପରିଚାଳନାର ଅଧିକାର ଦେଇ ସମସ୍ତ ଜଙ୍ଗଲ ପରିଚାଳନା ଖର୍ଚ୍ଚ ଗ୍ରାମସଭା ମାଧମରେ କରାନ୍ତୁ। ବ୍ୟକ୍ତିଗତ ଭାବେ ଚାଷବାସ ପାଇଁ ବ୍ୟବହାର କରୁଥିବା ସମସ୍ତ ଆଦିବାସୀଙ୍କୁ ତୁରନ୍ତ ବ୍ୟକ୍ତିଗତ ପଟ୍ଟା ଯୋଗାଇ ଦିଅନ୍ତୁ। ବିଭିନ୍ନ ପ୍ରକାର ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ବିକ୍ରୀ ପାଇଁ ଗ୍ରାମସଭା ସ୍ତରରେ କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ। ଉପସ୍ଥିତଥିବା ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଆଦିବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା। ଏହି ବିଜେପି ସରକାର ଆଗାମୀ ପାଞ୍ଚ ବର୍ଷରେ ଜଙ୍ଗଲ ଜମି ଆଇନକୁ ଛାରଖାର କରି ଦେବେ ବୋଲି ଜଣା ପଡୁଛି। ଜଙ୍ଗଲ ଅଧିକାର ଆଇନକୁ ସରକାର ଖୋଲାଖୋଲି ଉଲଂଘନ କରୁଛନ୍ତି। ଅନ୍ୟ କିଛି ବ୍ୟବସ୍ଥା ନହେଲା ପର୍ଯ୍ୟନ୍ତ ଆଦିବାସୀଙ୍କୁ ବିସ୍ଥାପିତ କରାଯାଇ ପାରିବ ନାହିଁ, ଜଙ୍ଗଲଜାତ ଦ୍ରବ୍ୟର ବିକ୍ରୀର ଅଧିକାର ଆଦି ପ୍ରଦାନ କରାଯାଉ। ଚୁଡା ମୁଢି କେନ୍ଦୁପତ୍ର ଉପରେ ଜିଏସଟି ହଟାଯାଉ। ଆଦିବାସୀ ଦୟାର ପାତ୍ର ନୁହେଁ, ଆଦିବାସୀ ଅଧିକାରର ଅଧିକାରୀ। ଜଙ୍ଗଲ ଉପରେ ତାଙ୍କର ନିଷ୍ପତ୍ତି ସର୍ବୋପରି ହେବା ଉଚିତ। ନକଲି ଗ୍ରାମସଭାକୁ ତୁରନ୍ତ ବନ୍ଦ କରାଯାଉ। ୨୦୦୬ ଆଇନ ଅନୁଯାଇ ଆଦିବାସୀଙ୍କ ସୁରକ୍ଷା ପ୍ରଦାନ କରାଯାଉ। କଂଗ୍ରେସ ସବୁବେଳେ ଆଦିବାସୀଙ୍କ ଅଧିକାର କଥା କହେ ସେଥିପାଇଁ ଆଇନ ମଧ କଂଗ୍ରେସ ସରକାର ଆଣିଥିଲା। ଆଦିବାସୀଙ୍କ ସୁରକ୍ଷା ତଥା ଅଧିକାର ହେଉଛି କଂଗ୍ରେସର ପ୍ରାଥମିକତା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ହିମାଂଶୁ ଲେଙ୍କା ପରିଚୟ ପ୍ରଦାନ ତଥା ଧନ୍ୟବାଦ ଅର୍ପଣ କରିଥିଲେ।

## ରାହୁଲଙ୍କୁ ଆର୍ଜେଣ୍ଟିନା ଜର୍ସି ପ୍ରଦାନ କଲେ ମେସି

**ହାଇଦ୍ରାବାଦ, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆର୍ଜେଣ୍ଟିନାର ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଏବେ ଭାରତ ଗସ୍ତରେ ଅଛନ୍ତି। ୧୪ ବର୍ଷ ମଧ୍ୟରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। କୋଲକାତାରେ ତାଙ୍କର ଅଭିଜ୍ଞତା ବହୁତ ଭଲ ନଥିଲା, କିନ୍ତୁ ହାଇଦ୍ରାବାଦରେ ସେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହ ଫୁଟବଲ୍ ଖେଳିଥିଲେ ଏବଂ ରାହୁଲ ଗାନ୍ଧୀଙ୍କୁ ଏକ ଜର୍ସି ମଧ୍ୟ ପ୍ରଦାନ କରିଥିଲେ। ଫୁଟବଲ ତାରକା ଲୁଇସ୍ ସୁଆରେଜ୍ ଏବଂ ରୋଡ୍ରିଗୋ ଡି ପଲ୍ ମଧ୍ୟ ମେସିଙ୍କ ସହ ହାଇଦ୍ରାବାଦରେ ଉପଭୋଗ କରିଥିଲେ। ଲିଓନେଲ୍ ମେସି ଟିକିଏ ବିଳମ୍ବରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ପହଞ୍ଚିଥିଲେ, କିନ୍ତୁ କ୍ୟାମେରା ଆଡକୁ ଚାହିଁ ପ୍ରଶଂସକଙ୍କ ଅଭିବାଦନ ଗ୍ରହଣ କରିବା ମାତ୍ରେ ଦର୍ଶକମାନେ ଆନନ୍ଦରେ ଫାଟି ପଡ଼ିଥିଲେ। ତିନି ଫୁଟବଲ୍ ଖେଳାଳି ମଧ୍ୟ ପିଲାମାନଙ୍କ ସହିତ ବହୁତ ମଜା କରିଥିଲେ। ରାହୁଲ ଗାନ୍ଧୀ ନିଜେ ତାଙ୍କ ଇନଷ୍ଟାଗ୍ରାମରେ ଲିଓନେଲ୍ ମେସିଙ୍କ ସହ ଫଟୋ ସେୟାର କରିଛନ୍ତି। ସେ ପ୍ରଥମେ ଏକ ଭିଡିଓ କ୍ଲିପ୍ ସେୟାର କରିଛନ୍ତି ଯେଉଁଥିରେ ସେ ଲିଓନେଲ୍ ମେସି, ରୋଡ୍ରିଗୋ ଡି ପଲ୍ ଏବଂ ଲୁଇସ୍ ସୁଆରେଜ୍ ସହିତ ଚାଲିବା ଏବଂ କଥାବାର୍ତ୍ତା କରୁଥିବାର ଦେଖାଯାଉଛି, ଏବଂ ସେମାନେ ଏକାଠି ଏକ ଫଟୋସୁଟ୍ ମଧ୍ୟ କରିଛନ୍ତି। ଅନ୍ୟ ଏକ ଫଟୋରେ, ଲିଓନେଲ୍ ମେସି ତାଙ୍କୁ ଏକ ଟି-ସାର୍ଟ ଉପହାର ଦେଉଥିବା ଦେଖାଯାଉଛି।

## ଲୁଟିନେଲେ ସୁନାଗହଣା

**କେନ୍ଦ୍ରାପଡ଼ା, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ କଜଳା ଗୋଲଡେନ୍ ଭିଲାରୁ ସଞ୍ଜୟ ଜେନାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି। ଏ ନେଇ ଶ୍ରୀ ଜେନା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ୧ ତାରିଖରେ ତାଙ୍କ ଘରୁ ଚୋରି ହୋଇଥିଲା। ଚୋରଙ୍କ ସଂକ୍ରାନ୍ତରେ ସେ ପୁଲିସକୁ ତଥ୍ୟ ଦେଇଥିଲେ। ଚୋରଙ୍କ ଫଟୋ ନିକଟସ୍ଥ ସିସିଟିଭିରେ କଏଦ ହୋଇଛି। ଚୋର ଜଣକ ଜଣେ ବ୍ୟକ୍ତିଙ୍କ କୋଠାରେ ଚଢି ଶୁଖା ହୋଇଥିବା ମହିଳାଙ୍କ ପୋଷାକ ପିନ୍ଧିଥିଲେ। ଏହାପରେ ସଞ୍ଜୟଙ୍କ ଘରେ ପଶି ଚୋରି କରିଥିଲେ। ଏହି ଫୁଟେଜକୁ ମଧ୍ୟ ସଞ୍ଜୟ ପୁଲିସକୁ ହସ୍ତାନ୍ତର କରିଛନ୍ତି। କଜଳାରେ ଏକ ଚୋର ରାକେଟ୍ ସକ୍ରିୟ ଅଛନ୍ତି। ଗତ ଏକ ମାସ ମଧ୍ୟରେ ୧୦ ଜଣଙ୍କ ଘରୁ ଚୋରି ହେଲାଣି। ପୁଲିସ ଚୋରଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରୁନଥିବାରୁ ଏହିପରି ବାରମ୍ବାର ଚୋରି ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଟାଉନ୍ ଥାନା ପୁଲିସ ସୂଚନା ଦେଇଛି।

## ଏନସି ହାଇସ୍କୁଲ ଜମିରୁ ହଟିଲା ଜବରଦଖଲ

**ବ୍ୟାସନଗର, ୧୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାସନଗର ପୌରାଂଚଳ ଏନସି ହାଇସ୍କୁଲ ଜମିରୁ ଜବଦ ଦଖଲ ହଟିଲା। ସ୍କୁଲ ଜମିକୁ ଦଖଲ କରି ଘର କରି ରହୁଥିବା ୬୫ ପରିବାରକୁ ପ୍ରଶାସନ ହଟାଇ ଦେଇଛି। ବାରମ୍ବାର ନୋଟିସ ପରେ ଜବଦ ଦଖଲକାରୀ ହଟୁନଥିବାରୁ ପ୍ରଶାସନ ପକ୍ଷରୁ ଆଜି ବଳ ପ୍ରୟୋଗ କରି ହଟାଇ ଦିଆଯାଇଛି। ୪ଟି ବୁଲଡୋଜ ଜବରଦଖଲ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ବେଳେ ବ୍ୟାପକ ପୁଲିସ ଫୋର୍ସ ମୂତୟନ ହୋଇଥଲା। ଏକର ଏକର ଜମିରେ ଛପରଘର ଠାରୁ ଆରମ୍ଭ କରି ଆଜବେଷ୍ଟ ଘର, ଜରିପାଲ ଘର ଏବଂ କୋଠାଘର ମାନ ନିର୍ମାଣ କରି ବସବାସ କରିବା ସହ ଭଡାରେ ଲଗାଇଥିଲେ ଏକାଧିକ ବ୍ୟକ୍ତି। ହାଇସ୍କୁଲ ଜମି ଦଖଲ କରି କିଛି ପରିବାର ନିଜକୁ ଥଇଥାନ କରିବା ପରେ ଏକ ବସ୍ତି ଗଢିଉଠିଥିଲା । ଯେଉଁ ବସ୍ତିରୁ ବିଭିନ୍ନ ସମୟରେ ପୁଲିସ ଏବଂ ଅବକାରୀ ବିଭାଗ ବ୍ରାଉନସୁଗାର ଜବତ କରିଥିଲା । ବସ୍ତି ଗଢିଉଠିବା କାରଣରୁ ହାଇସ୍କୁଲ ଜମି ସଂକୁଚିତ ହୋଇପଡୁଥିବାରୁ ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ, ସାଧାରଣ ଜନତା ତହସିଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଆସୁଥିଲେ। ବ୍ୟାସନଗର ତହସିଲ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ ହାଇସ୍କୁଲ ଜମି ଦଖଲ କରିଥିବା ପରିବାରକୁ ନୋଟିସ କରାଯାଇଥିଲା । ନୋଟିସରେ ଜମି ଦଖଲମୁକ୍ତ କରିବାକୁ କୁହାଯିବା ପୂର୍ବକ ସମୟ ଦିଆଯାଇଥିଲା । ମାତ୍ର ବାରମ୍ବାର ସମୟ ଦେବା ପରେ ଅନେକ ପରିବାର ନିଜର ଆବବାବପତ୍ର ଧରି ଚାଲିଯାଇଥିଲେ ହେଁ ଘର ଭାଙ୍ଗିନଥିଲେ । ଆଜି ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ନେତୃତ୍ୱରେ ଉଚ୍ଛେଦ ଆରମ୍ଭ ହୋଇଥିଲା ।

# ମହାନଦୀ ବିବାଦକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର, ୧୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ ଜଳ ବିବାଦକୁ ନେଇ ଶାସକ-ବିରୋଧୀ ଟଣାଓଟରା। ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନବାଣ, ଧୋଇଦେଲେ ଜୟ ନାରାୟଣ ମିଶ୍ର। ବିଜେପି-ବିଜେଡି ମୁହାଁମୁହିଁ। ଟ୍ରିପଲ ଇଞ୍ଜିନ ସରକାରରେ ସମାଧାନ କେବେ ପଚାରିଥିଲେ ବିଜେଡି ନେତା। ମହାନଦୀ କଳିର ସୃଷ୍ଟି କର୍ତ୍ତା ସେତେବେଳର ବିଜେଡି ସରକାର କହି ମୁହଁ ବନ୍ଦ କରିଦେଲେ ଜୟ। ଆସନ୍ତା ୨୨ ତାରିଖରେ ମହାନଦୀ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ବସିବ। ଏହା ପୂର୍ବରୁ ପ୍ରେସମିଟ୍ କରି ବିଜେଡି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସରକାରଙ୍କୁ ଘେରିଥିଲେ। ମହାନଦୀ ବିବାଦର ସମାଧାନ କେବେ ବୋଲି ୫ଟି ପ୍ରଶ୍ନ ପଚାରିଥିଲେ। ଏବେ ବିଜେପି ନେତା ତଥା ମହାନଦୀ କମିଟି ସଦସ୍ୟ ଜୟ ନାରାୟଣ ମିଶ୍ର ତାଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି।

ଜୟ କହିଛନ୍ତି ଯେ, ମହାନଦୀ ଜଳ ବିବାଦର ସୃଷ୍ଟି କର୍ତ୍ତା ହେଉଛି ସେତେବେଳେର ବିଜେଡି ସରକାର। ତେଣୁ ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ଉପଦେଶ ଦେଇଥିଲେ ଭଲ ହୋଇଥାନ୍ତା। ମହାନଦୀ ପାଇଁ ଗଠନ ହୋଇଥିବା କମିଟିର ପ୍ରଥମ ବୈଠକ ଆସନ୍ତା ୨୨ ତାରିଖରେ ବସିବ।

**ମହାନଦୀକୁ ହତ୍ୟା ଲାଗି ଷଡ଼ଯନ୍ତ୍ର: ପ୍ରସନ୍ନ**
**କଳିର ସୃଷ୍ଟିକର୍ତ୍ତା ବିଜେଡି: ଜୟ**

ସେହିଠାରେ ରାଜ୍ୟ ତରଫରୁ କଣ କଣ ପଦକ୍ଷେପ ନିଆଯିବ ସେନେଇ ବିଶେଷ ଆଲୋଚନା ହେବ। ମହାନଦୀ ବିବାଦର ସମାଧାନ ପାଇଁ ବିଜେଡି ୨୪ ବର୍ଷ ଭିତରେ କିଛି କଲେ ନାହିଁ। ମହାନଦୀରେ ଯେତେ ପାଣି ଆସୁଛି ସବୁ ସମୁଦ୍ରକୁ ଚାଲିଯାଉଛି। ୩ଟି ଡ୍ୟାମ ମଧ୍ୟ କରି ପାରିଲେ ନାହିଁ। ସରକାର ଏକ ଏକ୍ସପର୍ଟ କମିଟି ଗଠନ କରନ୍ତୁ । ସେହି ଅନୁସାରେ କାମ ହେବା ଉଚିତ। ଏହାସହ ଆମ ସରକାର ପାରୁ ପର୍ଯ୍ୟନ୍ତ ଏ ବିବାଦର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି। ହେଲେ ଏହାକୁ ନେଇ ବିଜେଡି କେବେ ସନ୍ତୁଷ୍ଟ ନୁହେଁ। ଏହା ତାଙ୍କ ଚରିତ୍ର। ତାଙ୍କ ସରକାର ସମୟରେ ଅନେକ କମିଟି ଗଠନ କଲେ। ହେଲେ ଗୋଟିଏ ମଧ୍ୟ ବୈଠକ ବସିଲା ନାହିଁ। ମହାନଦୀର ଜଳକୁ କିପରି ଉପଯୋଗ କରାଯାଇ ପାରିବ ସରକାର ତା ଉପରେ ଗୁରୁତ୍ୱ ଦେଉଛନ୍ତି। ଆଗକୁ ଏହାକୁ ଅଧିକ ବ୍ୟାପକ କରାଯିବ।

ଏହା ସହ ବରିଷ୍ଠ ବିଜେଡି ନେତା ସରକାରଙ୍କୁ ଟାର୍ଗେଟ୍ କରି କହିଥିଲେ ଯେ, ଗତ କିଛି ଦଶନ୍ଧି ହେଲା ମହାନଦୀକୁ ବିକଳାଙ୍ଗ କରିବାକୁ ହୀନ ଚକ୍ରାନ୍ତ କରାଯାଉଛି। ଏହାର ଆର୍ତ୍ତ ଚିତ୍କାର ନା କେନ୍ଦ୍ର ସରକାର ଶୁଣୁଛନ୍ତି ନା ଛତିଶଗଡ ସରକାର ଶୁଣୁଛନ୍ତି। ଓଡିଶାର ବିନା ସହମତିରେ ଆନ୍ତଃରାଜ୍ୟ ନଦୀଜଳ ସମ୍ପର୍କିତ ସମସ୍ତ ବିଧି ବିଧାନକୁ ବେଖାତିର କରି ଛତିଶଗଡ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି। କେନ୍ଦ୍ର ସରକାର ଶୁଣି ସାକ୍ଷୀ ମାତାଲ୍ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି । ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ୍ ପରେ ବ୍ୟାରେଜ୍ ନିର୍ମାଣ କରୁଛନ୍ତି। ମହାନଦୀର ଜଳସ୍ରୋତକୁ ମନଇଚ୍ଛା ନିଜ ଅଧିନରେ ରଖି ଓଡିଶାରେ ନଦୀର ଧାରକୁ ଶୁଷ୍କ ଓ ନିରସ କରି ଦେଇଛନ୍ତି। ଏହି ପ୍ରକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ।

କେନ୍ଦ୍ର, ଛତିଶଗଡ ଓ ଓଡିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖୁଥିଲେ। ହେଲେ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆକାଶ କଇଁଆ ଚିଲିକା ମାଛରେ ପରିଣତ ହୋଇଛି। ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ । ମହାନଦୀ ଜଳ ଟ୍ରିବୁନାଲ ନିକଟରେ ମାମଲାଟି ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପଡି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶଜନକ।

## ପ୍ରଥମ ପୃଷ୍ଠାରୁ...

### ମେସିଙ୍କୁ ନେଇ ମାହୋଲ...

ଆଗମନ ଦୁଃସ୍ୱପ୍ନରେ ପରିଣତ ହୋଇଛି। ମେସି ଆଜି ମଧ୍ୟାହ୍ନରେ କୋଲକାତାର ସଲ୍ଟ ଲେକ ଷ୍ଟାଡିୟମରେ ପହଞ୍ଚିଥିଲେ। ସେ ପହଞ୍ଚିବା ମାତ୍ରେ ତାଙ୍କୁ ରାଜନେତା, ପୁଲିସ୍ ଅଧିକାରୀ, ବିଭିନ୍ନ ବରିଷ୍ଠ ଅଧିକାରୀ ଓ ଆୟୋଜକମାନେ ଘେରି ଯାଇ ଫଟୋ ଉଠାଇବାକୁ ଚେଷ୍ଟା କରିଥିଲେ। ଷ୍ଟାଡିୟମରେ ପୂର୍ବରୁ ମେସିଙ୍କୁ ଦେଖିବାକୁ ଅପେକ୍ଷା କରିଥିବା ଲୋକମାନେ ବିଶିଷ୍ଟ ବ୍ୟକ୍ତିଙ୍କ ଭିଡ ଯୋଗୁ ନିଜର ପ୍ରିୟ ଫୁଟବଲରଙ୍କୁ ଦେଖି ପାରି ନଥିଲେ।

ମେସି ଭିଡ ଦେଖି ମଧ ଚକିତ ହୋଇଥିଲେ। ଏହା ଫ୍ୟାନ୍ସମାନଙ୍କୁ ବ୍ୟଥିତ କରିଥିଲା। ସେମାନେ ନିଜର ଅସନ୍ତୋଷ ପ୍ରକାଶ କରି ଭଙ୍ଗା ରୁଜା ଆରମ୍ଭ କରିଥିଲେ। ମେସିଙ୍କୁ ଶତାଧିକ ଲୋକ ଘେରି ଯିବାରୁ ସତାଦ୍ରୁ ମଧ ମାଇକ ଯୋଗେ ପଛକୁ ଘୁଞ୍ଚିବାକୁ କହିଥିଲେ। ହେଲେ ସ୍ଥିତି ସମୟ ବିତିବା ସହ ଅଧିକ ବିଗିଡି ଯାଇଥିଲା। ମେସି ବାଧ ହୋଇ ପଡିଆ ମଧ ଛାଡିଥିଲେ।

ଘଟଣା ପରେ ପୁଲିସ୍ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ କରି ସତାଦ୍ରୁଙ୍କୁ ଗିରଫ କରିଛି। ସେହିପରି ଆୟୋଜକମାନେ ଫ୍ୟାନ୍ସ ଟିକେଟ ଫି’ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିବା ପୁଲିସ୍ ସୂଚନା ଦେଇଛି। ଅନେକ ଫ୍ୟାନ୍ସ ମେସିଙ୍କୁ ଦେଖିବା ପାଇଁ ୧୨ରୁ ୨୫ ହଜାର ଟଙ୍କା ଦେଇ ଟିକେଟ କାଟିଥିବା କହିଥିଲେ।

ଅନ୍ୟପକ୍ଷରେ ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଓ ତାଙ୍କ ଫ୍ୟାନ୍ସଙ୍କୁ କ୍ଷମା ମାଗିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏଥିସହ ମେସିଙ୍କ କାର୍ଯ୍ୟକ୍ରମ ପାଇଁ ହୋଇଥିବା ଅବ୍ୟବସ୍ଥାକୁ ଦେଖି ସେ ପୂରା ସ୍ତବ୍ଧ ଓ କାହିଁକି ବିଶୃଙ୍ଖଳା ହେଲା, ତା’ର ତଦନ୍ତ ଗୋଟିଏ କମିଟି କରିବ ବୋଲି ମମତା କହିଛନ୍ତି।

### ଯାହା ମିଳିଲା...

ସମାଲୋଚନା କଲେ କ’ଣଟା ମିଳିବ ? ସେମାନେ କେବଳ ସମାଲୋଚନା କରନ୍ତି।

ଶ୍ରୀ ମିଶ୍ର ଆହୁରି କହିଛନ୍ତି, ପ୍ରଥମ କଥା ହେଉଛି ଏଇଟା ଆମର ଦରମା ନୁହେଁ। ଦ୍ୱିତୀୟ କଥା, ଆମ ନିର୍ବାଚନ ମଣ୍ଡଳୀରେ ଯେଉଁ ଗାଡି ବୁଲୁଛି, ତା’ର ତେଲ ଖର୍ଚ୍ଚ ହେବ ନାହିଁ କି ? ଆମେ ଟେଲିଫୋନ ଧରୁଛୁ, ତା’ର ଖର୍ଚ୍ଚ ହେବନି କି ? ଯିଏ ଆସିଲେ ଚା’ କପେ ଦେଉଛୁ। ନିଜ ନିର୍ବାଚନମଣ୍ଡଳୀର ଲୋକ ଆସିଲେ ଯଦି ଜଣେ ବିଧାୟକ ଖାଲି ଚା’ କପେ କପେ ଦେବେ, ତା’ହେଲେ ସର୍ବନିମ୍ନ ଲକ୍ଷେ ଟଙ୍କା ଖର୍ଚ୍ଚ ହେବ।

ସୂଚନାଯୋଗ୍ୟ, ବିଧାୟକଙ୍କର ବହୁଦିନର ଦାବି ନିକଟରେ ଶେଷ ହୋଇଥିବା ଶୀତକାଳୀନ ଅଧିବେଶନରେ ପୂରଣ ହୋଇଛି। ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଇଛି। ଏକାଥରେ ଅଢ଼େଇ ଗୁଣରୁ ଅଧିକ ବଢ଼ିଛି। ପୂର୍ବତନ ବିଧାୟକଙ୍କ ପେନ୍ସନରେ ବି ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ତିନିଟି ପୃଥକ୍ ବିଲ୍ ବିଧାନସଭାରେ ପାରିତ ହୋଇଛି। ୨୦୨୪ ଜୁନ୍ ମାସରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ। ଏଣିକି ପ୍ରତି ପାଞ୍ଚ ବର୍ଷରେ ବିଧାୟକଙ୍କ ଦରମା ସ୍ୱାଭାବିକ ଭାବେ ବୃଦ୍ଧି ହେବ। ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡିବ ନାହିଁ।

ଗୋଟିଏ ପଟେ ରାଜ୍ୟର ଶିକ୍ଷକମାନେ ସେମାନଙ୍କ ଦରମା ବୃଦ୍ଧି ନେଇ ଆନ୍ଦୋଳନ କରୁଥିବା ବେଳେ ଅନ୍ୟପଟେ ବିଧାନସଭାରେ ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଏବଂ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି ସଂପର୍କିତ ୩ଟି ବିଲ୍ ପାରିତ ହେବା ପରଠାରୁ ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି। ବିଧାୟକଙ୍କ ଦରମା ବୃଦ୍ଧିକୁ ବିଭିନ୍ନ ବର୍ଗରୁ ନାପସନ୍ଦ କରାଯାଉଛି।

### ସ୍କୁଲ ଛାତ୍ରଙ୍କ...

ବୁଦ୍ଧିଜୀବି ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାଟି ଜିଲ୍ଲାରେ ବନ୍ଧୁକ କାରବାରର ଗମ୍ଭୀରତାକୁ ପ୍ରଦର୍ଶନ କରିବା ସହିତ ଉତ୍ତରପୀଢ଼ି ଏକ ବିପଦଜନକ ପରିସ୍ଥିତି ଆଡ଼େ ମୁହାଁଉଥିବା କୁହାଯାଇଛି । ଏହି ଘଟଣା ପରେ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ସ୍କୁଲ ପରିସରରେ ନିରାପଦ ଶୈକ୍ଷିକ ପରିବେଶ ପାଇଁ ଏବେ ଠାରୁ ପୋଲିସ ଓ ଶିକ୍ଷା ବିଭାଗ ସତର୍କ ନରହିଲେ ନେଡ଼ିକୁଡ଼ କହୁଣିକୁ ବୋହିଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି।

### ପ୍ରତିବର୍ଷ ୨ ଲକ୍ଷ...

କିନ୍ତୁ ଆକଳନ କେବଳ ବୃଦ୍ଧି ପାଉଛି। ଗତ ତିନି ବର୍ଷ ମଧ୍ୟରେ ବିଦେଶୀ ନାଗରିକଙ୍କ ସହ ଜଡିତ ୯.୪୫ ଲକ୍ଷ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ଅଧିକାଂଶ ଭାରତୀୟ ବିଦେଶୀ ନାଗରିକ କାର୍ଡ ଧାରକଙ୍କ ସହ ଜଡିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୦୨୪-୨୫ ମଧ୍ୟରେ ବିଦେଶରେ ରହୁଥିବା ଭାରତୀୟଙ୍କ ସହ ଜଡିତ ଅଭିଯୋଗ ସଂଖ୍ୟା ଉପରେ ଏକ ପ୍ରଶ୍ନର ଉତ୍ତରରେ, ଏମଓଏସ କହିଛନ୍ତି ଯେ ଏମଇଏ ୧୬,୧୨୭ ଅଭିଯୋଗ ପାଇଛି।

### ଜନଗଣନା ବେଳେ...

ସୂଚନା ଏକତ୍ର କରିବାର ଅଧିକାର ରହିଛି। ଜନଗଣନା ଅଧିନିୟମ କେବଳ ନାଗରିକଙ୍କ ଦାୟିତ୍ୱ ନୁହେଁ ଯଦି କେହି ଅଧିକାରୀ ଏହି ସରକାରୀ ଡ୍ୟୁଟି କରିବାକୁ ମନା କରନ୍ତି ଅଥବା ଡାଟାରେ ହେରଫେର କରନ୍ତି। ତାଙ୍କୁ ମଧ୍ୟ ଦଣ୍ଡିତ ହେବାକୁ ପଡିପାରେ। ଏଥିରେ ଅଧିକାରୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ।

### ସ୍ୱାମୀକୁ ହତ୍ୟା...

ଟିମ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ସୂଚନା ମିଳିଛି। ଘଟଣାକ୍ରମେ ବାସୁଦେବପୁର ଗ୍ରାମର ବାପୁନି ମହାପାତ୍ର ଓ ସ୍ତ୍ରୀ ଲକି ନାୟକ ମଧ୍ୟରେ ବିଭିନ୍ନ କାରଣକୁ କେନ୍ଦ୍ର କରି ସଦାବେଳେ ପାଟିତୁଣ୍ଡ ହୋଇଥାଏ। ଫଳରେ ପରିବାରରେ ସଦାସର୍ବଦା ଅଶାନ୍ତି ଲାଗି ରହିଥିଲା। ତେବେ ଗତ ୨ ଦିନ ହେଲା ଘରେ ଶାଶୁ ଓ ଶ୍ୱଶୁର କେହି ନଥିବାର ସୁଯୋଗ ନେଇ ବୋହୂ ଲକି ସୁଚିନ୍ତିତ ଉପାୟରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀକୁ ହତ୍ୟା କରି ଘଟଣାଟିକୁ ଏକ ଆତ୍ମା ହତ୍ୟାର ରୂପ ଦେବା ପାଇଁ ପ୍ରୟାସ କରିଥିଲେ ହେଁ ପୁଅକୁ ବୋହୂ ହତ୍ୟା କରିଥିବା ନେଇ ପୁଅର ବାପା ମଧୁସୂଦନ ମହାପାତ୍ର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ ଏହି ଘଟଣାର ପ୍ରଚ୍ଛଦପଟ୍ଟରେ ଆଉ କିଏ କିଏ ଅଛନ୍ତି ସେ ସଂପର୍କରେ ପୋଲିସ ଅଧିକ ଖୋଳତାଡ କରୁଥିବା ଜଣାଯାଇଛି। ଏହି ଘଟଣା ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ମାଲକାନଗିରିରେ...

ଘଟଣାକୁ ନେଇ ଗତକାଲି ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗାଁ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଏଠାରେ ଏବେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ମୁଣ୍ଡବିହୀନ ମୃତଦେହରେ ଏକ ମାଟି ନିର୍ମିତ ମୁଣ୍ଡ ଲଗାଇ ଅନ୍ତିମ ସଂସ୍କାର କରାଯାଇଥିଲା। ମହିଳାଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ଏମଭି ୨୬ ଗାଁର ସୁଖରଞ୍ଜନ ମଣ୍ଡଳକୁ ପୁଲିସ ଗିରଫ କରିଥିଲା। ପରେ ମହିଳାଙ୍କ ମୁଣ୍ଡକୁ ନଦୀରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଉତ୍ତେଜନା ଥମିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ଇଣ୍ଟରନେଟରେ କଟକଣା ଜାରି କରାଯାଇଛି।

# ବର୍ଦ୍ଧିତ ପେନ୍‌ସନ ନେଇ ନଥିଲେ ଦୁଇ ବିଧାୟକ

**ଭୁବନେଶ୍ୱର, ୧୩।୧୨**
**ତଥ୍ୟ**

ଓଡ଼ିଶାର ବିଧାୟକମାନଙ୍କ ଭତ୍ତା ଓ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ବୃଦ୍ଧି ପ୍ରସଙ୍ଗରେ ସର୍ବସାଧାରଣରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟି ହେଉଥିବାବେଳେ ଅଧିକାଂଶ ବିଧାୟକ ଓ ପୂର୍ବତନ ବିଧାୟକ କିନ୍ତୁ ନିରବ ରହୁଛନ୍ତି। ତେବେ ଅତୀତରେ ଯେତେବେଳେ ପୂର୍ବତନ ବିଧାୟକଙ୍କ ପାଇଁ ପେନ୍‌ସନ ନିୟମ ଲାଗୁ କରାଗଲା ସେ ସମୟରେ କିଛି ବିଧାୟକ ଏହା ଗ୍ରହଣ କରିବାକୁ ରୋକ୍‌ଠୋକ୍ ଭାବେ ମନକରିବା ସହିତ କର୍ତ୍ତୃପକ୍ଷଙ୍କ ବୁଝାସୁଝା ସତ୍ତ୍ୱେ ବି ପେନ୍‌ସନ ନେଇନଥିବାର ନଜିର ରହିଛି ।

ଏଭଳି ଦୁଇଜଣ ପୂର୍ବତନ ବିଧାୟକ ହେଉଛନ୍ତି ଜୟକୃଷ୍ଣ ମହାନ୍ତି ଓ କିରଣ ଲେଖା ମହାନ୍ତି । ଜୟକୃଷ୍ଣ ମହାନ୍ତି ୧୯୪୬ ମସିହାରୁ ୧୯୫୭ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ଥିଲେ ଏବଂ ସେ ମୁଖ୍ୟ ସଚେତକ ଭଳି ଦାୟିତ୍ୱ ନିର୍ବାହ କରୁଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଦରମା ଓ ଭତ୍ତା ଆଇନ୍ ୧୯୫୪ରେ ଲାଗୁ ହୋଇଥିଲା । ସେହି ସମୟରେ ବି ଓଡିଆକୁ ସରକାରୀ ଭାଷା ଆଇନ୍, ଓଡିଶା ନିଶା ନିବାରଣ ଆଇନ୍, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଆଇନ୍, ଭାଗଚାଷୀ ଆଇନ୍, ଅଞ୍ଚଳ ଶାସନ ଆଇନ୍ ଆଦି ଅନେକ କ୍ରାନ୍ତିକାରୀ ବିଧି ବ୍ୟବସ୍ଥା ପ୍ରଣୟନ କରାଯାଇଥିଲା ।

୧୯୪୬ରୁ ଜୟକୃଷ୍ଣ ମହାନ୍ତି ଅବିଭକ୍ତ କାକଟପୁର, ଗୋପ, କୋଣାର୍କ ଆଦି ଅଞ୍ଚଳର ବିଧାୟକ ଥିଲେ, ଯେଉଁ ସମୟରେ ବିଧାନସଭାର ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ୫୬ ରହିଥିଲା । ସମ୍ବିଧାନ ଲାଗୁହେବାପରେ ସେ ୧୯୫୨ରେ ପିପିଲି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । ଏହି ବରିଷ୍ଠ କଂଗ୍ରେସନେତା ସ୍ୱାଧୀନତା ଆନ୍ଦୋଳନ ସମୟରେ ବାରମ୍ବାର କାରାବରଣ କରିବା ସହିତ ସେତେବେଳେ କଂଗ୍ରେସ ସଂଗଠନ ଦାୟିତ୍ୱରେ ଥିଲେ । ବିଧାନସଭା ସଦସ୍ୟଭାବେ ଜୟକୃଷ୍ଣ ମହାନ୍ତି ଯେଉଁ ଅର୍ଥ ପାଉଥିଲେ ତାହାକୁ କଂଗ୍ରେସକୁ ଦାନକରି ଦେଉଥିଲେ ଏବଂ ପରିବାର ପ୍ରତିପୋଷଣ ପାଇଁ ଦଳ ପକ୍ଷରୁ ଯେତିକି ଅର୍ଥ ମିଳୁଥିଲା ସେଥିରେ ସେ କଷ୍ଟେ ମଷ୍ଟେ ଚଳୁଥିଲେ ।

କିରଣଲେଖା ମହାନ୍ତି ଥିଲେ ଜୟକୃଷ୍ଣଙ୍କ ସହଧର୍ମୀଣୀ । ବରି ସେବାଘରରେ ମା’ ରମାଦେବୀଙ୍କ ଦ୍ୱାରା ସେ ବଢିଥିଲେ ଏବଂ ୧୯୪୨ର ଭାରତଛାଡ ଆନ୍ଦୋଳନବେଳେ ଅଭୂତପୂର୍ବ ସାହସିକାର ପରିଚୟ ଦେଇ କାରାବରଣ କରିଥିଲେ । ମାଳତୀ ଚୌଧୁରୀ ବାଜିରାଉତ ଛାତ୍ରାବାସ ଆରମ୍ଭ କରିବାବେଳେ କିରଣଲେଖା ତାହାର ଅନ୍ୟତମ ତତ୍ତ୍ୱାବଧାରିକା ଥିଲେ । ଜୟକୃଷ୍ଣ ବି ଉତ୍କଳ ନବଜୀବନମଣ୍ଡଳ, ଉତ୍କଳ ଖଦିମଣ୍ଡଳ, ଗାନ୍ଧୀ ସ୍ମାରକନିଧି, ସର୍ବୋଦୟ ରିଲିଫ କମିଟି ଆଦି ବିଭିନ୍ନ ସଂଗଠନ ସହିତ ଜଡିତ ଥିଲେ। ୧୯୭୫ର ଜରୁରୀ ପରିସ୍ଥିତି ସମୟରେ ସେ ମଧ୍ୟ ୧୯ମାସ କାରାବରଣ କରିଥିଲେ ।

୧୯୭୭ରେ କିରଣ ଲେଖା ଜନତାପାର୍ଟିର ପ୍ରାର୍ଥୀ ଭାବେ ପିପିଲି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଏହି ଆଦର୍ଶ ଦମ୍ପତିଙ୍କର ସାଇକେଲଟିଏ ଛଡା ଅନ୍ୟ ଯାନବାହାନ ନଥିଲା । ଏମାନେ ଭୁବନେଶ୍ୱରରୁ ନିଜ ନିର୍ବାଚନମଣ୍ଡଳୀକୁ ବସ୍ ଓ ରେଳରେ ଯାଇ ସେଠାରୁ ରିକ୍ସା, ଶଗଡ, ସାଇକେଲ ଆଦିରେ ଗାଁ ଗଣ୍ଡାକୁ ଯାଉଥିଲେ । ଏମିତିକି ବିଧାନସଭା ଅଧିବେଶନରେ ଯୋଗ ଦେବାପାଇଁ ଚାଲି ଚାଲି କିମ୍ବା ରିକ୍ସାରେ ଆସୁଥିଲେ ।

ଓଡିଶା ସରକାର ବିଧାନସଭାରେ ସ୍ୱତନ୍ତ୍ର ବିଧେୟକ ଆଣି ପୂର୍ବତନ ବିଧାୟକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବା ଘଟଣାରେ ଜୟକୃଷ୍ଣ ଓ କିରଣଲେଖା ଗଣମାଧ୍ୟମରେ ଓ ସାଧାରଣ ସଭାରେ ଏହାର ଖୋଲା ବିରୋଧ କରିଥିଲେ। ସେମାନଙ୍କୁ ବହୁ ଅଧିକାରୀ ଓ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ପେନ୍‌ସନ ନେବାକୁ ପ୍ରବର୍ତ୍ତାଇଥିଲେ ମଧ୍ୟ ଏହି ଦମ୍ପତ୍ତି ବିଧାୟକ ପେନ୍‌ସନକୁ ରୋକଠୋକ୍ ଭାବେ ପ୍ରତ୍ୟାଖାନ କରିଥିଲେ ବୋଲି ସେମାନଙ୍କ ଉତ୍ତରାଧିକାରୀମାନେ କୁହନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଏବେ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ୩୦ ହଜାରରୁ ୮୦ ହଜାର, ଚିକିତ୍ସା ଭତ୍ତା ୨୫ହଜାର ଓ ଗସ୍ତଖର୍ଚ୍ଚ ୧୨,୫୦୦ ଟଙ୍କା କରାଯାଇଛି । ଫଳରେ ୨୦ବର୍ଷ ବିଧାୟକ ଥିବା ବ୍ୟକ୍ତି ଏବେ ମାସକୁ ୧ଲକ୍ଷ ୬୨ହଜାର ଟଙ୍କାରୁ ଅଧିକ ପେନ୍‌ସନ ପାଇବାକୁ ଯାଉଛନ୍ତି।

## ଟ୍ରଲର ଜବତ: ଆଠ କୋର୍ଟ ଚାଲାଣ

**ରାଜନଗର, ୧୩।୧୨ :**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଁଣଠାରୁ ୭କିଲୋମିଟର ଦୂରରେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଅନ୍ନପୂର୍ଣ୍ଣା-୮୫ ନାମକ ଟ୍ରଲରକୁ ଜବତ କରିଥିଲେ । ସେଥିରୁ ୮ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଦୁଇଟି ଭିଏଚଏଫ, ଗୋଟିଏ ଜିପିଏସ, ୯ଟି ଜାଲ ସହ ୪କ୍ୟୁଟାଂଲ ୭୦କି.ଗ୍ରା. ମାଛ ଜବତ କରିଥିଲେ । ଗିରଫ ମତ୍ସ୍ୟଜିବୀମାନେ ହେଲେ ଶଙ୍କର ମଣ୍ଡଳ, ଦିବାକର ଦାସ, ଜଡା ମଲ୍ଲିକ, ଜଗବନ୍ଧୁ ଦାସ, ପ୍ରଦୀପ ଦାସ, ଶିବ ଦାସ, ଭଷାଳୀ ମଲ୍ଲିକ, ଚନ୍ଦନ ମହାନ୍ତି । ଗିରଫ ମତ୍ସ୍ୟଜିବୀମାନେ କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି । ମତ୍ସ୍ୟଜିବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ କୋର୍ଟରେ ହାଜର କରାଯାଇଥିଲା । ଜାମିନି ନାମଂଜୁର ହେବାରୁ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ